


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com

• ବର୍ଷ–୩୨ • ସଂଖ୍ୟା–୩୦୫ • ୩ ଡିସେମ୍ବର ୨୦୨୫, ବୁଧବାର • ଭୁବନେଶ୍ୱର • Vol -32 • Issue-305 • 3rd December 2025, Wednesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିରୋଧୀଙ୍କ କକ୍ଷତ୍ୟାଗ

# ବିଧାନସଭାରେ ପାରିତ ହେଲା ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫

**ଭୁବନେଶ୍ୱର, ୨।୧୨**
**ନ୍ୟୁଜ୍ ବ୍ୟୁରୋ**






ମଙ୍ଗଳବାର ବିଧାନସଭାରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନଙ୍କ ଦୃଢ ପ୍ରତିବାଦ ଓ କକ୍ଷତ୍ୟାଗ ମଧ୍ୟରେ ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫ ପାରିତ ହୋଇଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଗୃହରେ ବିଚାର ଏବଂ ପାରିତ ପାଇଁ ଆଗତ ହୋଇଥିବା ଏହି ବିଲ୍ ଉପରେ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ କାଳ ଧରି ସରଗରମ ଆଲୋଚନା ହୋଇଥିଲା। ଆରମ୍ଭରୁ ବିରୋଧୀ ଦଳର ବିଧାୟକମାନେ ଏହାକୁ ଜନବିରୋଧୀ ଓ ରାଜ୍ୟର ଜନତାଙ୍କ ପ୍ରତି ଅବିଶ୍ୱାସ ଏବଂ ବିଶ୍ୱାସଘାତକତା ବୋଲି ବର୍ଣ୍ଣନା କରି ବିରୋଧ କରିଥିଲେ। ବିଜେଡ଼ିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, କଂଗ୍ରେସ ବିଧାୟକ ସିଏସ୍ ରାଜନଏକ୍କା, ବିଲ୍‌କୁ ବିରୋଧ କରିବା ସହ ଏହା ଉପରେ ଅଧିକ ତର୍ଜମା ପାଇଁ ଏହାକୁ ସିଲେକ୍ଟ କମିଟିକୁ ପଠାଯାଉ ବୋଲି ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ ଏବଂ ସେଥିପାଇଁ ବଳିଷ୍ଠ ଯୁକ୍ତି ମଧ୍ୟ ଦର୍ଶାଇଥିଲେ। ହେଲେ ଏହି ସଂଶୋଧନ ପ୍ରସ୍ତାବ ବାଚନିକ ଭୋଟ୍‌ରେ କାଟ୍ ଖାଇଥିଲା।

ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଲ୍‌ର ବ୍ୟବସ୍ଥା ଓ ଉପାଦେୟତା ସମ୍ପର୍କରେ ଗୃହକୁ ଅବଗତ କରାଇବାକୁ ଯାଇ କହିଥିଲେ ଯେ, ଭାରତ ସରକାର ନାଗରିକମାନଙ୍କ ପାଇଁ ଏକ ବିଶ୍ୱସନୀୟ ଶାସନ ପଦ୍ଧତି ପ୍ରଣୟନ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଯେଉଁଥିରେ ମାତ୍ରାଧିକ ନିୟନ୍ତ୍ରଣ ଓ ଛୋଟ ଅପରାଧର କାରାଦଣ୍ଡ ବିଧାନ ଦ୍ୱାରା ବ୍ୟବସାୟ , ନାଗରିକ ଏବଂ ପ୍ରତିଷ୍ଠାନ ଉପରେ ହେଉଥିବା ଅତ୍ୟଧିକ କାର୍ଯ୍ୟାନୁଷ୍ଠାନର ବିଶ୍ଳେଷଣ କରାଯାଇଛି। ଏହାର ସମାଧାନ ପାଇଁ ଅନେକ କେନ୍ଦ୍ରୀୟ ଆଇନ୍‌ରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଛୋଟ ଛୋଟ ଅପରାଧ ପାଇଁ କାରାଦଣ୍ଡକୁ ସମାନୁପାତିକ ଦେଓ୍ୱାନୀ ଦଣ୍ଡରେ ଦଣ୍ଡିତ କରିବା ନିମନ୍ତେ ଜନବିଶ୍ୱାସ ଆଇନ୍-୨୦୨୩ ପ୍ରଣୟନ କରାଯାଇଛି। ଏହାକୁ ଅନୁଶୀଳନ କରି ଭାରତ ସରକାର ଜନବିଶ୍ୱାସ ବିଲ୍ ୨୦୨୫ ପ୍ରଣୟନ କରିଛନ୍ତି। ମଧ୍ୟ ପ୍ରଦେଶ ଛତିଶଗଡ, ଗୁଜୁରାଟ୍, ଏବଂ ତ୍ରିପୁରା ଭଳି କେତୋଟି ରାଜ୍ୟପୂର୍ବରୁ ସେମାନଙ୍କର ନିଜସ୍ୱ ଜନବିଶ୍ୱାସ ବିଲ୍ (ପୃଷ୍ଠା ୭ରେ)

# ପିଏମ୍‌ଓ ଏବେ ସେବାତୀର୍ଥ ନାମରେ ଜଣାଯିବ

**ନୂଆଦିଲ୍ଲୀ, ୨।୧୨**



ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନାମ ବଦଳିଲା । ଏବେ ଏହାକୁ ସେବାତୀର୍ଥ ନାମରେ ଜଣାଯିବ । କାରଣ ପିଏମଓର ନାଁ ବଦଳି ହୋଇଛି ସେବାତୀର୍ଥ । ଏହାର ଉଦ୍ଦେଶ୍ୟ ଶାସନରେ ସେବାର ଭାବନାକୁ ବଢାଇବା । କିଛି ଦିନ ଭିତରେ ଦେଶର ଅନେକ ରାସ୍ତା ଏବଂ ସରକାରୀ ଭବନ ଗୁଡିକର ନାମ ପରିବର୍ତ୍ତନ କରାଯିବ।

ସେହିପରି କେନ୍ଦ୍ର ସଚିବାଳୟର ମଧ୍ୟ ନୂଆ ନାମ ହୋଇଛି। ଏହା ବର୍ତ୍ତମାନ କର୍ତ୍ତବ୍ୟ ଭବନ ନାମରେ ଜଣାଶୁଣା ହେବ। ପିଏମଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ କହିବା ମୁତାବକ, ଏହି ପରିବର୍ତ୍ତନ କେବଳ ନାମ ଯାଏଁ ସୀମିତ ନାହିଁ ବରଂ ସରକାର ଜନତାଙ୍କ ସେବା ପାଇଁ ଉତ୍ସର୍ଗୀକୃତ ବୋଲି ବାର୍ତ୍ତା ଦେଉଛି । ଏହି ପରିବର୍ତ୍ତନ ଶାସନକୁ ପ୍ରାଥମିକତାର ନୂଆ ବିଚାରକୁ ଦର୍ଶାଇଥାଏ । ସମଗ୍ର ଦେଶରେ ଥିବା ରାଜଭବନ ନାମ ପରିବର୍ତ୍ତନ କରାଯାଇ ଲୋକ ଭବନ କରାଯାଇଛି ।

# ୨୦୨୭ ସୁଦ୍ଧା ସବୁ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ

**ଭୁବନେଶ୍ୱର, ୨।୧୨**
**ନ୍ୟୁଜ୍ ବ୍ୟୁରୋ**



୨୦୨୭ ମସିହା ସୁଦ୍ଧା ରାଜ୍ୟର ସବୁ ଗ୍ରାମରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଚାଲୁ ରହିଥିବା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ ଏବଂ ସବୁ ଘରେ ସମସ୍ତେ ପାଣି ପାଇବେ ବୋଲି ମଙ୍ଗଳବାର ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରକାଶ କରିଛନ୍ତି। ବିଜେଡ଼ି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଆରମ୍ଭ ହୋଇଥିବା ୨୦୭ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ଏଯାବତ୍ ୨୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆଉ ୬୬ଟି ପ୍ରକଳ୍ପର ୯୦ ପ୍ରତିଶତ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏସବୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ତ୍ୱରିତ ପଦକ୍ଷେପ ନିଆଯାଉଛି। ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଉଛି। ଏହା ଉପରେ ସରକାର ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହି ପ୍ରଶ୍ନ ଉପରେ ବିଧାୟକ ସର୍ବଶ୍ରୀ ସିଦ୍ଧାନ୍ତ ମହାପାତ୍ର, ସୁନୀଲ ମହାନ୍ତି, ପ୍ରତାପ ଚନ୍ଦ୍ର ନାୟକ, ସାରଦା ପ୍ରଧାନ, ସୁଜାତା ସାହୁ, ସୋଫିଆ ଫିର୍ଦୌଷ ପ୍ରମୁଖ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ଏହି ପ୍ରଶ୍ନୋତ୍ତର ଆଲୋଚନା ବେଳେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୌଷ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଉଠାଇ ତାହାର ଭିଜିଲାନ୍ସ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ବିଗତ ସରକାରଙ୍କ ସମୟରେ ପାଇପ୍ କିଣା ଯାଇଥିଲା ଓ ବିଛାଯାଇଥିଲା। ତାପରେ ଆଉ କିଛି କାମ ହୋଇନଥିଲା। ମାତ୍ର ୫୦ରୁ ୮୦ ପ୍ରତିଶତ ଅଗ୍ରୀମ ବା ଆଡଭାନ୍ସ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାକୁ ଦେଇ ଦିଆଯାଇଥିଲା। ଏକ୍ଷେତ୍ରରେ ବ୍ୟାପକ ଅନୀୟମିତତା ହୋଇଥିବାର ଯେଉଁ ଅଭିଯୋଗ ଆସିଛି ତାହାର ଉପଯୁକ୍ତ ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ଆସିଲା ଏସ୍‌ଓପି

**ଭୁବନେଶ୍ୱର, ୨।୧୨**
**ନ୍ୟୁଜ୍ ବ୍ୟୁରୋ**

୨୦୨୫-୨୬ ବର୍ଷ ଲାଗି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ଏସଓପି ଆସିଛି। ଏହି ଏସଓପି ଅନୁଯାୟୀ ସ୍କଲାରସିପ୍ ପାଣ୍ଠିକୁ ସିଧାସଳଖ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ । ବର୍ଷରେ ଜଣେ ଛାତ୍ର ମନୋନୀତ ହୁଅନ୍ତି ଏବଂ ଇ-ମେଧାବୃତ୍ତି ଛାତ୍ରବୃତ୍ତି ପାଆନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ପାଠପଢା ବନ୍ଦ କରି କଲେଜ ଛାଡିଦିଅନ୍ତି। (ପୃଷ୍ଠା ୭ରେ)

# ‘ସଞ୍ଚାର ସାଥୀ’ ଆପ୍‌ରେ ଜନତାଙ୍କୁ ଭ୍ରମିତ କରୁଛନ୍ତି ବିରୋଧି

**ନୂଆଦିଲ୍ଲୀ, ୨।୧୨**



କେନ୍ଦ୍ର ସଞ୍ଚାର ଏବଂ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଙ୍ଗଳବାର ଦିନ କହିଛନ୍ତି ଯେ ସଞ୍ଚାର ସାଥୀ ଆପ୍ ନେଇ ବିରୋଧି ଜନତାଙ୍କୁ ଭ୍ରମିତ କରୁଛନ୍ତି। ଶ୍ରୀ ସିନ୍ଧିଆ ସଂସଦଭବନ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସେ ଗୃହରେ ଏହି ଆପ୍‌ର ଉପଯୋଗିତା ଏବଂ ଏଥିରେ ଉପଭୋକ୍ତାଙ୍କୁ ମିଳିଥିବା ସୁରକ୍ଷାର ବିସ୍ତୃତ ବିବରଣୀ ଉପସ୍ଥାପିତ କରିଛନ୍ତି। ସଞ୍ଚାର ସାଥୀ ଆପ୍ କୌଣସି ଗୁଇନ୍ଦା ବା କଲ୍ ମନିଟିରିଂ ଟୁଲ୍ ନୁହେଁ, ପରନ୍ତୁ ଏହା ଜନଭାଗିଦାରୀର ସିଦ୍ଧାନ୍ତ ଉପରେ ଆଧାରିତ ଏକ ସୁରକ୍ଷା ଉପାୟ । ମନ୍ତ୍ରୀ କହିଛନ୍ତି ଯେ, “ଆମର ଦାୟିତ୍ୱ ଯେ ଉପଭୋକ୍ତାଙ୍କୁ ସାହାଯ୍ୟ କରିବା। ଉପଭୋକ୍ତାଙ୍କ ସୁରକ୍ଷା ଦେଖିବାର କଥା। ସଞ୍ଚାର ସାଥୀ ଏକ ଆପ୍ ଏବଂ ଏକ ପୋର୍ଟାଲ, ଯାହାର ଆଧାରରେ ପ୍ରତ୍ୟେକ ଉପଭୋକ୍ତା ନିଜର ସୁରକ୍ଷା ନିଜ ହାତରେ କରିପାରିବେ। ଏହା ଜନଭାଗିଦାରୀର ଏକ ପାଦ । ସେ କହିଲେ ଯେ ଏହି ପହଲରେ ଲୋକଙ୍କୁ ସ୍ୱାଗତ କରିବା ଦରକାର। ଏହି ଆପ୍‌ର ବ୍ୟବହାର ବୈପ୍ଳବିକ। ଯଦି ଆପଣ ଚାହାନ୍ତି, ତେବେ ଏହାକୁ ସକ୍ରିୟ କରନ୍ତୁ। ଯଦି ଆପ୍ ଚାହାନ୍ତି ନାହିଁ, ତେବେ ଏହାକୁ ସକିୟ ନକରନ୍ତୁ। ଶ୍ରୀ ସିନ୍ଧିଆ କହିଛନ୍ତି ଯେ ଏହି ପୋର୍ଟାଲ ମାଧ୍ୟମରେ ନାଗରିକଙ୍କୁ ଧୋକାବାଜିରୁ ସୁରକ୍ଷା ଦିଆଯାଇଛି। ଜନଭାଗିଦାରୀ ଆଧାରରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ବୁଧବାର ଘୋଷଣା ହେବ ଯୁକ୍ତ୨ ପରୀକ୍ଷା ତାରିଖ।
- କ୍ଷମା ମାଗିଲେ ଶୁଭଙ୍କର ମିଶ୍ର।
- ଖୁବଶୀଘ୍ର ଓଡ଼ିଶା ଦେଇ ବିହାରରେ ପହଞ୍ଚିବ ବିଶ୍ୱର ସବୁଠାରୁ ଉଚ୍ଚ ଶିବଲିଙ୍ଗ।
- ସମୁଦ୍ରତଟ ସୁରକ୍ଷା ବଢ଼ାଇବା ପାଇଁ ଭାରତୀୟ ନୌସେନାର ପଶ୍ଚିମ ତଟରେ ବୃହତ୍ ସୁରକ୍ଷା ଅଭ୍ୟାସ ଆରମ୍ଭ ।
- ଦେଶର ପ୍ରଥମ ବୃହତ୍ ବିମାନବନ୍ଦର ଭାବେ ଇନ୍ଦିରା ଗାନ୍ଧୀ ବିମାନବନ୍ଦର ‘ଜଳ-ଧନାତ୍ମକ’ ମାନ୍ୟତା ପାଇଲା।

## ସୁନା ଦର

୧. ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୯୮୭ (-୬୧)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୦୫ (-୫୫)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୪୧ (-୪୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୬ (+୦)

# ବୁଧବାର ଯାଏଁ ଲୋକସଭା ସ୍ଥଗିତ

**ନୂଆଦିଲ୍ଲୀ, ୨।୧୨**



ସଂସଦର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନ ମଙ୍ଗଳବାର ଲୋକସଭାର କାର୍ଯ୍ୟ ଦୁଇଥର ବାଧାପ୍ରାପ୍ତ ହେବା ପରେ ଦ୍ୱିପ୍ରହର ୨ଟାରେ ପୁନର୍ବାର ଆରମ୍ଭ ହୋଇଥିଲା, କିନ୍ତୁ ବିରୋଧୀଙ୍କ ଭୋଟର ତାଲିକାର ବିଶେଷ ଗଭୀର ପୁନଃନୀରିକ୍ଷଣ (ଏସଆଇଆର) ଉପରେ ଆଲୋଚନା କରାଇବା ପାଇଁ ଦାବି, ନାରାବାଜି ଓ ହଙ୍ଗାମା କାରଣରୁ ମାତ୍ର ପାଞ୍ଚ ମିନିଟ୍ ପରେ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବି କରାଯାଇଛି। ବିରୋଧୀ ସଦସ୍ୟମାନେ ଅଧକ୍ଷଙ୍କ ଆସନ ନିକଟକୁ ଯାଇ ନାରାବାଜି କରିବାରୁ ଗୃହର କାର୍ଯ୍ୟ ସଠିକ୍ ଭାବେ ଚାଲିପାରି ନଥିଲା। ପୀଠାସୀନ ଅଧିକାରୀ ଦିଲୀ ସାୟକିଆ ବିରୋଧୀ ସଦସ୍ୟମାନଙ୍କୁ ଶାନ୍ତ ହୋଇ ବସିବା ଓ ଗୃହରେ ଆଲୋଚନା ଚାଲିବାକୁ ଦେବା ପାଇଁ ଅନୁରୋଧ କରିଥିଲେ। ସେ କହିଥିଲେ, ଦେଶର ଜନତା ଗୃହର କାର୍ଯ୍ୟ ଦେଖୁଛନ୍ତି ଏବଂ ନିଜ ପ୍ରସଙ୍ଗର ଆଲୋଚନା ଶୁଣିବାକୁ ଚାହୁଁଛନ୍ତି। ସେ ବିରୋଧୀଙ୍କୁ ପୁଣି ଗୃହ ବାଧିତ କରିବା ଓ ୱେଲ୍‌ରେ ହଙ୍ଗାମା ନ କରିବା ପାଇଁ ଅନୁରୋଧ କରି କହିଥିଲେ ଯେ ଏହା ଜନତା ପାଇଁ କ୍ଷତିକାରକ। ତା’ପରେ ପୀଠାସୀନ ଅଧିକାରୀ କେବଳ ପାଞ୍ଚ ମିନିଟ୍‌ରେ, ଅର୍ଥାତ୍ ଦ୍ୱିପ୍ରହର ୨ଟା ୫ ମିନିଟ୍‌ରେ, ଗୃହ କାର୍ଯ୍ୟ ପର ଦିନ ଅର୍ଥାତ୍ ବୁଧବାର ସକାଳ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

# ୨୦୨୯ ପର୍ଯ୍ୟନ୍ତ ଅନ୍ୱେଷା ଯୋଜନା ଚାଲୁ ରହିବ

**ଭୁବନେଶ୍ୱର, ୨।୧୨**
**ନ୍ୟୁଜ୍ ବ୍ୟୁରୋ**



‘ଅନ୍ୱେଷା’ ଯୋଜନାରେ ଆଡ଼ମିଶନ ହୋଇନଥିବା କାରଣରୁ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ନାମ ଲେଖା-ପାଠପଢାରୁ ବଞ୍ଚିତ ହୋଇଥିବା ସମ୍ପର୍କରେ ମଙ୍ଗଳବାର ବିଧାନସଭାରେ ବିରୋଧ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ତେବେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏ ପ୍ରକାର ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଅଭିହିତ କରି ଖଣ୍ଡନ କରିଥିଲେ। ସେ କହିଥିଲେ, ୨୦୧୫-୧୬ ବର୍ଷ ଠାରୁ ରାଜ୍ୟର ୧୭ଟି ଜିଲ୍ଲାରେ ଅନ୍ୱେଷା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ଅନୁସୂଚିତ ବର୍ଗର ଛାତ୍ରଛାତ୍ରୀଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ଉଦ୍ଦେଶ୍ୟରେ ପାଠ ପଢିବା ଲାଗି ସମସ୍ତ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପୋଷାକ, ବହି, ପାଠପଢା ଉପକରଣ, ଯିବାଆସିବା ପାଇଁ ଗାଡ଼ିର ବ୍ୟବସ୍ଥା ଏବଂ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା ମଧ୍ୟ କରାଯାଇଛି। ୨୦୨୫-୨୬ରେ ଏହି ଯୋଜନାରେ ପ୍ରଥମ ଶ୍ରେଣୀରେ ନାମ ଲେଖା ହୋଇନଥିଲେ ମଧ୍ୟ ଆଗାମୀ ଦିନରେ ଏ ଦିଗରେ ଦୃଷ୍ଟି ଦିଆଯିବ। ୨୦୨୫-୨୬ରୁ ୨୦୨୯ ପର୍ଯ୍ୟନ୍ତ ଏହି ଯୋଜନାକୁ ଚାଲୁ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏବେ ଅନ୍ୱେଷା ଯୋଜନାରେ ୧୭ଟି ଜିଲ୍ଲାରେ ୧୬୩ଟି ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ୨୦୪୭୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଅନୁସୂଚିତ ଜନଜାତିବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ କ୍ଷେତ୍ରରେ ପଦକ୍ଷେପ ଗ୍ରହଣରେ କୌଣସି ଅବହେଳା କରିନାହାଁନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଜଣାଇଥିଲେ। ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବିଧାୟକ ଦାଶରଥୀ ଗମାଙ୍ଗ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁସୂଚିତ ଜାତି ବର୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧା ଦେବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚରମ ଅବହେଳା କରୁଛନ୍ତି ବୋଲି ଦର୍ଶାଇବା ସହ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଅନୁସୂଚିତ ବର୍ଗଙ୍କୁ ସଂପୂର୍ଣ୍ଣ ଭାବେ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ କରିଥିଲେ। ସେହିପରି ବିରୋଧୀ ଦଳରୁ ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଦୀପ ଦିଶାରୀ, ରଘୁରାମ ମାଛ, ଭାଦବ ହାଂସଦା, ରୂପ ଭାତ୍ରା ପ୍ରମୁଖ ଏହି ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳର ବିଧାୟକମାନେ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ।

# ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨।୧୨**
**ନ୍ୟୁଜ୍ ବ୍ୟୁରୋ**

ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଦଶଟି ଗଞ୍ଜେଇ ଚାଷ ପ୍ରବଣ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନ ଅଧିକାରୀ ଏବଂ ଅବକାରୀ ଅଧିକ୍ଷକମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ଶ୍ରୀମତୀ ଗର୍ଗ ନିଜ ଜିଲ୍ଲାରେ ଗଞ୍ଜେଇ ଚାଷପ୍ରବଣ ଅଞ୍ଚଳକୁ ଚିହ୍ନଟ କରି ଏହାର ମୂଳୋତ୍ପାଟନ ନିମିତ ମିଳିତ ଭାବେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ନିଜ ନିଜ ଅଞ୍ଚଳରେ ଗଞ୍ଜେଇ ଚାଷର ଅବସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ନିୟମିତ ସୂଚନା ପ୍ରଦାନ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବନ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ପରମର୍ଶ ଦେଇଥିଲେ । ଏହି ବୈଠକରେ ଅବକାରୀ କମିଶନର (ପୃଷ୍ଠା ୭ରେ)

## ଏକାଳ ପଖାଳ



ଜମିରେ ମିସିନି ଗର୍ଜନ କରୁଛି
ଶୁଭୁନି ହଳିଆ ଗୀତ
ନିଆଁ ପୁଇଁ ହେବା ଭୁଲିଲା ଏ ପିଢି
ହିଟରରେ ମାରେ ଶୀତ
ଗାଁ ନାହିଁ...ନାହିଁ ଗପ ମିତ
ସକାଳୁ ଭାତ ଖାଇବାକୁ ଲାଜ
ଦେଖି ମନେ ହୁଏ କ୍ଷତ।

# ବନ୍ୟପ୍ରାଣୀ-ମଣିଷ ଲଢେଇ : ୧୦ ବର୍ଷରେ ଗଲାଣି ୧,୩୯୬ ଲୋକଙ୍କ ଜୀବନ



**ଭୁବନେଶ୍ୱର, ୨।୧୨ : ନ୍ୟୁଜ୍ ବ୍ୟୁରୋ**

ବନ୍ୟପ୍ରାଣୀ ଓ ମଣିଷ ଲଢେଇରେ ଗଲା ୧୦ ବର୍ଷରେ ୧,୩୯୬ ଲୋକଙ୍କ ଜୀବନ ଗଲାଣି। ଏଥିସହିତ ଏହି ସଂଘର୍ଷରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀଙ୍କର ମୃତ୍ୟୁ ହେଲାଣି । ମଙ୍ଗଳବାର ବିଧାନସଭାରେ ଏଭଳି ତଥ୍ୟ ରଖିଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଓ ମଣିଷ ଲଢେଇ ମଧ୍ୟରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଛନ୍ତି । ଗତ ୧୦ ବର୍ଷରେ ୧,୩୯୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ଓ ଏଥିନିମନ୍ତେ ସରକାରଙ୍କ ଦ୍ୱାରା ୬୧୭୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ମୃତ୍ୟୁ ସଂଖ୍ୟାରେ ରୋକ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି, ଜଙ୍ଗଲ ନିଆଁରୁ ରକ୍ଷା, ଶୀକାର ନିରୋଧକ ଶିବିର, ପକ୍ଷୀ ସୁରକ୍ଷା ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନ କୌଶଳର ଉପଯୋଗୀତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନୀରିକ୍ଷଣ, ସ୍କ୍ୱାର୍ଡ ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ।

# ‘ଅପରେସନ୍ ସିନ୍ଦୁର’ ସମୟରେ ପାକିସ୍ତାନ ତାର ବନ୍ଦର ଛାଡିବାକୁ ସାହସ କରିନଥିଲା: ନୌସେନା ମୁଖ୍ୟ

**ନୂଆଦିଲ୍ଲୀ, ୨।୧୨**

ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ମଙ୍ଗଳବାର କହିଛନ୍ତି ଯେ ‘ଅପରେସନ ସିନ୍ଦୂର’ ସମୟରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ବାହକ ଯୁଦ୍ଧ ଗୋଷ୍ଠୀର ତୁରନ୍ତ ନିୟୋଜିତ ହେବା ପାକିସ୍ତାନୀ ନୌସେନାକୁ ନିଜ ବନ୍ଦରରେ ସୀମିତ ରଖିବାକୁ ବାଧ କରିଥିଲା। ସେ ଆଶା ପ୍ରକାଶ କରିଥିଲେ ଯେ ୨୦୨୯ ସୁଦ୍ଧା ଦେଶ ଫ୍ରାନ୍ସରୁ ଚାରୋଟି ରାଫେଲ ମେରାଇନର ପ୍ରଥମ ସେଟ୍ ପାଇବ। ବର୍ଷର ସଫଳତା ଉପରେ ପ୍ରତିଫଳିତ କରି ଆଡମିରାଲ ତ୍ରିପାଠୀ କହିଛନ୍ତି ଯେ ଗତ ନୌସେନା ଦିବସ ପରଠାରୁ, ଆମେ ଗୋଟିଏ ବୁଡ଼ାଜାହାଜ ଏବଂ ୧୨ଟି ଯୁଦ୍ଧଜାହାଜକୁ କାର୍ଯ୍ୟକ୍ଷମ କରିଛୁ। ଆଇଏନଏସ୍ ଉଦୟଗିରି ଆମର ୧୦୦ତମ ଯୁଦ୍ଧଜାହାଜ ଥିଲା, ଯାହା ଆମ ନିଜସ୍ୱ ବ୍ୟୁରୋ ଦ୍ୱାରା ଡିଜାଇନ୍ କରାଯାଇଥିଲା।

ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ, ନୌସେନା ମୁଖ୍ୟ ମେ’ ମାସରେ ବାୟୁ ସଂଘର୍ଷ ସମୟରେ ପାକିସ୍ତାନୀ ନୌସେନାକୁ ଶାନ୍ତ ରଖିବା ପାଇଁ ବାହକ ଯୁଦ୍ଧ ଗୋଷ୍ଠୀର ନିୟୋଜିତକୁ ମଧ୍ୟ ଶ୍ରେୟ ଦେଇଥିଲେ। ସେ ଦୋହରାଇଥିଲେ ଯେ ଅପରେସନ ସିନ୍ଦୁର ଏପର୍ଯ୍ୟନ୍ତ ଜାରି (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩ ଡିସେମ୍ବର, ୨୦୨୫ ବୁଧବାର





## ଶିକ୍ଷା ବିଭାଗ ପକ୍ଷରୁ ପେନସନ ବିଦାୟ ସମାରୋହ

# ଅବସର ଜୀବନକୁ ସୁଖମୟ ଓ ସାର୍ଥକ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ



ସୁବର୍ଣ୍ଣପୁର, **ନ୍ୟୁଜ ବ୍ୟୁରୋ:** ଜିଲ୍ଲା ଶିକ୍ଷା ପରିବାରର ଇତିହାସରେ ପ୍ରଥମ ଥର ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ସୋନପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଚାକରିର ଶେଷ ଦିନରେ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ପେନ୍ସନ ବିଦାୟ ସମାରୋହରେ ଯୋଗ ଦେଇଥିଲେ । ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଗଣ ମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଡ. ସାହୁ ଅନ୍ତିମ ପେନ୍ସନ ପତ୍ର ସହିତ ସ୍ମୃତିଫଳକ ହସ୍ତାନ୍ତର କରି ସୌମିତ୍ରି ପାଢ଼ୀ, ହିନ୍ଦୀ ଶିକ୍ଷକ, ଗଣେଶ୍ୱର ହାଇସ୍କୁଲ, ପଞ୍ଚମହଲା ଓ ସନ୍ତୋଷ କୁମାର ସାହୁ, ହିନ୍ଦୀ ଶିକ୍ଷକ, ମେଣ୍ଢା ହାଇସ୍କୁଲ ଓ ଚନ୍ଦିଆ ମାଝି, କନିଷ୍ଠ ସହାୟକ, ବଡକର୍ଲେଙ୍କୁ ସମ୍ମାନିତ କରିଥିଲେ । ଅବସର ଜୀବନ ଗୋଟେ ବାର୍ଦ୍ଧକ୍ୟ ନୁହେଁ ବୋଲି ଆପଣ ଯଦି ମନରେ ଭାବି ନେବେ, ଓ ସମୟ ସ୍ରୋତ ରେ ଯାହା ସବୁ ଘଟେ ତାକୁ ଯଦି ବାସ୍ତବ କ୍ଷେତ୍ରରେ ଗ୍ରହଣ କରିନେବେ ତାହେଲେ ପରବର୍ତ୍ତୀ ଜୀବନ ଟା ସୁନ୍ଦର ହୋଇଯିବ ବୋଲି ଡ଼. ସାହୁ ପ୍ରକାଶ କରିଥିଲେ । ପରିବାର, ମିତ୍ର ଓ ସମାଜ ପ୍ରତି ଆଗାମୀ ଜୀବନକୁ ଉତ୍ସର୍ଗ କରି ଜୀବନକୁ ସୁଖମୟ ଓ ସାର୍ଥକ କରିବାକୁ ପ୍ରେରଣା ଦେଇଥିଲେ । ମିନାରାଣୀ ମଙ୍ଗଳ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉତ୍ସାହ, ସମର୍ପଣ ଓ ସମୟୋପଯୁକ୍ତ କାର୍ଯ୍ୟସାଧନ ଓ ପରିବେଶ ସ୍ୱଚ୍ଛତା ପାଇଁ ଧନ୍ୟବାଦ ଦେଇଥିଲେ। ପେନ୍ସନ ପତ୍ର ସମୟୋପଯୁକ୍ତ ଭାବରେ ତିଆରି କରିବାରେ ମନୋରଞ୍ଜନ ନାୟକ, ହିସାବ ନିୟନ୍ତ୍ରକ, ଓଡ଼ିଶା ଓ ପଦାରବିନ୍ଦ ମହାପାତ୍ର, ସହ ହିସାବ ନିୟନ୍ତ୍ରକ, ଓଡ଼ିଶାଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ଏହି ପେନସନ ବିଦାୟ ସମାରୋହକୁ ଉପ ବିଭାଗୀୟ ଅଧିକାରୀ ଚିତ୍ତରଞ୍ଜନ ତରସିଆ ସଞ୍ଚାଳନା କରିଥିଲେ। ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇ ଥିଲା ।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶୋଭାଯାତ୍ରା



ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ରାଷ୍ଟ୍ରୀୟ ପୌଷ୍ୟ ସନ୍ତାନ ଗ୍ରହଣ ସଚେତନା କାର୍ଯ୍ୟକ୍ରମ ଅବସରରେ ଏକ ସାଇକେଲ ରାଲୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ପୌଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ବିଷୟରେ କହିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲୀନା ପଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପୌଷ୍ୟ ସନ୍ତାନ ଗ୍ରହଣର ବିଭିନ୍ନ ସୋପାନ ତଥା ଆବଶକୀୟ ତଥ୍ୟ ଉପସ୍ଥାପନ କରିଥିଲେ କ୍ଷ ଏହି ଅବସରରେ ଏକ ସଚେତନତା ସାଇକେଲ ରାଲୀକୁ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ସାହୁ ନିଜେ ସାଇକଲ ଚଲାଇ ରାଲିରେ ସାମିଲ ହେବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସମାଜକୁ ସଚେତନ କରାଯାଉଥିବା ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସୋନପୁର କଲେଜ ଏନସିସି, ପଦ୍ମିନୀ ଦେବୀ କଲେଜ, ମଡେଲ ଡ଼ିଗ୍ରୀ କଲେଜର ଛାତ୍ରଛାତ୍ରୀ ଓ ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଗୌତମ ମହାପାତ୍ର, ବିଜୟ ବିଶ୍ୱାଳ, ଥବିର କାଳସେ, ପ୍ରଶାନ୍ତ ମହାକୁଡ଼, ରୁଦ୍ର ପ୍ରସନ୍ନ ମିଶ୍ର, ଜିତେନ୍ଦ୍ର ମଣ୍ଡଳ, ସରିତା ସୁନା, ମାନିନୀ ମହାନ୍ତି, ମୃତ୍ୟୁଞ୍ଜୟ, ଅନିଲ ମହଲା ପ୍ରମୁଖ ଉପସ୍ଥିତ ଥିଲେ ।

# ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ମହିଳା ସଚେତନତା ଅଭିଯାନ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ ଡ଼. ରମେଶ ପ୍ରସାଦ ଡିଗ୍ରୀ ମହିଳା ମହା ବିଦ୍ୟାଳୟ ଠାରେ ମହିଳା ସଶକ୍ତି କରଣ ଓ ମହିଳା ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ପୋଲିସର ତତ୍ୱାବଧାନାରେ ଏବଂ ସ୍ୱର୍ଣ୍ଣ ଶିଖା ଚେରିଟେବୁଲ ଟ୍ରଷ୍ଟର ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନାରୀ ସୁରକ୍ଷିତ ଓ ସଶକ୍ତି କରଣ ହେଲେ ଆମ ଦେଶ ସମୃଦ୍ଧି ଶାଳୀ ହେବ ବୋଲି କହିଥିଲେ । ବକ୍ତା ଭାବରେ ବିନିକା ମହିଳା କଲେଜର ଅଧାପିକା ବୟନ୍ତୀ ସାହୁ ଯୋଗଦେଇ ମହିଳା ମାନଙ୍କ ସୁରକ୍ଷା ଓ ମୌଳିକ ଅଧିକାର ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଏସ ଡ଼ି ପି ଓ ହେମନ୍ତ ରାଓ, କଲେଜ ଅଧକ୍ଷ ରାଜୀବ ଲୋଚନ ବେହେରା, ସମାଜସେବୀ ଧର୍ମ ନିରଞ୍ଜନ ପଣ୍ଡା, ମଧୁମିତା ପରମ ଗୁରୁ, କଣ୍ଠ ଶିଳ୍ପୀ ଶାଶ୍ୱତ ତ୍ରିପାଠୀ ଯୋଗଦେଇ ମହିଳାଙ୍କୁ ସଚେତନ କରିଥିଲେ । ଏହି ଅବସର ରେ ସାଇବର ଅପରାଧ ଉପରେ ଏକ ନାଟକ ପ୍ରଦର୍ଶିତ ହୋଇଥିଲା । ପରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଭିନ୍ନ ପ୍ରତିଭା ମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା ୧ ସସ୍ମିତା ତ୍ରିପାଠୀ ସଭା ସଂଯୋଜନା କରିଥିବା ବେଳେ କଲେଜର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ । କଲ୍ୟାଣୀ ପାତ୍ର ଧନ୍ୟବାଦ ଦେଇଥିଲେ।

# ୭୯ ଶିକ୍ଷିତ ବେକାର ଯୁବକ-ଯୁବତୀଙ୍କ ଦକ୍ଷତା ବିକାଶ



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: କେନ୍ଦ୍ରାପଡା ଜିଲ୍ଲା ମଙ୍ଗଳ ବିଭାଗ ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ଉନ୍ନୟନ ବିଭାଗ ଦ୍ୱାରା ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୯ଗୋଟି କମ୍ପାନୀ (ପିଆଇଏ) ଦ୍ୱାରା ଜିଲ୍ଲାର ୪ ଗୋଟି ବ୍ଲକରୁ ୭୯ ଶିକ୍ଷିତ ବେକାର ଯୁବକ, ଯୁବତୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ । ଏଥିରେ ୯ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ଦିଆ ଯାଇଛି । କାର୍ଯ୍ୟକ୍ରମ ରେ ଅତିରିକ୍ତ ମଙ୍ଗଳ ଅଧିକାରିଣୀ ରଶ୍ମି ମୁରୀ ପ୍ରଧାନ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ରଜନୀକାନ୍ତ ନାୟକ, ଲିପିକା ପ୍ରିୟଦର୍ଶନୀ ବାରିକ, ଶୁଭ୍ରଜିତ ରାଉତ, ରଶ୍ମି ଦେବୀ, ବିଶ୍ୱଜିତ୍ ରଥ, ପୂଜାରିଣୀ ସ୍ୱାଇଁ, ପ୍ରଦୀପ ଦାସ, ଉମେଶ ଚନ୍ଦ୍ର ମାହାଳି, ସୁଦାମ ଚରଣ ମଲିକ, ଆଲୋକ ରଞ୍ଜନ ବାରିକ, ରାକେଶ ପାତ୍ର, ସଂଯୁକ୍ତା ପାତ୍ର, ରମେଶ ଜେନା, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର କୃଷ୍ଣକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବଳରାମ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ଟ ଅଫ ଲିଭିଂ ପକ୍ଷରୁ ରକ୍ତ ଦାନ ଶିବିର - ୮୦ ୟୁନିଟ ରକ୍ତ ସଂଗ୍ରହ




ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ଆର୍ଟ ଅଫ ଲିଭିଂ ହେପିନେସ ସେଣ୍ଟର ସୋନପୁର ଶାଖା ପକ୍ଷରୁ ଆଜି ନିଜସ୍ୱ ଅଫିସ ଗୃହ ଠାରେ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଏସପି ଶ୍ରୀ ନାରାୟଣ ନାଏକ ଯୋଗ ଦେଇ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପୁଷ୍ପ ପ୍ରଦାନ ପୂର୍ବକ ଏହି ଶିବିରକୁ ଶୁଭ ଉଦଘାଟନ କରିଥିଲେ ଓ ଉପସ୍ଥିତ ନୂଆ ରକ୍ତ ଦାତା କଲେଜ୍ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଓ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଜୀବନ ଦର୍ଶନ ଉପରେ ହୃଦୟ ସ୍ପର୍ଶୀ କଥା ସବୁ କହିଥିଲେ । ଅନ୍ୟତମ ଅତିଥି ଭାବରେ ଏ ଡି ଏମ୍ ଓ ଡ଼ାକ୍ତର ଦୁର୍ଗାଦତ୍ତ ଦାଶ, ଯୁବ ସଂଗଠକ ଅରବିନ୍ଦ ବାରିକ, ଶ୍ରୀବତ୍ସ ମଲ୍ଲିକ ଯୋଗ ଦେଇ ରକ୍ତ ଦାତାଙ୍କ ଉତ୍ସାହ ବଢାଇ ଥିଲେ। ସମସ୍ତ ରକ୍ତ ଦାତା ଙ୍କୁ ଅତିଥି ମାନଂକ ଦ୍ୱାରା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବାଧିକ ୭୨ ଥର ରକ୍ତ ଦାନ କରିଥିବା ସହର ର ସାହାରା ସ୍କୁଲ ପ୍ରଧାନ ଶିକ୍ଷକ ତଥା ସମାଜ ସେବୀ ଗତି କୃଷ୍ଣ ମିଶ୍ରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା । ଆଜି ର ଶିବିର ରେ ୮୦ ୟୁନିଟ ରକ୍ତ ସଂଗ୍ରହ କରାଗଲା । ଆଜିର ଏହି ମେଗା ରକ୍ତଦାନ ଶିବିରକୁ ଆର୍ଟ ଅଫ୍ ଲିଭିଙ୍ଗ୍‌ର ଟିଚର ଭାଗ୍ୟ ଲକ୍ଷ୍ମୀ ବେହେରା, ଅରବିନ୍ଦ ବାରିକ, ଆନନ୍ଦ କନସଲ୍,ଖୁସବୁ କନସଲ୍, ବିଶ୍ୱବୀର ମିଶ୍ର, ଶିବ ଜୋଶୀ, ଦିଲ୍ଲୀପ କର,ଚମ୍ପେଶ୍ୱର ସା, ଅର୍ଜୁନ ମେହେର,ପିୟୁଷ୍ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିବାବେଳେ ଡ଼ାକ୍ତର ଚିତ୍ତ ରଞ୍ଜନ ତ୍ରୀପାଠୀ, ରକ୍ତ ଭଣ୍ଡାରର ଟେକନିସିଏନ୍ ଜଗତ ଦରଓ୍ୱାନ, ସତ୍ୟବ୍ରତ ତାଣ୍ଡି, ଯୁଧିଷ୍ଠିର ନାଏକ, ଟଙ୍କଧର କଅଁର ପ୍ରମୁଖ ବିଭିନ୍ନ ପରୀକ୍ଷା ଓ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏଠାରେ ସହରର ବହୁ ବୁଦ୍ଧିଜିବୀ ସାମ୍ବାଦିକ ଯୋଗ ଦେଇ ଥିବା ବେଳେ ଆର୍ଟ ଅଫ ଲିଭିଂ ହେପିନେସ ସେଣ୍ଟର ସୋନପୁରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବିପଦ ଜନକ ଭାବେ ବୁହା ହେଉଛନ୍ତି ଶ୍ରମିକ




କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରୁ ଶ୍ରମିକ ମାନଙ୍କୁ ବିପଦ ଜନକ ଭାବେ ଟ୍ରାକ୍ଟର ଡାଲା, ଟାଟା ଏସି, ପିକଅପ ଭ୍ୟାନ, ଅଟୋ ଆଦି ଗୁଡିକ ଦ୍ୱାରା ବିପଦ ଜନକ ଭାବେ ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି । ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଘଟି ଜୀବନ ହାନୀ ହେବାର ଆଶଙ୍କା ଦେଖାଯାଉଛି । ସହର ଓ ଆଖପାଖ ଅଂଚଳରୁ ଶ୍ରମିକ ମାନଙ୍କୁ ନେବାପାଇଁ କର୍ମଯୋଗାଣ ସଂସ୍ଥା ଓ ଠିକାଦାର ମାନେ ଏହି ସବୁ ଯାନ ଗୁଡିକ ବ୍ୟବହାର କରି ବିପଦ ଶଙ୍କୁଳ ଅବସ୍ଥାରେ ନେଉଥିବାରୁ ଏହି ଶ୍ରମିକ ମାନଙ୍କ ପ୍ରତି ବିପଦ ଦେଖା ଦେଇଛି । ଏପରିକି କେନ୍ଦ୍ରାପଡା ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବସାଇବାକୁ ଥିବା ଖୁଣ୍ଟ ଗୁଡିକୁ ଗାଡିରେ ନେବାବେଳେ ତା ଉପରେ ଶ୍ରମିକ ମାନଙ୍କୁ ବସାଇ ବିପଦ ଜନକ ଭାବେ ବୁହା ଯାଉଥିବା ଦେଖିବାକୁ ମିଳୁଛି । ତେବେ ଏଭଳି ଶ୍ରମିକ ପରିବହନ କରିବା ବେଆଇନ ହୋଇଥିବା ବେଳେ ଏହାକୁ ଅଣଦେଖା କରାଯାଇ ଶ୍ରମିକ ପରିବହନ କରାଯାଉଥିବା ଘଟଣାକୁ ପ୍ରଶାସନ ଓ ପରିବହନ ବିଭାଗ ଅଣଦେଖା କରି ଦେଉଥିବା ଅଭିଯୋଗ ହେଉଛି । ତୁରନ୍ତ ଏହାର ପ୍ରତିକାର ପାଇଁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି ।

# ମୋଗଲ ତାମସାର ନିର୍ଦ୍ଦେଶକ ପାଇଲେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ଭଦ୍ରକ, ନ୍ୟୁଜ ବ୍ୟୁରୋ: ଜିଲ୍ଲା ରାନ୍ଦିଆ କୋରଂଟ ଗ୍ରାମର ଲୋକନାଟ୍ୟ ମୋଗଲ ତାମସାର ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ୨୦୨୪ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଅଛି। ଭୁବନେଶ୍ୱର ଲୋକ ସେବା ଭବନରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ବର୍ଣ୍ଣାଢ଼୍ୟ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିକଙ୍କୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସଂଗୀତ ନାଟକ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାବୁ ସିଂ, ଆକାଶ ଦାସ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବାରିକ ଲୋକ ନାଟ୍ୟ ମୋଗଲ ତାମସାରେ ଦୀର୍ଘଦିନ ଧରି ଅଭିନୟ କରି ସନାମ ଅର୍ଜନ କରିଥିବାବେଳେ ଜଣେ ସଫଳ ନିର୍ଦ୍ଦେଶକ ଭାବେ ମଧ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସେ ରାଜ୍ୟ ଓ ରାଜ୍ୟ ବାହେରେ ଲୋକ ନାଟ୍ୟ ମୋଗଲ ତାମସାକୁ ମଂଚସ୍ଥ କରିବା ସହିତ ପ୍ରସାର ଓ ପ୍ରଚାର କରାଇ ଲୋକ ନାଟ୍ୟ ମୋଗଲ ତାମସାକୁ ଉଜ୍ଜୀବିତ କରିବା ସଂଗେ ସଂଗେ ଭଦ୍ରକର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାର ନିଜକୁ ଉତ୍ସର୍ଗ କରିଛନ୍ତି। ବିମଳା ନାଟ୍ୟ ସଂସରେ ସମ୍ପାଦକ ରହି ବିଭିନ୍ନ ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଆସୁଛନ୍ତି। ସେ ଜଣେ ସୁସଙ୍ଗଠକ ଭାବରେ ବହୁ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରି ଆସୁଛନ୍ତି। ସେ ଜଣେ ସୁ ସଂଗଠକ ହିସାବରେ ବହୁ ଅନୁଷ୍ଠାନ ସହ ଜଡିତ ରହି ସାମାଜିକ ସାଂସ୍କୃତିକ ସାଂଗଠନିକ ଓ ସମାଜ କଲ୍ୟାଣ କାର୍ଯ୍ୟକରି ଲୋକ ପ୍ରିୟ ହୋଇ ପାରିଛନ୍ତି। ସେ କଳା ସଂସ୍କୃତିର ଅଭିବୃଦ୍ଧି କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ସେ ପୁରସ୍କାର ପାଇବା ପରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ପୁରସ୍କାର ପାଇବା ପରେ ଭଦ୍ରକ ତ୍ୟାଗଭୂମି ସମ୍ମେଳନ, ସାଇ ନୃତ୍ୟ ଏକାଡେମୀ, ମନ୍ଦିରା ନୃତ୍ୟ ଏକାଡେମୀ, ବଂଶିବଲ୍ଲବ ସାହିତ୍ୟ ସଂସ୍କୃତି ପରିଷଦ, ତିହିଡି କଳାକର ସଂଘର ପକ୍ଷରୁ ସଂକେତ ଭଦ୍ରକ, ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ କରାଯାଇଅଛି।

# ସାଂସଦଙ୍କ ସହିତ ରେଳ ଉପଭୋକ୍ତା ସଂଘର ଆଲୋଚନା



ବରଗଡ଼, ନ୍ୟୁଜ ବ୍ୟୁରୋ: ପୁସ୍ତକ ମେଳାର ଉଦଯାପନୀ ଉତ୍ସବରେ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ । ଏହି ସୁଯୋଗରେ ବରଗଡ଼ ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ସାଂସଦଙ୍କୁ ସାକ୍ଷାତ କରିଥିଲା। ପୂର୍ବରୁ ତାଙ୍କ ନେତୃତ୍ୱରେ ଭୁବନେଶ୍ୱର ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ବିଭିନ୍ନ ଦାବି ଜଣାଇଥିବା ତଥା ରେଳବାଇ ପକ୍ଷରୁ ଏହାର ନକାରାତ୍ମକ ଉତ୍ତର ବିଷୟରେ ଆଲୋଚନା କରିଥିଲେ । ବରଗଡ଼ରୁ ଭୁବନେଶ୍ୱରକୁ ସକାଳୁଆ ଇଣ୍ଟରସିଟି ଚଳାଇବା ପାଇଁ ତଥା ବିଶାଖାପାଟଣାରୁ ଅମୃତସର ଭାୟା ଟିଟିଲାଗଡ, ବରଗଡ଼ ଓ ସମ୍ବଲପୁର ସପ୍ତାହରେ ଚାରିଦିନ ଟ୍ରେନ ଚଳାଚଳ ପାଇଁ ଦାବି ଜଣାଯାଇଥିଲା। ଏହାର ଉତ୍ତରରେ ବିଭିନ୍ନ ଅସୁବିଧା ଦର୍ଶାଇ ଉକ୍ତ ଦୁଇ ଟ୍ରେନର ଚଳାଚଳ ସମ୍ଭବ ନୁହେଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଚିଠି ମାଧ୍ୟମରେ ସଂଘକୁ ଜଣାଇଛନ୍ତି। ବରଗଡ଼ବାସୀଙ୍କ ହିତକୁ ଦୃଷ୍ଟିରେ ରଖି ସଂଘ ଏହି ଦୁଇଟି ଦାବିକୁ ବାରମ୍ବାର ଉତ୍ଥାପନ କରି ଆସୁଅଛି ଏବଂ ପ୍ରତ୍ୟେକ ଥର ରେଳବିଭାଗ ବିଭିନ୍ନ ଆଳ ଦେଖାଇ ଏହାକୁ ଅଗ୍ରାହ୍ୟ କରି ଆସୁଅଛି। ତେଣୁ ବରଗଡ଼ ରେଳ ଉପଭୋକ୍ତା ସଂଘ ଏହି ନ୍ୟାଯ୍ୟ ଦାବିର ସମାଧାନ ପାଇଁ ଶେଷପନ୍ଥା ରେଳ-ରୋକୋ ଆନ୍ଦୋଳନ କରିବା ପାଇଁ ସ୍ଥିର କରିଛି। କିନ୍ତୁ, ଯେହେତୁ ସାଂସଦଙ୍କ ନେତୃତ୍ୱରେ ସଂଘ ଭୁବନେଶ୍ୱର ବୈଠକରେ ଭାଗ ନେଇଥିଲା, ତେଣୁ, ଏହାର ଆଶୁ ସମାଧାନ ପାଇଁ ମାନ୍ୟବର ସାଂସଦଙ୍କ ସହିତ ଆଲୋଚନା କରାଯାଇଥିଲା। ମାନ୍ୟବର ସାଂସଦ ରେଳମନ୍ତ୍ରୀ ତଥା ରେଲୱେ ବୋର୍ଡର ଚେୟାରମେନଙ୍କୁ ଭେଟି ଏହାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଥିଲେ ଏବଂ ସେ ପର୍ଯ୍ୟନ୍ତ ରେଳ ରୋକୋ ଭଳି ପଦକ୍ଷେପ ନ ନେବାକୁ ସଂଘକୁ ଅନୁରୋଧ କରିଥିଲେ। ସଂଘ ମଧ୍ୟ ମାନନୀୟ ସାଂସଦଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ବର୍ତ୍ତମାନ ପାଇଁ ଆନ୍ଦୋଳନକୁ ସ୍ଥଗିତ ରଖିଛି। ତେବେ ଯଦି ଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଯାଏ, ତେବେ ବାଧହୋଇ ରେଳରୋକୋ କରାଯିବ ବୋଲି ସ୍ଥିର କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ତୁଳସୀ ଚରଣ ଦାଶ, ଅଭୟ କୁମାର ଭୋଇ, ଉଦ୍ଧବ ଚରଣ ବେହେରା ଓ ଦେବୀ ପଟ୍ଟନାୟକ ତଥା ସ୍ଥାନୀୟ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସଦସ୍ୟ ପରେଶ ବିଶି ଏହି ଆଲୋଚନାରେ ଭାଗ ନେଇଥିଲେ ।

# କ୍ରିଷ୍ଣା ବିକାଶରେ ବାର୍ଷିକୋତ୍ସବ ଇଲେକ୍ଟ୍ରୋ ୨୦୨୫




ବରଗଡ, ନ୍ୟୁଜ ବ୍ୟୁରୋ: କ୍ରିଷ୍ଣା ବିକାଶର ୨୩ତମ ବାର୍ଷିକୋତ୍ସବ ଇଲେକ୍ଟ୍ରୋ ୨୦୨୫-୨୬ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ବାର୍ଷିକୋତ୍ସବରେ ଅତିଥିଗଣ ପ୍ରଥମେ ମଙ୍ଗଳଦୀପ ପ୍ରଜ୍ଜ୍ୱଳନ କରି ସଭାର ଉଦ୍‌ଘାଟନ କରିଥିଲେ । କ୍ରିଷ୍ଣା ବିକାଶର ଛାତ୍ରଛାତ୍ରୀମାନେ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ ଓ ସିନିୟର ସେକେଣ୍ଡାରୀ ଶାଖାର ଅଧକ୍ଷ ଚିତରଞ୍ଜନ ପତି ବାର୍ଷିକ ବିବରଣୀ ପାଠ କରିବା ସହିତ ସର୍ବ ଭାରତୀୟ ସ୍ତରରେ ଛାତ୍ରଛାତ୍ରୀମାନେ କିପରି କୃତୀତ୍ୱର ସହ ସଫଳତା ଅର୍ଜନ କରିଥିଲେ ତଥା ଶିକ୍ଷା ବ୍ୟତିରେକ ଅନ୍ୟାନ୍ୟ ଖେଳ, କ୍ରୀଡା, ସଙ୍ଗୀତ, ନୃତ୍ୟ କ୍ଷେତ୍ରରେ ନିଜର ଶ୍ରେଷ୍ଠ ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ସେ ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜ ଆଜି ବିକାଶ ଶିକ୍ଷାନୁଷ୍ଠାନ ଚେୟାରମେନ୍ ମୁରଲୀ କ୍ରିଷ୍ଣାଙ୍କ ମାର୍ଗଦର୍ଶନରେ ସର୍ବଭାରତୀୟ ସ୍ତରରେ ଏକ ଅଗ୍ରଗଣ୍ୟ ଶିକ୍ଷାନୁଷ୍ଠାନ ହୋଇପାରିଛି ବୋଲି ମତ ଦେବା ସହିତ ଏଠାକାର ଛାତ୍ରଛାତ୍ରୀମାନେ ସର୍ବଭାରତୀୟ ସ୍ତରରେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ ଶ୍ରୀ ଦାଶରୀ ମୁରଲୀ କ୍ରିଷ୍ଣା ନିଜ ବକ୍ତବ୍ୟରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କର ସମୂହ ଉନ୍ନତି ପାଇଁ କିଣ୍ଡର କସ୍ ?ମସ୍ ମାଧ୍ୟମରେ ସେମାନଙ୍କର ବୃତିଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ସତତ ଯତ୍ନଶୀଳ ରହୁଛି ବୋଲି ବ୍ୟକ୍ତ କରିବା ସହିତ ମେଣ୍ଟରିଙ୍ଗ୍ ପ୍ରୋଗ୍ରାମ ସାହାର୍ଯ୍ୟରେ ପ୍ରତ୍ୟେକ ଶିକ୍ଷକ କିପରି ଛାତ୍ରଛାତ୍ରୀମାନଙ୍କର ଅତି ନିକଟବର୍ତ୍ତୀ ହୋଇ ଏକ ଶୈକ୍ଷିକ ଦୃଢ଼ ସମ୍ପର୍କ ସ୍ଥାପନ କରୁଛନ୍ତି ତାହା ବ୍ୟକ୍ତ କରିଥିଲେ । କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହରେ ଟେକ୍ନୋ ପ୍ରୋଗ୍ରାମକୁ ପ୍ରାଧାନ୍ୟ ଦେଇ ସେମାନଙ୍କ ବୈଷୟିକ ଉନ୍ନତିରେ ଯୋଗଦାନ କରିପାରୁଥିବାରୁ ଶିକ୍ଷକମାନଙ୍କର ପ୍ରସଂସା କରିଥିଲେ । ପୁଣି କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସର୍ବଭାରତୀୟ ସ୍ତରରେ ଜେଇଇ, ନିଟ୍, ସିୟୁଇଟି ଶିକ୍ଷଣ ପ୍ରୋଗ୍ରାମକୁ ପ୍ରାଧାନ୍ୟ ଦେଇ ବିଶେଷ ସଫଳତା ପାଇପାରୁଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ । ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ବିବେକ ଦାଶରୀ ନିଜର ମନ୍ତବ୍ୟରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସବୁବେଳେ ଶିକ୍ଷା ବ୍ୟତିରେକ ଖେଳ, ଯୋଗ, ସଂଗୀତ, ନୃତ୍ୟ ଉପରେ ଅଧିକ ପ୍ରାଧାନ୍ୟ ଦେଇ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ପଥରେ ଅଗ୍ରସର ହେଉଛି ବୋଲି ମତବ୍ୟକ୍ତ କରିଥିଲେ ।

# ଭିନ୍ନକ୍ଷମଙ୍କ ପ୍ରତି ସମାବେଶୀ ଦୃଷ୍ଟିକୋଣ ସୃଷ୍ଟି ନିମନ୍ତେ ପଦକ୍ଷେପ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭିନ୍ନକ୍ଷମତା ସମ୍ପର୍କିତ ସଚେତନତା ତଥା ସମ୍ବେଦନଶୀଳତା ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ପୁନର୍ବାସ" ପକ୍ଷରୁ ଏକ ସଚେତନତାଧର୍ମୀ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଡିସେମ୍ବର ମାସ ୩ ତାରିଖକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଇ ଆସୁଅଛି । ସମାଜର ଭିନ୍ନକ୍ଷମବର୍ଗଙ୍କ ପ୍ରତି ଏକ ସମାବେଶୀ ଦୃଷ୍ଟିକୋଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କୁ ଥେରାପି ସେବା ତଥା ସେମାନଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଏହିପରି ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇ ଆସୁଅଛି । ଚଳିତ ବର୍ଷ ଚିତ୍ରାଙ୍କନ ନିମନ୍ତେ ବିଷୟ "ଏକ ସମ୍ମିଳିତ ସମାଜର ଚିତ୍ର" ରଖା ଯାଇଥିଲା । ଯେଉଁଥିରେ ସାଧାରଣ ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବ୍ୟତୀତ ସ୍ୱତନ୍ତ୍ର ସ୍କୁଲରେ ଶିକ୍ଷାଗ୍ରହଣ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଉପଦେଷ୍ଟା ବିରଜା ରାଉତରାୟ, ଉପ ସଭାପତି -ଜ୍ୟୋତିରଞ୍ଜନ ନାୟକ, କୋଷାଧକ୍ଷ -ଶିବଚରଣ ସାମଲ, ସଭ୍ୟ -ମହମ୍ମଦ ଜାହିଦ୍ ଖାନ୍, ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାକୁ ସଂଜୀବ କୁମାର ଜେନା, ଗୌତମ ବେହେରା, କେଦାରନାଥ ବାରିକ,ରାଜେନ୍ଦ୍ର ମହାପାତ୍ର, ପ୍ରଭାତ ସାମଲ ଓ ସଂଗ୍ରାମ ନାୟକ ପ୍ରମୁଖ ପରିଚାଳନା କରିଥିବାବେଳେ ବିଚାରକ ଭାବେ ଫଟୋଶିଳ୍ପୀ ରଶ୍ମିରଞ୍ଜନ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ ।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପୁରସ୍କାର ବଣ୍ଟନ



ରମ୍ଭା, ନ୍ୟୁଜ ବ୍ୟୁରୋ: ପ୍ରତିବର୍ଷ ଭଳି ଚଳିତ ବର୍ଷ ପାର୍କ ପରିସରରେ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ସଭାପତି ଦେବେନ୍ଦ୍ର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ-ଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷ, କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ଶ୍ରୀ ଦୀଲିପ କୁମାର ପାତ୍ର ଯୋଗ ଦେଇଛନ୍ତି। ବାର୍ଷିକ କ୍ରୀଡା ପୁରସ୍କାର କୃତି ଶିକ୍ଷାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ଲୋଚାପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଏଲ୍. ମୋହନ ଦାସ, ବରିଷ୍ଠ ଶିକ୍ଷା ବିତ ଚନ୍ଦ୍ର ଭାନୁ ନାୟକ, କ୍ରୀଡା ବିତ ସୁଶାନ୍ତ କୁମାର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଶିଶୁ ମାନଙ୍କ ମାନସିକତା ଏବଂ ଶିକ୍ଷା ଦାନ ଉପରେ ଟିପ୍ପଣୀ ପ୍ରଦାନ କରି ଉତ୍ସାହ ଓ ପ୍ରେରଣା ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତ ଗୁରୁମା ମାନଙ୍କର ଚେଷ୍ଟା ସମସ୍ତ ଅଭିଭାବକ ମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ଓ ସମ୍ପାଦକ ଜିତେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ ଦେଇ ଅତିଥିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଡିସେମ୍ବର ୨୦୨୫ ବୁଧବାର





# ଗଞ୍ଜାମ ଜିଲ୍ଲାରେ ୪୧ ସ୍କୁଲ୍‌ରେ ବିଦ୍ୟୁତ୍ ଓ ୯ଟିରେ ନାହିଁ ଶୌଚାଳୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ହେଲା ରାଜ୍ୟ ସରକାରଙ୍କ ମୁଖ୍ୟ ଦାୟିତ୍ୱ । ରାଜ୍ୟର ସମସ୍ତ ଘରେ ଶୌଚାଳୟ ସାଙ୍ଗକୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟ ରହିଛି । ତେବେ କିନ୍ତୁ ରାଜ୍ୟରେ ବହୁ ବିଦ୍ୟାଳୟକୁ ବର୍ତ୍ତମାନ ମଧ୍ୟ ବିଦ୍ୟୁତ୍ ସଂଯୋଗ ଓ ଶୌଚାଳୟ ନଥିବା ନଜରକୁ ଆସିଛି । ଗଞ୍ଜାମ ଜିଲ୍ଲାରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି । ଯାହାକୁ ନେଇ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ପଦାରେ ପଡ଼ିଛି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ବର୍ଗର ୯ଟି ବିଦ୍ୟାଳୟରେ ଶୌଚାଳୟ ସୁବିଧା ନଥିବା ବେଳେ ୪୧ଟି ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ବିଧାନସଭାରେ ରାଜ୍ୟର ବିଦ୍ୟାଳୟ ଗୁଡ଼ିକରେ ଶୌଚାଳୟ ବିଦ୍ୟୁତ୍ ସଂଯୋଗ ଓ ପାନୀୟ ଜଳଯୋଗାଣ ସମ୍ପର୍କିତ ତଥ୍ୟ ନେଇ ପ୍ରଶ୍ନ କରିଥିଲେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା । ଗତ ୨୮ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ଉତ୍ତର ରଖିଛନ୍ତି । ମନ୍ତ୍ରୀ ଦେଇଥିବା ତଥ୍ୟ ପ୍ରକାରେ ଗଞ୍ଜାମ ଜିଲ୍ଲାରେ ମୋଟ୍ ୩ ହଜାର ୩୬ଟି ବିଦ୍ୟାଳୟ ଥିବାବେଳେ ସେଥିମଧ୍ୟରୁ ୧୬ ଶହ ୬୫ଟି ପ୍ରାଥମିକ ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ୭ଟି ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟ ନଥିବା ବେଳେ ୩୭ଟି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନଥିବା ଜଣାପଡ଼ିଛି । ସେହିପରି ଜିଲ୍ଲାରେ ଥିବା ୯୪୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଗୋଟିଏ ବିଦ୍ୟାଳୟରେ ଶୌଚାଳୟ ନଥିବା ବେଳେ ୪ଟି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ । ମୋଟ୍ ୬୬ଟି ଉଚ୍ଚ ମାଧ୍ୟମିକ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ୍ ୧୩ ଲକ୍ଷ ୬୮ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଘୋର୍ ଅଭାବ ରହିଥିବା ବେଳେ ବର୍ତ୍ତମାନ ଶୌଚାଳୟ ଏବଂ ବିଦ୍ୟୁତ୍ ନଥିବା ପ୍ରସଙ୍ଗକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତ୍ୟେକ ଘରେ ଶୌଚାଳୟ ଓ ବିଦ୍ୟୁତ୍ ସଂଯୋଗ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି । ତେବେ ବର୍ତ୍ତମାନ ସରକାର ବିଦ୍ୟାଳୟ ଗୁଡ଼ିକରେ ଏଭଳି ଚିତ୍ର ଅନେକ ପ୍ରଶ୍ନ ସୃଷ୍ଟି କରିଛି । ପ୍ରତି ଶିକ୍ଷା ବର୍ଷରେ ବିଦ୍ୟାଳୟ ଗୁଡ଼ିକର ଉନ୍ନତି ସମେତ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷା ଦାନ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ବହୁ ବିଦ୍ୟାଳୟରେ ବିଦ୍ୟୁତ୍ ଓ ଶୌଚାଳୟର ସୁବିଧାନଥିବା ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ପ୍ରତିଦିନ ବିଦ୍ୟାଳୟଗୁଡ଼ିକରେ ୮ ଘଣ୍ଟାରୁ ଅଧିକ ସମୟ ଧରି ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ରହୁଛନ୍ତି । ଏଭଳି କ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକରେ ଶୌଚାଳୟ ଓ ବିଦ୍ୟୁତ୍ ନଥିବା କାରଣରୁ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସମସ୍ୟା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁବାର ଅଧିକାରୀଙ୍କୁ ଅବଗତ କରିଥିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବା ଜଣାପଡ଼ିଛି । ସେହିପରି କିଛି ବିଦ୍ୟାଳୟରେ ବିଦ୍ୟୁତ୍ ନଥିବା କାରଣରୁ ସୌରଶକ୍ତି ଜରିଆରେ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଜଣାପଡ଼ିଛି । ତେଣୁ ଉକ୍ତ ସମସ୍ୟାକୁ ଗୁରୁତ୍ୱ ସହ ଗ୍ରହଣ କରାଯାଇ ବିଦ୍ୟାଳୟଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ସହ ଶୌଚାଳୟ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ୧୪ ଦାଦନ ଶ୍ରମିକ ଉଦ୍ଧାର:ମଧ୍ୟସ୍ଥି ଗିରଫ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ଥାନା ପୋଲିସ ଚଢଉ କରି ଖପ୍ରାଖୋଲ ପାଟଣାଗଡ଼ ରାସ୍ତା ଦେଦର୍ହି ଛକ ନିକଟରୁ ୭ ଶିଶୁ ସମେତ ୧୪ ଦାଦନ ଶ୍ରମିକଙ୍କୁ ବେଆଇନ୍ ଚାଲାଣ ବେଳେ ରବିବାର ମଧ୍ୟାହ୍ନରେ ଉଦ୍ଧାର କରିଥିବା ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ କରିଥିବା ବେଳେ ଦାଦନ ଶ୍ରମିକ ମାନଙ୍କୁ ବସ୍ ଯୋଗେ ଚାଲାଣ କରୁଥିବା ଜାଣି ଚଢଉ କରି ଉଦ୍ଧାର କରିଥିଲେ । ଉଦ୍ଧାର ଶ୍ରମିକମାନେ ପାଟଣାଗଡ଼ ଥାନା ଆଇଁଲାପାଲି ଗାଁର ଓ ବରଗଡ ଜିଲ୍ଲା ବୁଡେନ୍ ଥାନା ଅମାବାହଲ ଗାଁର ହୋଇଥିବାବେଳେ ସମସ୍ତଙ୍କୁ ଇଟା କାମ ପାଇଁ ତେଲେଙ୍ଗାନା ରାଜ୍ୟ ହାଇଦ୍ରାବାଦ ନିକଟ ଏକ ଇଟାଭାଟିକୁ ଚାଲାଣ ହେଉଥିବା ଜଣାଯାଇଛି । ଏହି ଉଦ୍ଧାର ବେଆଇନ୍ ଦାଦନ ଶ୍ରମିକ ଚାଲାଣ ଅଭିଯୋଗରେ ମଧ୍ୟସ୍ଥି ବେଲପଡ଼ା ଥାନା ବେଲପଡ଼ା ଗାଁର ବିରଞ୍ଚି ମହାନନ୍ଦ (୩୮)କୁ ଖପ୍ରାଖୋଲ ପୋଲିସ ଗିରଫ କରିଥିବା ଜଣାପଡ଼ିଛି । ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୨୭୫/୨୫ରେ ଏକ ମାମଲା ରୁଜୁ କରି ଉଦ୍ଧାର ଶ୍ରମିକ ମାନଙ୍କୁ ନିଜ ଗାଁକୁ ପଠାଇ ଦେଇଥିବା ବେଳେ ଅଭିଯୁକ୍ତ ମଧ୍ୟସ୍ଥିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି ।

# ଭାରତର ସମସ୍ତ ଛାତ୍ରଛାତ୍ରୀଙ୍କୁ ଆମନ୍ତ୍ରଣ:ଆଇଆଇଟି ଖଡ଼ଗପୁର ଆୟୋଜନ କରୁଛି କ୍ଷିତିଜ ୨୦୨୬

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଇଆଇଟି ଖଡ଼ଗପୁର ତାହାର ପ୍ରତିଷ୍ଠିତ ବାର୍ଷିକ ଟେକ୍ନୋ–ମ୍ୟାନେଜମେଣ୍ଟ ଉତ୍ସବ କ୍ଷିତିଜ ୨୦୨୬କୁ ୧୬ ଜାନୁଆରୀରୁ ୧୮ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଆୟୋଜନ କରୁଛି । ଉତ୍ସବର ୨୩ ତମ ସଂସ୍କରଣରେ ୪୦ରୁ ଊର୍ଦ୍ଧ୍ୱ ଘଟଣା, ପ୍ରତିଯୋଗିତା, ୱର୍କଶପ୍, ଅତିଥି ବ୍ୟାଖ୍ୟାନ, ଇଣ୍ଟରାକ୍ଟିଭ୍ ସେସନ୍, ଏବଂ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ହେବ । ଯାହା ଦେଶର ଛାତ୍ର ଛାତ୍ରୀମାନଙ୍କୁ ଟେକ୍ନୋଲୋଜି ଏବଂ ପରିଚାଳନାର ସମ୍ପ୍ରତିର ଉନ୍ନତି ସମ୍ବନ୍ଧୀୟ ଅଦ୍ଭୁତ ପ୍ଲାଟ୍‌ଫର୍ମ ପ୍ରଦାନ କରିବ । ୧୬ ଜାନୁଆରୀରେ ଭବ୍ୟ ଉଦ୍‌ଘାଟନ ଆୟୋଜିତ ହେବ । ପ୍ରମୁଖ ଆକର୍ଷଣଗୁଡ଼ିକ ମଧ୍ୟରେ ଡିଆର୍‌ଡିଓ, ଇଣ୍ଡିଆନ୍ ଏୟାର୍ ଫୋର୍ସ ପରି ଶୀର୍ଷ ସଂସ୍ଥାଗୁଡ଼ିକଙ୍କ ପ୍ରଦର୍ଶନୀ, କାନାଡାନ୍ ଡ୍ରୋନ୍ ଲାଇଟ୍ ଶୋ, ଏକ ଅଟୋ ଏକ୍ସପୋ ସହ ବିଭିନ୍ନ ମନୋରଞ୍ଜନ ଘଟଣା ରହିଛି । ପୂର୍ବତନ ସଂସ୍କରଣଗୁଡ଼ିକରେ କ୍ଷିତିଜ ଫାଉଣ୍ଡର ଥାଇରୋକେୟାର ଡ. ଏ.ଭେଲୁମାନି, ହଟମେଲ ଫାଉଣ୍ଡର ସବୀର ଭାଟିଆ, ପ୍ରେରଣାଦାୟକ ବକ୍ତା ଏବଂ ପୂର୍ବତନ ସିଭିଲ୍ ସର୍ଭେଣ୍ଟ ଡ. ତାନୁ ଜୈନ, ଖ୍ୟାତନାମା ଶିକ୍ଷକ ଏବଂ ମେଣ୍ଟର ବିଜେନ୍ଦ୍ର ସିଂହ ଚୌହାନ ପରି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କୁ ଆମନ୍ତ୍ରଣ ହୋଇଛନ୍ତି, ଯାହାଙ୍କ ସେସନ୍‌ଗୁଡ଼ିକ ଦେଶର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଛି । ଏହିଥର କ୍ଷିତିଜ ଆହୁରି ଗତିଶୀଳ ଏବଂ ରୋମାଞ୍ଚକ ଅଭିଜ୍ଞତା ନେଇ ଆସୁଛି, ନବତା, ସୃଜନଶୀଳତା ଏବଂ ଶିଖ୍ୟାର ସମ୍ମିଳିତ ଏକ ଅସାଧାରଣ ଉତ୍ସବ, ଯାହା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଅମ୍ଳାନ ହେବ ।




ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

XII-23

****

ଅଧିସୂଚନା

No. RDM-LAB-GM-0027-2025- 29672 / R&DM, Dated 07 AUG 20

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଲିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ରାଜନାପଲ୍ଲୀ, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧.୨୩୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା । (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା 33756 dated 01.10.2024 ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ରାଜନାପଲ୍ଲୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩.୪୭୫ | ଏ ୧.୨୩୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(ମଧୁସ୍ମିତା ସାହୁ)

ଅତିରିକ୍ତ ଶାସନ ସଚିବ

ରାଜନାପଲ୍ଲି ଗ୍ରାମର ଜମିର ବିବରଣୀ

ମୌଜା – ରାଜନାପଲ୍ଲି ଜିଲ୍ଲା – ଗଞ୍ଜାମ

ତହସିଲ - ସାନଖେମୁଣ୍ଡି

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା (ଏକର ରେ) | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର ରେ) | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୪ | ୯୮୩ | ୦.୧୪୦ | ୦.୦୦୫ | ବିଲ ଅଣଜଳସେଚିତ ଏକ | ଅନୁ ନାୟକ ସ୍ୱା:ଭରତ ନାୟକ ଜା: ଦଣ୍ଡାସି ବା: ପୋଡ଼ାମାରୀ | |
| ୬୧ | ୯୭୦ | ୦.୨୪୦ | ୦.୧୨୫ | ବିଲ ଅଣଜଳସେଚିତ ଏକ | ମୋହନ ପାତ୍ର ପି:ବରଜ ପାତ୍ର ଜା: କୁଡୁମ ବା: ପୋଡ଼ାମାରୀ | |
| | ୯୭୨ | ୦.୨୨୫ | ୦.୦୯୫ | | | |
| ୬୪ | ୯୭୧ | ୦.୨୫୦ | ୦.୦୫୦ | ବିଲ ଅଣଜଳସେଚିତ ଏକ | ମୋହନ ପାତ୍ର ପି: ବରଜ ପାତ୍ର ଜା: କୁଡୁମ ବା: ପୋଡ଼ାମାରୀ, ହିରା ମଲ୍ଲିକ, ଜିରା ମଲ୍ଲିକ ପି: ଭୂଷଣ ମଲ୍ଲିକ, ଶ୍ରୀମତି ମଲ୍ଲିକ ସ୍ୱା: ତ୍ରିନାଥ ମଲ୍ଲିକ ଜା: କନ୍ଧ ବା: ନିଜଗାଁ | |
| ୬୯ | ୯୬୮ | ୦.୦୪୦ | ୦.୦୪୦ | ବିଲ ଅଣଜଳସେଚିତ ଏକ | ରାମଚନ୍ଦ୍ର ମୁଳି ପି:ମଙ୍ଗଳା ମୁଳି ଜା: କୁହୁରା ବା: ପୋଡ଼ାମାରୀ | |
| | ୯୬୯ | ୦.୦୭୦ | ୦.୦୪୦ | | | |
| | ୯୬୪ | ୦.୧୭୦ | ୦.୧୧୦ | | | |
| | ୯୬୦ | ୦.୬୦୦ | ୦.୧୫୦ | | | |
| ୭୯ | ୯୬୬ | ୦.୨୮୫ | ୦.୦୨୫ | ବିଲ ଅଣଜଳସେଚିତ ଏକ | ସନିଆ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ଶୁକ୍ରୁ ମଲ୍ଲିକ, ଗୁରୁବାରି ମଲ୍ଲିକ, ଲିଲି ମଲ୍ଲିକ ପି: ରାମ ମଲ୍ଲିକ, ସାବିତ୍ରି ମଲ୍ଲିକ ସ୍ୱା: ରାମ ମଲ୍ଲିକ, ହିରା ମଲ୍ଲିକ, ଜିରା ମଲ୍ଲିକ ପି: ଭୂଷଣ ମଲ୍ଲିକ, ଶ୍ରୀମତୀ ମଲ୍ଲିକ ସ୍ୱା: ତ୍ରିନାଥ ମଲ୍ଲିକ ଜା: କନ୍ଧ ବା: ନିଜଗାଁ | |
| ୮୩ | ୯୮୫ | ୦.୩୧୦ | ୦.୨୭୦ | ବିଲ ଅଣଜଳସେଚିତ ଏକ | ସାରି ଗଉଡ଼ ସ୍ୱା:ରଇବାରିଆ ଗଉଡ଼ ଜା: ଗଉଡ଼ ବା: ପୋଡ଼ାମାରି | |
| | ୯୮୨ | ୦.୦୫୦ | ୦.୦୦୫ | | | |
| ୮୬ | ୯୭୬ | ୦.୨୫୦ | ୦.୧୦୫ | ପଦର | ଏଲମାଞ୍ଚି ଶ୍ରୀରାମ ପାତ୍ର ପି:ଏଲମାଞ୍ଚି କନ୍ଧ ପାତ୍ର ଜା: ଗୋଲା ବା: ପୋଡ଼ାମାରୀ | |
| | ୯୭୭ | ୦.୧୨୦ | ୦.୦୪୦ | ବିଲ ଅଣଜଳସେଚିତ ଏକ | | |
| | ୯୭୮ | ୦.୧୨୦ | ୦.୦୩୫ | | | |
| ୯୪/୭୫ | ୯୭୫ | ୦.୧୦୫ | ୦.୦୦୫ | ବିଲ ଅଣଜଳସେଚିତ ଏକ | ବାଲ୍ମୀକି ପାଢ଼ୀ ପି:ଗାଣ୍ଡୁ ପାଢ଼ୀ ଜା: ବ୍ରାହ୍ମଣ ବା: ପୋଡ଼ାମାରୀ | |
| ୯୪/୮୮ | ୯୬୨ | ୦.୧୧୦ | ୦.୦୦୫ | ପଦର | ବୃନ୍ଦାବନ ମୁଳି ପି:ରାମଚନ୍ଦ୍ର ମୁଳି ଜା: କମାର ବା: ପୋଡାମାରୀ | |
| | ୯୬୩ | ୦.୧୬୦ | ୦.୧୦୦ | | | |
| ୯୪/୧୧୪ | ୯୮୬ | ୦.୦୬୦ | ୦.୦୦୫ | ବିଲ ଅଣଜଳସେଚିତ ଏକ | ଶଶ୍ମିତା ପଣ୍ଡା ସ୍ୱା:ବାଳକୃଷ୍ଣ ପଣ୍ଡା ଜା: ବ୍ରାହ୍ମଣ ବା: ପୋଡାମାରି | |
| | ୯୮୭ | ୦.୧୭୦ | ୦.୦୨୫ | | | |

ମୋଟ - ୧.୨୩୫ ଏକର

OIPR-24001/14/0211/2526


# ଜିଆର୍‌ପି କନେଷ୍ଟବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ରେଳବାଇ ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଜିଆର୍‌ପି କନେଷ୍ଟବଳଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ପୋଲିସ । ଉଦିତନଗର ବାସନ୍ତୀ କଲୋନୀ ସ୍ଥିତ ତାଙ୍କ ବାସଭବନରୁ ଏହି ଝୁଲନ୍ତା ଶବ ସକାଳେ ଉଦ୍ଧାର ହୋଇଛି । ମୃତକଙ୍କ ନାମ ଶେଖ୍ ଅହମ୍ମଦ ହୁସେନ୍ (୪୮) । ସେ ତାଙ୍କ ସ୍ତ୍ରୀ ନମିତା ମହତାବଙ୍କ ସହିତ ଏହି କଲୋନୀରେ ରହୁଥିଲେ । ଘଟଣା ସମୟରେ ତାଙ୍କ ସ୍ତ୍ରୀ ଅନ୍ୟ ଏକ କୋଠରୀରେ ଶୋଇଥିଲେ । ସକାଳେ ନମିତା ତାଙ୍କ ସ୍ୱାମୀଙ୍କୁ ଉଠାଇବା ପାଇଁ କବାଟ ବାଡ଼େଇଥିଲେ, ହେଲେ ଭିତରୁ କୌଣସି ଉତ୍ତର ମିଳିନଥିଲା । ଫଳରେ ତାଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ନମିତା ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ । ଉଦିତନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ରାଉରକେଲା ସରକାରୀ ହସ୍ପିଟାଲ୍‌କୁ ପଠାଇଛି । ମାମଲାର ତଦନ୍ତ ଆରମ୍ଭ କରିଛି ପୋଲିସ । ତେବେ ମୃତ୍ୟୁର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ମୃତକଙ୍କ ଜଣେ ଝିଅ ଅଛନ୍ତି । ଯିଏକି ବାଙ୍ଗାଲୋରରେ କାମ କରନ୍ତି ।

# ଯାଜପୁର ଜିଲ୍ଲାରେ ଚଳିତବର୍ଷ ୮୦ ଏଡ୍‌ସ ରୋଗୀ ଚିହ୍ନଟ

**ଯାଜପୁର, ନ୍ୟୁଜ୍**



ଯାଜପୁର ଜିଲ୍ଲାରେ ଚଳିତବର୍ଷ ନୂଆ ୮୦ ଜଣ ଏଡସ୍ ରୋଗୀ ଚିହ୍ନଟ ହେବା ଜିଲ୍ଲା ପାଇଁ ଏକ ସତର୍କଘଣ୍ଟି ସଦୃଶ ହୋଇଥିବାବେଳେ ବିଶ୍ୱ ଏଡସ୍ ଦିବସରେ ଏଡସ୍ ନିୟନ୍ତ୍ରଣ ପାଇଁ ସମସ୍ତେ ଆନ୍ତରିକତାର ସହ ସହଯୋଗ କରିବାକୁ ଆହ୍ୱାନ୍ ଦିଆଯାଇଛି । ଏହି ଜିଲ୍ଲାରେ ୨୦୦୩ ମସିହାରୁ ଏଡସ୍ ରୋଗ ପରୀକ୍ଷଣ ଆରମ୍ଭ ହୋଇଥିଲା । ୨୧ ବର୍ଷ ମଧ୍ୟରେ ଜିଲ୍ଲାରେ ଲକ୍ଷାଧିକ ଲୋକଙ୍କୁ କାଉନ୍‌ସେଲିଂ କରାଯାଇଛି । ମୋଟ୍ ୫ ଲକ୍ଷ ୨୨ ହଜାର ୮୨୪ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବାବେଳେ ୫ ଲକ୍ଷ ୬୦୨ ଜଣଙ୍କ ରୋଗ ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୫୨୬ ଜଣ ପୁରୁଷ ଏବଂ ୩୫୩ ଜଣ ମହିଳାଙ୍କ ଶରୀରରେ ଏଡସ୍ ଭୂତାଣୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଗତ ୨୧ ବର୍ଷ ମଧ୍ୟରେ ୮୦ ଜଣ ପୁରୁଷ ଓ ୩୭ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ବିଶ୍ୱ ଏଡସ୍ ଦିବସ ଅବସରରେ ସୂଚନା ହସ୍ତଗତ ହୋଇଛି । ଯାଜପୁର ଜିଲ୍ଲା ଏକ ଶିଳ୍ପ ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏଠାରେ ବିଭିନ୍ନ ପ୍ରକାରର ଖଣିଖାଦାନ ରହିଛି । ଏହି ଜିଲ୍ଲାରୁ ବହୁ ସଂଖ୍ୟାରେ ଶ୍ରମିକ ମଧ୍ୟ ରାଜ୍ୟ ବାହାରକୁ କାମ ପାଇଁ ଯାଉଥିବା ବେଳେ ଜିଲ୍ଲାରେ ଖଣିଖାଦାନରେ କାମ କରିବାକୁ ବହୁସଂଖ୍ୟାରେ ଶ୍ରମିକ ରାଜ୍ୟ ବାହରରୁ ଏଠାକୁ ଆସିଥାନ୍ତି । ଏହା ସହ ଟ୍ରକ୍ ବ୍ୟବସାୟରେ ଥିବା ଡ୍ରାଇଭର୍ ମାନଙ୍କୁ ମଧ୍ୟ ଏ କ୍ଷେତ୍ରରେ ଅଧିକ ସଚେତନ କରିବାର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ ବିଚାରକଲେ ଯାଜପୁର ଜିଲ୍ଲା ଏଡସ୍ ରୋଗୀ ତାଲିକାରେ 'ସି' ସ୍ଥାନରେ ଥିବାରୁ ଏଠାରେ ଅନ୍ୟ ଜିଲ୍ଲା ପରି ଏଡସ୍ ନିୟନ୍ତ୍ରଣ ଓ ଆୟତ ୟୁନିଟ୍ ଗଠନର ଆବଶ୍ୟକତା ରହିଛି ବୋଲି ଜଗନ୍ନାଥ ରୁରାଲ ଡେଭଲପମେଣ୍ଟ ଅର୍ଗାନାଇଜେସନ୍ ସମେତ ବିଭିନ୍ନ ମହଲରୁ ବିଶ୍ୱ ଏଡସ୍ ଦିବସ ଅବସରରେ ଦାବି ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତିର ମିଳିତ ସହଯୋଗରେ ବିଶ୍ୱ ଏଡସ୍ ଦିବସ ୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି । ଏକ ବିଶାଳ ସଚେତନତାରାଲି ସଚେତନତାର ବାର୍ତ୍ତା ଦେଇ ସହର ପରିକ୍ରମା କରିଥିଲା । ଉକ୍ତ ରାଲିକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ ସେନାପତି ଏବଂ ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ପରେ ଜିଲ୍ଲା ଟ୍ରେନିଂ ୟୁନିଟ୍‌ରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଏଡସ୍ ନିୟନ୍ତ୍ରଣ ଅଧିକାରୀଙ୍କ ସହ ବିଜୟ କୁମାର ନାୟକ, ଡିପିସି ସୁରେନ୍ଦ୍ର କୁମାର ମିଶ୍ର, ମାନସରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ଏଡସ୍‌ର କାରଣ ଓ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ବିରଜା ସ୍କୁଲ ଅଫ୍ ନର୍ସିଂର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୁପରଭାଇଜର ଅଶୋକ କୁମାର ନାୟକ, ଜିଲ୍ଲା ଏଡସ୍ ସେଲ୍‌ର କର୍ମଚାରୀ ମଧୁସୂଦନ ସାଥୁଆ, ଦେବେନ୍ଦ୍ର ନାଇସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ଏବଂ ଏନ୍‌ଏସ୍‌ଡବ୍ଲ୍ୟୁର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, ଗତ ୨୦୧୭ ମସିହାରେ ଏହା ଜିଲ୍ଲାରେ ୪୪ ଜଣ, ୨୦୧୮ରେ ୩୯ ଜଣ, ୨୦୧୯ରେ ୩୫ ଜଣ, ୨୦୨୦ରେ ୧୬ ଜଣ, ୨୦୨୧ରେ ୨୪ ଜଣ, ୨୦୨୨ ରେ ୩୨ ଜଣ, ୨୦୨୩ରେ ୨୬ ଜଣ, ୨୦୨୪ରେ ୫୦ ଜଣ ଏଡସ୍ ରୋଗୀ ଚିହ୍ନଟ ହୋଇଥିଲେ ।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆଦିବାସୀ ନୃତ୍ୟରେ ଦର୍ଶକ ବିମୁଗ୍ଧ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଜେଜେପିଡିଓର ସହଯୋଗରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ନଭେମ୍ବର ୧୪ ଓ ୧୫ ତାରିଖ ଦିନ ସ୍ଥାନୀୟ ମହାରାଜପୁର ସ୍ଥିତ ଓ ଆର୍‌ଡି ଓପେନ ଏଆର ଥିଏଟର ପରିସରରେ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଆଧାରିତ ନାଟକ 'ଆବୁଆ ଦିଶମ ଆବୁଆ ରାଜ' ମଞ୍ଚସ୍ଥ ହୋଇଥିଲା । ଅନମ ଶେଖ ଓ ସୋମନାଥ ସିଂହଙ୍କ ରଚିତ ତଥା ଶେଖ ଖଇରୁଦ୍ଦିନଙ୍କ ନିର୍ଦ୍ଦେଶିତ ନାଟକରେ ଦିଲ୍ଲୀରୁ ଆସିଥିବା କଳାକାର ଅନୁପ ରଞ୍ଜନ, ଡଃ ଏସ୍‌କେ ସିଂହ, ରମେଶ ବୋରା, ନେନସୀ ମୁଣ୍ଡା, ତ୍ରିଲୋଚନ ଝା, ଅନମ ଶେଖଙ୍କ ସମେତ ବାରିପଦାର ରମେଶ ହେମ୍ବ୍ରମ, ଆଲୋକ ବାରିକ, ରାଜେଶ ଦାଶ ପ୍ରମୁଖ ଅଭିନୟ କରିଥିଲେ । କଳାକାର ମାନଙ୍କ ଜୀବନ୍ତ ଅଭିନୟ ସ୍ଥାନୀୟ ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା । ନଭେମ୍ବର ୩୦ ତାରିଖ ଦିନ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜନ୍ମ ଜୟନ୍ତୀର ସମାପନ ଦିବସରେ ଓ ଆର୍‌ଡିଓପିସିପୁରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ସୋମନାଥ ସିଂହଙ୍କ ପୌରୋହିତ୍ୟରେ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା । ଏହି ସେମିନାରରେ ଶେଖ ଖଇରୁଦ୍ଦିନଙ୍କ ସମେତ ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ଜ୍ଞାନ ରଞ୍ଜନ ପଣ୍ଡା, ବରିଷ୍ଠ ଅଭିନେତା ନିର୍ଦ୍ଦେଶକ କ୍ଷୀରୋଦ ବିହାରୀ ସିଟ, ପ୍ରକାଶ ଦାଶ, ଆଶିଷ କୁମାର ବସା, ତ୍ରିଲୋଚନ ସାହୁ ତଥା ଅଭିନେତା ପ୍ରସନ୍ନ କୁମାର ମହାନ୍ତି, କୁନ୍ଦନ ଭଞ୍ଜ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ହାଇୱା ଧକ୍କାରେ କଲେଜ ଛାତ୍ରର ମୃତ୍ୟୁ:ଉତ୍ତେଜନାରୁ ୪ଟି ହାଇୱା ଜାଳିଦେଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ କୁରିକଣାଛକ ନିକଟରେ ହାଇୱା ଧକ୍କାରେ ଜଣେ କଲେଜ୍ ଛାତ୍ରର ମୃତ୍ୟୁ ଘଟିଛି । ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବାରୁ ଉତ୍ତ୍ୟକ୍ତ ଲୋକେ ୪ଟି ହାଇୱାକୁ ଜାଳିଦେଇଛନ୍ତି । ସୂଚନା ଅନୁଯାୟୀ ସମ୍ପାରୁ ପଞ୍ଚାୟତ ରମ୍ପେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜୀବ ନାୟକ (୧୬) ନିଜ ସ୍କୁଟିରେ କଲେଜ୍ ଯାଉଥିବା ସମୟରେ ଏକ କଳା ପଥର ହାଇୱା ତା ଉପରେ ମାଡିଯାଇଥିଲା । ଫଳରେ ଘଟଣାସ୍ଥଳରେ ସଞ୍ଜୀବର ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ଗଣମାଧ୍ୟମ ପ୍ରତିନିଧିମାନେ ଫଟୋ ଉଠାଉଥିବା ସମୟରେ କିଛି ଯୁବକ ମୋବାଇଲ ଛଡାଇଥିଲେ । ଜେନାପୁର ପୋଲିସ ପହଞ୍ଚି ପରିସ୍ଥିତି ଆୟତ୍ତ କରିଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୧୨।୨୦୨୫, ମାର୍ଗଶିର ଦି୧୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୦୬।୧୪ ଚନ୍ଦ୍ରୋଦୟ- ଦିଘ୩।୨୫।୫୭**

**ତ୍ରୟୋଦଶୀ-** ଦିଘ୧୨।୨୬ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ସଂଘ ୬।୦୧ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୧୧।୧୩ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୧୧।୧୩ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୧୧।୧୩ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଏବଂ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧୨।୨୬ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୦ ଗତେ ଘ ୮।୨୦ ମଧ୍ୟେ । **ପର୍ବୋତ୍ସବ-** ପାଷାଣ ଚତୁର୍ଦ୍ଦଶୀ ।



**ମେଷ:** ମନରେ ଆନନ୍ଦ ଆସିବ । ବନ୍ଧୁ ସାଙ୍ଗେ ଅସହଯୋଗ । ପୁରୁଣା କାର୍ଯ୍ୟରେ ସଫଳତା ଦେଖାଦେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଅଶାନ୍ତି ଦେଖାଦେଇପାରେ । ଦେହ ଭଲ ରହିବ ।



**ବୃଷ:** ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ । ଦେହ ଓ ମନରେ ଶାନ୍ତି ରହିବ । ଦେବ ଦର୍ଶନ ସହିତ ପୂଜାର ସୁଯୋଗ ସୃଷ୍ଟି ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଲାଭ ହେବ ।



**ମିଥୁନ:** ଶାରୀର ଅସୁସ୍ଥତା ଦେଖାଦେବ । ମନରେ ଅଶାନ୍ତି ଦେଖାଦେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ କଳହ ଜାତ ହେବ । ପିଲାମାନେ ସୁଖୀ ହେବେ । ମହିଳାମାନେ ଗର୍ବୀ ହେବେ ।



**କର୍କଟ:** ନୂତନ ଦାୟିତ୍ୱ ହାତକୁ ଆସିପାରେ । ଦୂରକୁ ଯାତ୍ରା କରିପାରନ୍ତି । ଉତ୍ସାହ ବଢ଼ିବ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । ରୋଜଗାର ବଢ଼ିବ । ଘରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।



**ସିଂହ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନ ସହକାରେ ରହିବେ । କାର୍ଯ୍ୟ ହାନୀ । ଦୁର୍ଘଟଣାର ଶିକାର ହୋଇପାରନ୍ତି । ଖର୍ଚ୍ଚର ମାତ୍ରା ଅଧିକ ହୋଇପାରେ । ଗୃହେ ଅଶାନ୍ତି ଦେଖାଦେଇପାରେ ।



**କନ୍ୟା:** ଆପଣ ସବୁ ଦେଖି ଶୁଣି ନିରବ ରହିବା ଭଲ । ଅନ୍ୟଥା କଳହ ଦେଖାଦେଇପାରେ । ବନ୍ଧୁଙ୍କ ଅକାଟ୍ୟ ଯୁକ୍ତି ଗ୍ରହଣ କରି ଖୁସି ହେବେ । ପାରିବାରିକ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।



**ତୁଳା:** ସତର୍କ ନହେଲେ ଠକାମିର ଶିକାର ହେବେ । କ୍ରୋଧ ବଢ଼ିବ । ଭୁଲାପଣ ଆପଣଙ୍କୁ ବ୍ୟଥିତ କରିବ । ଦ୍ରବ୍ୟ ନଷ୍ଟର ଆଶଙ୍କା । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ବିଛା:** ନିଜର ପ୍ରତିଷ୍ଠାନ ପାଇଁ ଆତ୍ମତୃପ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗଦାନ କରି ପ୍ରଶଂସା ଲାଭ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ଶ୍ରମ ବଢ଼ିବାର ସୂଚନା । ମନ ଭଲ ରହିବ ।



**ଧନୁ:** ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପୁରୁଣା କାର୍ଯ୍ୟ ହାତକୁ ଆସିବ । ଆଶାବାଦୀ ହୋଇ କାର୍ଯ୍ୟ କରିବେ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ।



**ମକର:** ଦୂରଯାତ୍ରା ସଫଳ ହେବ । ସମସ୍ତ କାର୍ଯ୍ୟରେ ସହଯୋଗ ତଥା ସୌଜନ୍ୟ ଲାଭ ହେବ । ସମସ୍ୟାର ସମାଧାନ ହେବ । ଘରେ ବନ୍ଧୁ ମିଳନର ଯୋଗ ରହୁଛି । ଆୟର ପରିମାଣ ବଢ଼ିବ । ଦେହ ଭଲ ରହିବ ।



**କୁମ୍ଭ:** ନିଜର ଲୋକଙ୍କ ଦ୍ୱାରା ପ୍ରତାରିତ ହେବେ । କ୍ରୋଧ ମନରେ ଆସିବ । ତଥାପି ନିଜକୁ ସଂଯତ ରଖିଲେ ଭଲ । ରୋଜଗାର ପୂର୍ବପରି ରହିବ । ପରିବାରରେ ବିରକ୍ତି ପ୍ରକାଶ ପାଇବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ମୀନ:** ଦୂର ସ୍ଥାନରୁ ସମ୍ବାଦ ପ୍ରାପ୍ତି । ମନରେ ଆନନ୍ଦ ଆସିବ । ଦ୍ରବ୍ୟ ଲଭା ଯୋଗ ରହୁଛି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ହସ ଖୁସି ମିଳିବାର ସୂଚନା । ଉତ୍ତମ ଭୋଜନ ମିଳିବ ।

# ୩ .୪ କୋଟି ଟଙ୍କା ଏମ୍ସକୁ ଦାନକଲେ ଡାକ୍ତର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁରର ଶତାୟୁ ମହିଳା ଡାକ୍ତର କେ. ଲକ୍ଷ୍ମୀବାଇ ନିଜ ୧୦୦ତମ ଜୟନ୍ତୀରେ ୩ କୋଟି ୪୦ ଲକ୍ଷ ଟଙ୍କା ଏମ୍ସକୁ ଦାନ କରିବେ । ଡାକ୍ତର କେ. ଲକ୍ଷ୍ମୀବାଇଙ୍କ ୧୦୦ତମ ଜୟନ୍ତୀ ଉତ୍ସବ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ । ଏହି ଅବସରରେ ତାଙ୍କର ସଞ୍ଚିତ ଅର୍ଥରୁ ସେ ୩ କୋଟି ୪୦ ଲକ୍ଷ ଟଙ୍କା ଏମ୍ସ ହସ୍‌ପିଟାଲ୍‌କୁ ଦାନ କରିବେ । ଏଥିପାଇଁ ସମସ୍ତ ପ୍ରାଥମିକ କାର୍ଯ୍ୟ ସମାପନ ହୋଇଛି । ଏହି ଅର୍ଥରେ ମହିଳା କର୍କଟ ରୋଗୀଙ୍କ ଚିକିତ୍ସା କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଡାକ୍ତର କେ. ଲକ୍ଷ୍ମୀବାଇଙ୍କ ଏଭଳି ମହତ ଦାନ ପାଇଁ ଗଞ୍ଜାମ ଜିଲ୍ଲାରେ ତଥା ଓଡ଼ିଶାରେ ସେ ବେଶ୍ ପ୍ରଶଂସନୀୟ ହୋଇପାରିଛନ୍ତି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୧୨।୨୦୨୫, ମାର୍ଗଶିର ଦି୧୯ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୦୬।୫୨ ଚନ୍ଦ୍ରୋଦୟ- ଦିଘ୪।୨୨।୦୬**

**ଚତୁର୍ଦ୍ଦଶୀ-** ଦିଘ୮।୩୮ପର୍ଯ୍ୟନ୍ତ । ପୂର୍ଣ୍ଣିମା ନିଘ ୪।୪୪ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ଦିଘ ୨।୫୪ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୮।୩୮ ପରେ ଆମିଷ ନିଘ ୪।୪୪ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୭।୩୭ ମଧ୍ୟେ । ଦିଘ ୧।୨୬ ଗତେ ଘ ୨।୫୩ ମଧ୍ୟେ । **ପର୍ବୋତ୍ସବ-** ପଣ୍ଡୁ ପୂର୍ଣ୍ଣିମା, ଦତ୍ତାତ୍ରେୟ ଜୟନ୍ତୀ, ଭାରତୀୟ ନୌସେନା ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ସମୁଦ୍ର ପଥରେ ମଜବୁତ ସ୍ଥିତିରେ ରହିଛି ଭାରତ

ପାକିସ୍ତାନକୁ ୮ ନୂଆ ହାଙ୍ଗର କ୍ଲାସ ବୁଡ଼ାଜାହଜ ଦେବ ଚୀନ୍ । ଏହା ଆଧୁନିକ ଟେକ୍ନୋଲୋଜିପୂର୍ଣ୍ଣ । ଏୟାର ଇଣ୍ଡିପେଣ୍ଡେଣ୍ଟ ପ୍ରପଲ୍ସନ୍ (ଏଆଇପି) ସିଷ୍ଟମରେ ସଜ୍ଜିତ ଯାହା ଦୀର୍ଘ ସମୟ ପାଇଁ ପାଣି ଭିତରେ ରହିପାରିବ । ପ୍ରଥମ ବୁଡ଼ାଜାହଜ ୨୦୨୬ରେ ପାକିସ୍ତାନ ନୌସେନାରେ ସାମିଲ ହେବ । ସମସ୍ତ ୮ଟି ସବମରିନ୍ ୨୦୨୮ ସୁଦ୍ଧା ପାକ୍ ନୌସେନାରେ ସାମିଲ ହେବ । ତେବେ ସମୁଦ୍ରରେ କେତେ ଶକ୍ତିଶାଳୀ ଭାରତ ତାକୁ ନେଇ ପଢନ୍ତୁ ଏହି ରିପୋର୍ଟ ।

ପାକିସ୍ତାନକୁ ଚୀନ ଦେବାକୁ ଯାଉଥିବା ୮ଟି ଉନ୍ନତମାନର ସବମରିନ ଶତ୍ରୁକୁ ଚକମା ଦେବାରେ ସିଦ୍ଧହସ୍ତ । ଏହି ନୂଆ ସବମରିନ, ପାଣି ଭିତରେ ଲୁଚକାଳି ଖେଳ ଖେଳିବାରେ ମାହିର। ଘଣ୍ଟା ଘଣ୍ଟା ଧରି ସମୁଦ୍ର ଭିତରେ ଲୁଚି ରହିବାକୁ ସକ୍ଷମ ଏହି ସବମରିନ । ଯାହା ଭାରତ ପାଇଁ ଏବେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ୮ଟି ସବମରିନ ଭିତରୁ ଏବେ ୪ଟି ସବମରିନର କାମ ଚୀନରେ ଚାଲିଥିବାବେଳେ, ଆଉ ୪ଟି କାମ ପାକିସ୍ତାନ ଭିତରେ ଚାଲିଛି । ୨୦୨୬ ସୁଦ୍ଧା ପ୍ରଥମ ସବମରିନ ପାକିସ୍ତାନ ଆର୍ମିରେ ଏଣ୍ଟ୍ରି ମାରିବାକୁ ଥିବାବେଳେ, ୨୦୨୮ ସୁଦ୍ଧା ସବୁତକ ବୁଡ଼ାଜାହଜ ପାକିସ୍ତାନ ଆର୍ମିକୁ ମିଳିଯିବ । ଚୀନ ସହ ପାକିସ୍ତାନ ୫ ଅରବ ଡଲାରରେ ଚୁକ୍ତି କରିଛି । ଏହାଦ୍ୱାରା ସମୁଦ୍ରରେ ପାକିସ୍ତାନର ଶକ୍ତି ବଢିବା ସହ ଆରବ ସାଗରରେ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବ । ହେଲେ ଭାରତର ନୌସେନା ବହୁତ ମଜବୁତ । ପାକିସ୍ତାନକୁ ମିଳିବାକୁ ଥିବା ଏହି ସବମରିନ୍‌ର ଓଜନ ପାଖାପାଖି ୨୮୦୦ ଟନ ହେଇଥିବାବେଳେ, ଲମ୍ବ ୭୭ ମିଟର । ପାଣି ଉପରେ ଏହା ୧୮ ନଟ ପ୍ରତି ଘଣ୍ଟା ଚାଲିବାକୁ ସକ୍ଷମ । ପାଣି ଭିତରେ ୨୦ ନଟ ପ୍ରତି ଘଣ୍ଟା ଚାଲିପାରିବ । ପାଣି ଭିତରେ ଏହି ସବମରିନ କ୍ରୁଜ୍ ମିସାଇଲକୁ ମାରିବାକୁ ସକ୍ଷମ। ପାକିସ୍ତାନର ପୁରୁଣା ବୁଡ଼ାଜାହଜଠୁ ଉନ୍ନତ । କ୍ରୁ- ୩୮ରୁ ୪୫ ଜଣ । ସମୁଦ୍ରରେ ଭାରତର ଶକ୍ତି- ପାକିସ୍ତାନର ଏହି ନୂଆ ସବମରିନ ଏଆଇପି ସିଷ୍ଟମ ହେଇଥିବାବେଳେ, ଭାରତ ପାଖରେ ନ୍ୟୁକ୍ଲିୟର ସବମରିନ ରହିଛି । ସମୁଦ୍ରରେ ଭାରତର ଶକ୍ତି କିଛି କମ ନୁହେଁ । ଭାରତର ବୁଡ଼ାଜାହଜ ପାଣି ଭିତରେ ମାସ ମାସ ଧରି ରହିବାକୁ ସକ୍ଷମ । ଏହାସହିତ ଭାରତ ପାଖରେ ଦୁଇ ଦୁଇଟି ଏୟାରକ୍ରାଫ୍ଟ କ୍ୟାରିୟର ମଧ୍ୟ ରହିଛି, ଯିଏକି ଲଢୁଆ ଯୁଦ୍ଧ ବିମାନକୁ ସମୁଦ୍ର ପଥରେ ବୋହି ନେଇପାରିବ । ପାକିସ୍ତାନ ପାଖରେ କିନ୍ତୁ ଆଜି ଯାଏ ଗୋଟିଏ ବି ଏୟାରକ୍ରାଫ୍ଟ କ୍ୟାରିୟର ନାହିଁ । ଭାରତର ନୌସେନା ପାକିସ୍ତାନର ନୌସେନାଠାରୁ ୪ ରୁ ୫ ଗୁଣ ବଡ଼ । ପାକିସ୍ତାନ କେବଳ ନିଜ ସୀମା ଭିତରେ ବଳବାନ ହେଇଥିବାବେଳେ, ଭାରତ କିନ୍ତୁ ସମୁଦ୍ର ପଥରେ ନିଜର ଦବଦବା ରଖେ । ଭାରତ ପାଖରେ ବର୍ତ୍ତମାନ ୧୫୦ରୁ ଅଧିକ ବୁଡ଼ାଜାହଜ ଅଛି । ୫୦ର ତିଆରି ଚାଲିଛି । ଭାରତ ପାଖରେ ପି-୮ ୧ ବିମା ଅଛି ଯାହା ବୁଡାଜାହଜ ଖୋଜିବାକୁ ମାହିର । ଏମଏଚ-୬୦ଆର ହେଲିକପ୍ଟର ଏବଂ ବ୍ରହ୍ମୋସ ପରି ଦ୍ରୁତ ମିସାଇଲ ଅଛି । ସମୁଦ୍ରରେ ଭାରତ ମଜବୁତ ସ୍ଥିତିରେ ରହିଛି। ସବୁ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପ୍ରସ୍ତୁତ ଭାରତ ।

# କ୍ରୋଧର ସ୍ୱରୂପ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରତ୍ୟେକ ଜୀବର କ୍ରୋଧ ଏକ ସହଜାତ ଗୁଣ। କୌଣସି ବ୍ୟକ୍ତି ମନରେ ବାସନାର ଚିନ୍ତା ଆସିଲେ ବା ବିଷୟ ପ୍ରତି ଆକର୍ଷଣ ବଢ଼ିଲେ ତାକୁ ପାଇବା ନିମନ୍ତେ ତାହାର ମନରେ ଆସେ ପ୍ରବୃତ୍ତି। ସେପରି କାମନା ତୃପ୍ତ ନ ହେଲେ ବା ପ୍ରାପ୍ତିରେ କୌଣସି ବାଧା ସୃଷ୍ଟି ଆସିଲେ ତାହାର ମନରେ ଆସେ କ୍ରୋଧ। କହିବାକୁ ଗଲେ କାମନା ହିଁ କ୍ରୋଧକୁ ରୂପାନ୍ତରିତ ହୁଏ। କାହାର ମନରେ ପାପ କରିବାର ଇଚ୍ଛା ନଥିଲେ ମଧ୍ୟ କାମନାକୁ କେହି ମନରୁ ହଟାଇଦେବା ସହଜ କଥା ନୁହେଁ। ସତ୍ତ୍ୱ, ରଜ ଓ ତମୋଗୁଣ ମଧ୍ୟରୁ ରଜୋଗୁଣରେ ହିଁ କାମନାର ହୋଇଥାଏ ମୂଳ ଉତ୍ପତ୍ତି। ଆଉ ତାହା ହିଁ ହୁଏ ମଣିଷର ପରମ ଶତ୍ରୁ। ପ୍ରତି ଅନୈତିକ କାର୍ଯ୍ୟର ମୂଳ ହେଉଛି କାମନା। ତାହାସହ ଅଜ୍ଞାନ ଓ ଅହଂକାର ହେଉଛି କ୍ରୋଧର ଅନ୍ୟତମ କାରଣ। ଯଦି ବ୍ୟକ୍ତିବିଶେଷ କୌଣସି ସ୍ଥାନରେ ଅପମାନିତ ହୁଅନ୍ତି ବା ତାଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରାହୁଏ ବା ତାଙ୍କ ଦୋଷ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କେହି ସମାଲୋଚନା କରେ ତେବେ କ୍ରୋଧର ହୁଏ ଉତ୍ପତ୍ତି। କୌଣସି ସମ୍ମାନ ପାଇବାକୁ ଥିଲେ ତାହା ଯଦି କାହାଦ୍ୱାରା ହୋଇନପାରିଲା ସେତେବେଳେ ବ୍ୟକ୍ତିବିଶେଷ ମନରେ କ୍ରୋଧ ଉତ୍ପତ୍ତି ହୋଇଥାଏ। ଗୁପ୍ତ ଶତ୍ରୁତା, ଈର୍ଷା, ଦ୍ୱେଷ ଇତ୍ୟାଦି କାହା ପ୍ରତି ଆସିଲେ ବା ପୁରୁଣା କଥାରୁ ତାହାସବୁ ମନେପଡ଼ିଗଲେ ନିଶ୍ଚିତ ଭାବରେ କ୍ରୋଧ ମନରେ ଆସିଯାଏ। ଆଉ କ୍ରୋଧ ମନରେ ଆସିଗଲେ ପ୍ରତ୍ୟେକ ବ୍ୟକ୍ତି ତାହାର ଅଧୀନରେ ହିଁ ରହିଯାନ୍ତି। ଏହାଦ୍ୱାରା ଘନିଷ୍ଠ ମିତ୍ର ମଧ୍ୟ ଅତି ଅଳ୍ପ କ୍ଷଣରେ ଶତ୍ରୁରେ ପରିବର୍ତ୍ତନ ହୋଇଯାଏ। କ୍ରୋଧ ଉତ୍ପନ୍ନ ହେଲେ ସ୍ୱାମୀ ସ୍ତ୍ରୀସହ କଳହ ସୃଷ୍ଟି କରେ ଏବଂ ତାହା ପରିବାରକୁ ମଧ୍ୟ ପ୍ରସାରିତ ହୁଏ। କ୍ରୋଧ ଜାତ ହେଲେ ବ୍ୟକ୍ତିବିଶେଷ ଉତ୍ତେଜିତ ହୋଇଥାନ୍ତି। କେବଳ ବ୍ୟକ୍ତିବିଶେଷ ନୁହନ୍ତି ଦେଶ ବା ରାଜ୍ୟ ମଧ୍ୟରେ କ୍ରୋଧ ଜନ୍ମ ନେଇ ବିଦ୍ୱେଷ ସୃଷ୍ଟି ହୋଇଥାଏ। ଯାହାଫଳରେ ଯୁଦ୍ଧ ହୋଇ ବହୁ ଲୋକ ମୃତାହତ ହୁଅନ୍ତି। ମହାଭାରତ ମହାଯୁଦ୍ଧ ହିଁ ଏହି କ୍ରୋଧରୁ ଉତ୍ପତ୍ତି ହୋଇଥିଲା। ପାଣ୍ଡବକୁଳ ସେମାନଙ୍କର ମନକୁ ଯେତେ ଆୟତ୍ତ କଲେ ମଧ୍ୟ କ୍ଷଣକୋପୀ କୌରବମାନଙ୍କର ଆହ୍ୱାନରେ ଏକ ମହାସମରର ହୋଇଥିଲା ସୃଷ୍ଟି। ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ ଭଗବାନ ଶ୍ରୀକୃଷ୍ଣ ଏହି ଯୁଦ୍ଧକୁ ଏଡ଼ାଇବା ନିମନ୍ତେ ଯେତେପ୍ରକାରର ଉଦ୍ୟମ କଲେ ମଧ୍ୟ ତାହା ହୋଇପାରିଲା ନାହିଁ। ଶେଷରେ କୌରବକୁଳ ଧ୍ୱଂସ ପାଇଗଲେ। ଏହା ହିଁ ହେଲା କ୍ରୋଧ କରିବାର ଚରମ ପରିଣତି। ସତ୍ୟ, ନ୍ୟାୟ ଓ ଧର୍ମ ସ୍ଥାପନ ନିମନ୍ତେ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଧରାଧୂଳିରେ ଆବିର୍ଭାବ ହୋଇଥିଲା। ମାତ୍ର ମଣିଷର ସହଜାତ ଗୁଣ କ୍ରୋଧ ପ୍ରଭୁଙ୍କ ଉଦ୍ୟମକୁ ଉପେକ୍ଷା କରି କୌରବକୁଳକୁ ଯୁଦ୍ଧକ୍ଷେତ୍ରକୁ ଆଗେଇ ନେଇଥିଲା। ମହାଭାରତରେ ଏହିଭଳି ବହୁ ଦୃଷ୍ଟାନ୍ତ ରହିଛି ଯାହାକି ଆଜିର ଜନମାନସକୁ ଚେତାଇ ଦେଇଆସୁଛି।

ମନରେ କ୍ରୋଧ ଉତ୍ପନ୍ନ ହେଲେ ବିବେକ ଶକ୍ତିର ବିନାଶ ଘଟେ। କଳ୍ପନାକୁ ପୂର୍ବରୁ ଆସିନଥିବା ବହୁ ଜଘନ୍ୟ କାର୍ଯ୍ୟ ସେ କରିବସେ। ଏପରିକି ଧର୍ମ ପରାୟଣ, ଶ୍ରଦ୍ଧାଳୁ ବ୍ୟକ୍ତିମାନଙ୍କୁ ହତ୍ୟା କରିବାକୁ ବି ପଛାଏ ନାହିଁ। କ୍ରୋଧର ଚିର ସହଚର ହେଉଛି ମିଥ୍ୟା ଓ କାମନା। କେହି ମିଥ୍ୟା କଥା ଆରୋପ କଲେ ମନରେ ଆପେ ଆପେ ଆସିଯାଏ କ୍ରୋଧ। ଏହି ମିଥ୍ୟା ମଣିଷ ମନରେ ଏପରି ପ୍ରଭାବ ପକାଇପାରେ ଯେ ତାହାକୁ ନିଶ୍ଚିତ ସତ୍ୟ ଭାବରେ ଗ୍ରହଣ କରି ବିବେକ ଶୂନ୍ୟ କାର୍ଯ୍ୟ ବ୍ୟକ୍ତିବିଶେଷ କରିଦିଅନ୍ତି। କ୍ରୋଧଠାରୁ ଶକ୍ତିଶାଳୀ ଜଗତରେ କେହିନାହିଁ। ସମସ୍ତ ପୁଣ୍ୟଫଳ ନିମିଷକରେ ଏହି କ୍ରୋଧଦ୍ୱାରା ନଷ୍ଟ ହୋଇଯାଏ। ପ୍ରତ୍ୟେକ ଜାଣନ୍ତି କୌଣସି ଲୋକର କ୍ଷତି କଲେ ତାହାର ପ୍ରତିଫଳ ନିଶ୍ଚିତ ଭୋଗିବାକୁ ହୋଇଥାଏ। ମାତ୍ର ସେଥିପ୍ରତି କାହାର ଧ୍ୟାନ ନଥାଏ। କ୍ରୋଧ ମନରେ ଥିବାବେଳେ ଯଦି କେହି ଶାନ୍ତିର ବାର୍ତ୍ତା ସହ କୌଣସି କଥା ସମ୍ମୁଖକୁ ଆଣେ ତେବେ କ୍ରୋଧୀ ବ୍ୟକ୍ତି ଉତ୍‌କ୍ଷିପ୍ତ ହୋଇଉଠେ ଏବଂ ବ୍ୟକ୍ତିବିଶେଷଟି ଏହି କ୍ରୋଧରେ ଏପରି ଅନ୍ଧ ହୋଇଯାଏ ଯେ ସେ କାହାରି କଥା ନ ଶୁଣି ସେହି ବନ୍ଧନରେ ବାନ୍ଧି ହୋଇ ରହିଯାଏ।

ପ୍ରସଙ୍ଗ କ୍ରମେ କୁହାଯାଇପାରେ ଯେ ଏକଦା ଦୁଇଜଣ ବନ୍ଧୁ ଡଙ୍ଗାରେ ବସି ନଦୀ ପାର ହେଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣଙ୍କ ପ୍ରତି ଅଶ୍ଳୀଳ ଭାଷା ପ୍ରୟୋଗ କରିବାରୁ ଦ୍ୱିତୀୟ ବ୍ୟକ୍ତିଟି କ୍ରୋଧାନ୍ୱିତ ହୋଇ କହିଥିବା ବ୍ୟକ୍ତିର ଗଳାକୁ ଚାପି ଧରି ତାହାକୁ ନଦୀ ମଧ୍ୟକୁ ଠେଲିଦେଲା। ଦୁଇ ବ୍ୟକ୍ତିଙ୍କର ଡଙ୍ଗାରେ ଏପରି ଠେଲାପେଲା ହେବାରୁ ଭାରସାମ୍ୟ ହରାଇ ଡଙ୍ଗାଟି ନଦୀ ଜଳରେ ବୁଡ଼ିଗଲା। ଯାହାଫଳରେ ଏହି କ୍ରୋଧ ଯୋଗୁ ଦୁଇଜଣଙ୍କର ଏକକାଳୀନ ନଦୀଗର୍ଭରେ ସଲୀଳ ସମାଧି ହୋଇଗଲା। ଉଭୟ ଭାବି ପାରିଲେ ନାହିଁ ଯେ ଡଙ୍ଗାରେ ଯାଉଥିବାବେଳେ କ୍ରୋଧ ଜନିତ ଏପରି ବାର୍ତ୍ତାଳାପ କଲେ ତାହାର ପରିଣାମ କିଭଳି ଭୟଙ୍କର ହୁଏ। ଦୁହେଁ ଥିଲେ ମହାପଣ୍ଡିତ। କ୍ରୋଧରେ ମତିଭ୍ରମ ହୋଇ ଅନ୍ୟର ବିନାଶ କଲେ ପ୍ରତିପକ୍ଷର ବିନାଶ ହେବାସହ ନିଜେ ସେଥିରୁ ବର୍ତ୍ତିଯାଇ ନଥିବାର ବହୁ ଉଦାହରଣ ଗପ ଛଳରେ ଶାସ୍ତ୍ରମାନଙ୍କରେ ରହିଛି।

ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କର ମୃତ୍ୟୁର କାରଣ ହେଲେ ତାକୁ ରାଜଦଣ୍ଡରୁ ମୁକ୍ତି ମିଳେନାହିଁ। ଏହା ଜାଣି ମଧ୍ୟ ବହୁ ଲୋକ ରାଗରେ ବିଭିନ୍ନ ପ୍ରକାରର ସେହିଭଳି ଅପକର୍ମମାନ କରିଥାନ୍ତି। ତେଣୁ ମନକୁ ସଞ୍ଜତ କରି ଆଗେଇଯିବା ପ୍ରତ୍ୟେକ ଲୋକର ଧର୍ମ ହେବା ଉଚିତ। ମନରେ ସବୁବେଳେ ଶୁଦ୍ଧ ଚେତନା ଆଣିବାର ଆବଶ୍ୟକତା ଅଛି। ତାହାସହ ବିବେକାନୁମୋଦିତ କାର୍ଯ୍ୟକୁ ପ୍ରଥମେ ଦେଖିବାକୁ ପଡ଼ିବ। ମାତ୍ର କ୍ରୋଧର ପ୍ରଭାବ ଏପରି ଯେ ବିବେକର କଥା ତାହା ମଧ୍ୟରେ ଲୁଚିଯାଏ। ପ୍ରଥମେ ମନରୁ କାମନା ଦୂର କରିବା ବିଧେୟ। ସେପରି କାମନାର ବିନାଶରେ କ୍ରୋଧ କଦାପି ମନରେ ଆସିବ ନାହିଁ। ମନକୁ ସର୍ବଦା ଶାନ୍ତ ରଖିବାକୁ ପଡ଼ିବ। ବିଶେଷ କରି ମନରେ ଅଟଳ ଈଶ୍ୱର ଭକ୍ତି ଆଣିବାକୁ ହେବ।

ମାଦକଦ୍ରବ୍ୟର ବ୍ୟବହାରରେ ମନରେ ଉତ୍ତେଜନା ସୃଷ୍ଟି ହୋଇଥାଏ। ସେହି ସବୁର ବ୍ୟବହାରରେ କେତେ ଯେ ଲୋକ ରସାତଳକୁ ଚାଲି ଯାଇଛନ୍ତି ତାହାର କୌଣସି ହିସାବ ନାହିଁ। ଜଣେ ମଦ୍ୟପ କେବେହେଲେ ଭଲବାଟକୁ ଆସିପାରିବ ନାହିଁ। ତାକୁ ସତ୍‌ପଥରେ ଆଣିବା ନିମନ୍ତେ ତାହାର ପରିବାର ଓ ଘନିଷ୍ଠ ସହଯୋଗୀମାନଙ୍କର ଉଦ୍ୟମ ଅବ୍ୟାହତ ରହିବା ଉଚିତ। ସତ୍ ଚିନ୍ତା, ମୌନ ବ୍ରତ, ଈଶ୍ୱର ଉପାସନା ଇତ୍ୟାଦି ପ୍ରତ୍ୟହ ହେଲେ ବ୍ୟକ୍ତିବିଶେଷ ମନରେ କୌଣସି ପ୍ରକାର କାମନା ସୃଷ୍ଟି ହୋଇ ନଥାଏ। ପୁଣି ମନରୁ ସମ୍ପୂର୍ଣ୍ଣ ଭାବରେ ଅହଂକାରକୁ ଦୂରେଇ ଦେବାକୁ ହେବ। ଏ ସମ୍ପର୍କରେ ମହାଭାରତର ବ୍ରାହ୍ମଣ ଦ୍ରୋଣ ଓ ରାଜପୁତ୍ର ଦ୍ରୁପଦଙ୍କ କଥା ଆଲୋଚନାକୁ ଆସିପାରେ। ଉଭୟେ ଥିଲେ ଘନିଷ୍ଠ ବନ୍ଧୁ। ପରସ୍ପରକୁ ସାହାଯ୍ୟ କରିବାରେ ଥିଲେ ପ୍ରତିଜ୍ଞାବଦ୍ଧ। ମାତ୍ର ଗୁରୁକୁଳରୁ ବିଦ୍ୟା ଶିକ୍ଷା ପରେ ଯେ ଯାହାର ସାଂସାରିକ ବାଟରେ ଚାଲିଗଲେ। ଦ୍ରୁପଦ ନିଜ ରାଜ୍ୟର ଅର୍ଦ୍ଧେକ ବନ୍ଧୁ ଦ୍ରୋଣଙ୍କୁ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରବର୍ତ୍ତୀ କାଳରେ ସେ ତାହା କଲେନାହିଁ। ଏପରିକି ରାଜଦରବାରରୁ ବନ୍ଧୁ ଦ୍ରୋଣଙ୍କୁ ଅପମାନିତ ହୋଇ ଫେରିଆସିବାକୁ ପଡ଼ିଥିଲା। ଅପମାନର ପ୍ରତିଶୋଧ ନିମନ୍ତେ ଗୁରୁଦକ୍ଷିଣା ସ୍ୱରୂପ ପାଣ୍ଡବ ଓ କୌରବକୁଳ ରାଜବଂଶର ବିଦ୍ୟାର୍ଥୀମାନଙ୍କୁ ଦ୍ରୋଣ ରାଜା ଦ୍ରୁପଦଙ୍କୁ ବନ୍ଦୀ କରି ନେଇଆସିବା ପାଇଁ ଆଦେଶ ଦେଲେ। ଶେଷରେ ଅର୍ଜୁନଙ୍କଦ୍ୱାରା ତାହା ହୋଇପାରିଥିଲା। ଅବଶ୍ୟ ଦ୍ରୋଣ ବନ୍ଧୁ ଦ୍ରୁପଦଙ୍କୁ ଆଉ ଅଧିକ ଅପମାନ ନ ଦେଇ ତାଙ୍କର ଦେଇଥିବା ପ୍ରତିଶ୍ରୁତିର ଅର୍ଦ୍ଧେକ ରାଜ୍ୟ ଆଉ ନ ନେଇ ତାଙ୍କୁ ଫେରାଇଦେଲେ। ମାତ୍ର ଏଥିରେ ଅପମାନିତ ହୋଇ ଦ୍ରୁପଦ ଏହାର ପ୍ରତିଶୋଧ ନେବାପାଇଁ ଯଜ୍ଞାନୁଷ୍ଠାନ କରିଥିଲେ। ସେଥିରୁ ପୁତ୍ର ସନ୍ତାନ ରୂପେ ସେ ପାଇଥିଲେ ଧୃଷ୍ଟଦ୍ୟୁମ୍ନଙ୍କୁ ଯିଏ କି ମହାଭାରତ ମହାଯୁଦ୍ଧରେ ଦ୍ରୋଣ ହତ୍ୟାର ହୋଇଥିଲେ ମୁଖ୍ୟ ନାୟକ।

ସେହି ମହାଭାରତରୁ ଆହୁରି ଗୋଟିଏ ଗପ ଏଠାରେ ଉତ୍ଥାପନ କରାଯାଉଛି। ପାଣ୍ଡବମାନେ ବନବାସରେ ଥିବାବେଳେ ଥରେ ମାର୍କଣ୍ଡେୟ ମୁନି ଯୁଧିଷ୍ଠିରଙ୍କ ନିକଟରେ ପହଞ୍ଚି ତାଙ୍କୁ କୌଶିକ ବ୍ରାହ୍ମଣଙ୍କ ଗପ ଶୁଣାଇଲେ। ସେହି ବ୍ରାହ୍ମଣ ଥିଲେ ଜଣେ ବ୍ରହ୍ମଚାରୀ। ଥରେ ଗ୍ରୀଷ୍ମକାଳରେ ସେ ଏକ ବୃକ୍ଷ ତଳେ ବିଶ୍ରାମ ନେଉଥିବା ବେଳେ ଗଛ ଉପରେ ବସିଥିବା ଏକ ବଗ ତାଙ୍କ ଉପରେ ମଳତ୍ୟାଗ କରିଦେଲା। ଏଥିରେ ବ୍ରହ୍ମଚାରୀ କୌଶିକ କ୍ରୋଧିତ ହୋଇଗଲେ। ତାଙ୍କର କ୍ରୋଧପୂର୍ଣ୍ଣ ଦୃଷ୍ଟି ପଡ଼ିବାରୁ ବଗଟି ପୋଡ଼ି ଭସ୍ମ ହୋଇଗଲା। ବଗର ଏପରି ମୃତ୍ୟୁ ହେବା ଦେଖି ସେ ଅତ୍ୟନ୍ତ ଦୁଃଖିତ ହୋଇ ସେଥିପାଇଁ ପ୍ରାୟଶ୍ଚିତ କଲେ। ତାହାପରେ ଭିକ୍ଷା ଗ୍ରହଣ ସମୟ ଗଡ଼ି ଯାଉଥିବାରୁ ସେ ଜନପଦରେ ପ୍ରବେଶ କରି ଜଣେ ଗୃହସ୍ଥଙ୍କ ଘର ସମ୍ମୁଖରେ ଠିଆ ହେଲେ। ଠିକ୍ ସେହି ସମୟରେ ଗୃହସ୍ଥ ଆସି ପହଞ୍ଚିଗଲେ। ଘର ମୁଖିଆଙ୍କ ପତ୍ନୀ ପତିଙ୍କ ସେବାରେ ସମୟ ଦେଲେ। ବାହାରେ ଠିଆ ହୋଇଥିବା ବ୍ରାହ୍ମଣ କୌଶିକଙ୍କ ପ୍ରତି ତାଙ୍କର ଆଦୌ ଦୃଷ୍ଟି ନଥିଲା। କୌଶିକ ସେତେବେଳକୁ ରାଗିଯାଇଥିଲେ। କିଛି ସମୟ ପରେ ସେହି ଗୃହସ୍ଥଙ୍କ ସ୍ତ୍ରୀ ପଦାକୁ ଆସି ନିଜ ବିଳମ୍ବର କାରଣ କହିଲେ ଯେ ସେ ତାଙ୍କ ସ୍ୱାମୀଙ୍କ ସେବାରେ ବ୍ୟସ୍ତ ଥିବାରୁ ଆସିପାରି ନଥିଲେ ଓ ସେଥିପାଇଁ ଭିକ୍ଷା ଦେବାରେ ବିଳମ୍ବ ହୋଇଗଲା। ଏହା ଶୁଣି କୌଶିକ ତାଙ୍କୁ ଧିକ୍କାର କରିବା ସହ ତାଙ୍କର ମନରେ ଗର୍ବ ହୋଇଯାଇଥିବାରୁ ସେ ତାଙ୍କୁ ଏପରି ବ୍ୟବହାର ଦେଖାଇଲେ ବୋଲି ପ୍ରକାଶ କଲେ। ତାହାର ଉତ୍ତରରେ ମହିଳା କହିଲେ, "ହେ ମୁନିବର! ଆପଣ ସେହି ଗଛ ଉପରେ ବସି ମଳତ୍ୟାଗ କରିଥିବା ବଗ ବୋଲି ମୋତେ ଭାବନ୍ତୁ ନାହିଁ। ମୁଁ ମୋ ପତିଙ୍କ ସେବାରେ ବ୍ୟସ୍ତ ଥିଲି। ତେଣୁ ଆପଣ ଯେତେ କ୍ରୋଧିତ ହେଲେ ମଧ୍ୟ ଜଣେ ପତିବ୍ରତା ନାରୀର କିଛି କରିପାରିବେ ନାହିଁ।" ଏପରି ଶୁଣି କୌଶିକ ବ୍ରାହ୍ମଣ ଭାବିଲେ ଏହି ମହିଳା ବଗ କଥା କିପରି ଜାଣିଲେ? ସେ ଏପରି ଭାବୁଥିବାବେଳେ ପୁଣି ମହିଳା କହିଲେ, "ଆପଣ ବ୍ରାହ୍ମଣର ମର୍ଯ୍ୟାଦା ରଖିନାହାନ୍ତି। ଧର୍ମର ମର୍ମ କଣ ତାହା ମଧ୍ୟ ଜାଣନ୍ତି ନାହିଁ। ଆପଣଙ୍କ ପାଇଁ କ୍ରୋଧ ହିଁ ଏକମାତ୍ର ଧର୍ମ। ଯାହାକୁ ସର୍ବଦା ଅଧର୍ମ କୁହାଯାଏ। କ୍ରୋଧ ଏପରି ଏକ ଶତ୍ରୁ ଯାହା ମନୁଷ୍ୟ ଶରୀର ଭିତରେ ରହି ତାହାର ବହୁତ କ୍ଷତି କରିଥାଏ। ତେଣୁ ଆପଣ କ୍ରୋଧ ପରିହାର କରି ଜଣେ ବ୍ରାହ୍ମଣ ଭଳି ରହନ୍ତୁ।" ଏପରି ଶୁଣି ବ୍ରାହ୍ମଣ କୌଶିକ ଲଜ୍ଜିତ ହେବା ସହ ସେଠାରୁ ଚାଲିଗଲେ।

କ୍ରୋଧ ସମ୍ପର୍କରେ ଏହିପରି ରାଶି ରାଶି ଦୃଷ୍ଟାନ୍ତମାନ ରହିଛି। କ୍ରୋଧିତ ବ୍ୟକ୍ତି କିପରି ନିଜର ମାନବିକତା ହରାଇଥାଏ ଏହି ଦୁଇଟି ତାହାର ଉଦାହରଣ ମାତ୍ର।

# ସେବା, ତ୍ୟାଗ ଓ ମମତାର ପ୍ରତିମୂର୍ତ୍ତି ମା' ରମାଦେବୀ



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ଦୂରଭାଷ : ୭୮୪୬୯୨୧୪୦୦
Mail: meerabeura74@gmail.com

ଏ କଥା ସତ୍ୟ ଯେ କେବଳ ହିଂସା କି ରକ୍ତପାତରେ ନୁହେଁ, ଉତ୍କଳର ଯେଉଁ ମହିୟସୀ ମହିଳାମାନେ ସତ୍ୟ ଶାନ୍ତି ଓ ଅହିଂସା ମାଧ୍ୟମରେ ତତ୍କାଳୀନ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରି ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ କେବଳ ସ୍ୱପ୍ନ ଦେଖି ନଥିଲେ, ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ସେବା ଦ୍ୱାରା ମହିଳା ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ଭାରତର ଇତିହାସକୁ ନୂତନ ଦିଗରେ ନେବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରମୁଖ ନାରୀଶକ୍ତି ଥିଲେ ସେବା ଓ ମମତାର ପ୍ରତିମୂର୍ତ୍ତି ମା' ରମାଦେବୀ। ମା' ରମା ଦେବୀ ଥିଲେ ଓଡ଼ିଶା ଜାତିର ସ୍ୱାଭିମାନ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଭ୍ରାତୃପୁତ୍ରୀ ଓ ଡେପୁଟି କଲେକ୍ଟର ଗୋପବନ୍ଧୁ ଚୌଧୁରୀଙ୍କର ଧର୍ମପତ୍ନୀ ଓ ଭୀମାଭୂୟାଁ ଉପନ୍ୟାସର ରଚୟିତା, ଗୋପାଳବଲ୍ଲଭ ଦାସଙ୍କ ସୁକନ୍ୟା। ଏତେ ପ୍ରାଚୁର୍ଯ୍ୟରେ ବଢ଼ିଥିଲେ ମଧ୍ୟ ଯେହେତୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ରକ୍ତ ତାଙ୍କ ଦେହରେ ପ୍ରବାହିତ ହେଉଥିଲା, ସେଥିପାଇଁ ଓଡ଼ିଶାର ଭୂଦାନ ଆନ୍ଦୋଳନରେ ନିଜକୁ ସମର୍ପି ଦେଇ ସମଗ୍ର ଓଡ଼ିଶାବାସୀଙ୍କ ପ୍ରେରଣାର ଉତ୍ସ ପାଲଟି ଯାଇଥିଲେ ମା' ରମାଦେବୀ । ମାନବ ସେବାକୁ ମାଧବ ସେବା ଭାବେ ଯେଉଁ ମହିୟସୀ ମା'ମାନେ ନିଜ ଜୀବନର ବ୍ରତ କରିଥିଲେ ସେମାନଙ୍କ ମଧ୍ୟରେ ମା' ରମା ଦେବୀ ଥିଲେ ଅନ୍ୟତମ ମାତୃପ୍ରତିମା। ପିତା ଗୋବିନ୍ଦ ବଲ୍ଲଭ ଦାସ ଓ ମାତା ବସନ୍ତ କୁମାରୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ମା ରମାଦେବୀ ୧୮୯୯ ମସିହା ୩ ଡିସେମ୍ବର କଟକ ଜିଲ୍ଲାରେ। ତୁଳସୀ ଦୁଇପତ୍ରରୁ ବାସିଲାପରି ପିଲାଟି ବେଳୁ ମାଆଙ୍କଠାରୁ ପୁରାଣ ଶାସ୍ତ୍ର ଶୁଣି ସେହିଭଳି ଭାବେ ନିଜକୁ ସମାଜର ଗୋଟିଏ ମାଆ ଭାବେ ପରିଚିତ କରାଇ ପାରିଥିଲେ ।

ଏହାପରେ ବିବାହ କଲେ ୧୯୧୪ ମସିହାରେ ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ର ଗୋପବନ୍ଧୁ ଚୌଧୁରୀଙ୍କୁ । ୧୯୨୧ ମସିହାରେ ଗାନ୍ଧୀ ଯେତେବେଳେ ଓଡ଼ିଶା ଆସିଥିଲେ ତାଙ୍କ ଜାତୀୟତା ଭରା ଅଭିଭାଷଣରେ ଅତିମାତ୍ରାରେ ଉଦ୍‌ବୁଦ୍ଧ ଲାଭ କରି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । କେବଳ ସେତିକି ନୁହେଁ ଭାରତବର୍ଷର ଇତିହାସରେ ତଥା ଓଡ଼ିଶା ଇତିହାସରେ ଯଦି କିଏ ନିଜର ସମସ୍ତ ସୁନା ଗହଣା ସ୍ୱରାଜ ପାଣ୍ଠିକୁ ଦେଇ ସାରାଜୀବନ ଖଦଡ଼ ପିନ୍ଧି ସେବାକୁ ନିଜର ବ୍ରତ କରିଥିଲେ, ସେ ଥିଲେ ସେବାତ୍ୟାଗର ପ୍ରତିମୂର୍ତ୍ତି ମା' ରମାଦେବୀ । ମା' ରମାଦେବୀ ସ୍ୱାମୀଙ୍କ ସହ ଅଳକା ଆଶ୍ରମରେ ଅବସ୍ଥାନ କରି ଲୋକଙ୍କ ଦୁଃଖ ସୁଖ ବୁଝି ସେବା କରୁଥିଲେ । ୧୯୩୦ ମସିହାରେ ଓଡ଼ିଶାରେ ଯେତେବେଳେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଚାଲିଥିଲା ସେତେବେଳେ ଇଞ୍ଚୁଡ଼ିଠାରେ ଲୁଣ ମାରିବା ପାଇଁ ଶହଶହ ନାରୀଙ୍କୁ ଧରି ଲୁଣମାରିବା ପାଇଁ ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରିଥିଲେ ମା' ରମାଦେବୀ । ୧୯୬୨ ମସିହାରେ ଯେତେବେଳେ ଭାରତ ଓ ଚୀନ ମଧ୍ୟରେ ଯୁଦ୍ଧ ଚାଲିଥିଲା ସେହି ସମୟରେ ମା' ନିଜେ ସେନା ଛାଉଣୀରେ ରହି ଆହତ ସୈନ୍ୟ ମାନଙ୍କର ସେବା କରିଥିଲେ । ସେ ବନ୍ୟା ହେଉକି ବାତ୍ୟା ହେଉ କି ମରୁଡ଼ି ହେଉ ଯେ କୌଣସି ପ୍ରାକୃତିକ ଦୁର୍ବିପାକ ହେଉ ଲୋକଙ୍କର ସବୁ ଅସୁବିଧା ବେଳେ ସେ ଲୋକଙ୍କ ପାଖେ ପାଖେ ରହି ସେବା କରୁଥିଲେ । ସେଇଥି ପାଇଁ ନିଜର ଉତ୍ସର୍ଗୀକୃତ ସେବା କାର୍ଯ୍ୟ ପାଇଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ପ୍ରାପ୍ତ କରିଥିଲେ ଏବଂ ଯମୁନା ଲାଲ ବଜାଜ ଫାଉଣ୍ଡସେନ ପକ୍ଷରୁ ମଧ୍ୟ ପୁରସ୍କୃତ ହୋଇଥିଲେ ମା' ରମାଦେବୀ । ଓଡ଼ିଶା ମାଟିରେ ତାଙ୍କୁ ଚିରସ୍ମରଣୀୟ କରି ରଖିବା ପାଇଁ ଗଢ଼ା ହୋଇଥିଲା ରମାଦେବୀ ମହାବିଦ୍ୟାଳୟ । ଯାହା ବର୍ତ୍ତମାନ ରମାଦେବୀ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି ।

୧୯୨୩ - ୨୪ ମସିହାରେ ଯେତେବେଳେ ଜଗତ୍‌ସିଂହପୁରରେ ହଇଜା ବ୍ୟାପି ଥିଲା ମା' ନିଜେ ଯାଇ ଘରଘର ବୁଲି ଲୋକଙ୍କ ସେବା କାର୍ଯ୍ୟ କରୁଥିଲେ । କେବଳ ସେତିକି ନୁହେଁ ଅନେକ ମହାମାରୀ ରୋଗରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ସଚେତନ କରି ଗାଁ ଗାଁ ବୁଲୁଥିଲେ ମା' ରମାଦେବୀ । ଗାନ୍ଧିଜୀଙ୍କ ଅସ୍ପୃଶ୍ୟତା ନିବାରଣ ସଂପର୍କରେ ଲୋକମାନଙ୍କୁ ବୁଝାଉଥିଲେ ମା' ରମାଦେବୀ । ଅନେକ ନାରୀମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଲୁଗାବୁଣା, ଅକ୍ଷରଶିକ୍ଷା ଓ ପରିବାର କିରି ସୁନ୍ଦର ଭାବେ ଯତ୍ନ ନିଆଯାଇ ପାରିବ ସେ ସଂପର୍କରେ ମହିଳାମାନଙ୍କୁ ଶସକ୍ତିକରଣ କରିବା ପାଇଁ ଅଣ୍ଟାଭିଡ଼ି ଥିଲେ ମା' ରମାଦେବୀ । ୧୩ ଏପ୍ରିଲ ୧୯୩୦ ମସିହାରେ ପ୍ରଥମେ ଆଚାର୍ଯ୍ୟ ହରିହରଙ୍କ ସହ ମିଶି ଇଞ୍ଚୁଡ଼ିଠାରେ ସମୁଦ୍ର କୂଳରେ ଆରମ୍ଭ କରିଥିଲେ ଆଇନ୍ ଅମାନ୍ୟ ଆନ୍ଦୋଳନ । ମା' ରମାଦେବୀଙ୍କ ନେତୃତ୍ୱରେ ପାରାଦ୍ୱୀପ ଏରସମା, ଚଡୁଆ, ଦରିଆ ଆଦି ସ୍ଥାନରେ ଲୁଣମରା ବ୍ୟାପକ ହୋଇଥିଲା ।

ପରବର୍ତ୍ତୀ ସମୟରେ ଅଳକା ଆଶ୍ରମକୁ ପୋଲିସ ଧ୍ୱଂସ କରିଦେବା ପରେ ୧୯୩୪ ମସିହାରେ ବରୀ ଯାଇ ସେଠାରେ ଏକ ଆଶମ ପ୍ରତିଷ୍ଠା କରିଥିଲେ ମା' ରମାଦେବୀ । ଯେଉଁ ଆଶ୍ରମର କି ନାମ ଥିଲା 'ସେବା ଆଶ୍ରମ' । ସେହି ଆଶ୍ରମରେ ସେ ଖଦୀକାମ, ହରିଜନ ସେବା, ରାଷ୍ଟ୍ରଭାଷା ହିନ୍ଦିର ପ୍ରଚାର, ନାରୀ ଜାଗରଣ, ନିଶା ନିବାରଣ, ମୌଳିକଶିକ୍ଷା, ଖଜୁରିଗୁଡ଼ ପ୍ରସ୍ତୁତି, ଗାଁ ସଫେଇ, ଅସ୍ପୃଶ୍ୟତା ନିବାରଣ ଆଦି ସେବା କାର୍ଯ୍ୟ ଅତି ସୁନ୍ଦର ଭାବରେ ପରିଚାଳିତ କରି ନିଜର ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ସେ ଓଡ଼ିଶାର ଘରେ ଘରେ ମା' ରୂପେ ପରିଚୟ ପାଇଥିଲେ । ଓଡ଼ିଶାରେ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ସମୟରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ । ୯ ମାର୍ଚ୍ଚ ୧୯୩୪ ରେ ଗାନ୍ଧିଜୀ ଓଡ଼ିଶାରେ ହରିଜନ ପଦଯାତ୍ରା କରିଥିଲେ । ଏହି ଯାତ୍ରା ପୁରୀ ଠାରୁ ଭଦ୍ରକ ପର୍ଯ୍ୟନ୍ତ ରହିଥିଲା । ୯ ଅଗଷ୍ଟ ୧୯୪୨ ମସିହାରେ ମଧ୍ୟ 'କର ବା ମର' ଧ୍ୱନୀରେ ମଧ୍ୟ ଭାରତ ଛାଡ଼ ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନରେ ମା' କାରାବରଣ କରିଥିଲେ । ଏହି ଆନ୍ଦୋଳନକୁ କ୍ରିୟାଶୀଳ କରିବା ପାଇଁ ୧୯୪୩ରେ ସେ ପୁଣି ମହିଳାମାନଙ୍କୁ ଏକତ୍ରିତ କରି ଆନନ୍ଦୋଳନକୁ ଆହୁରି ତୀବ୍ରତର ପରିଣତ କରିଥିଲେ ।

ଏହାପରେ ୧୯୪୬ ରୁ ୧୯୫୨ ପର୍ଯ୍ୟନ୍ତ ସର୍ବଭାରତୀୟ କସ୍ତୁରବା ଗାନ୍ଧି ସ୍ମାରକୀ ନିଧିର ସଦସ୍ୟା ଥିଲେ । ସେହି ସମୟରେ ସେ ସେଥିରୁ ମିଳୁଥିବା ଅର୍ଥରେ ସେ କୋରାପୁଟର ଡୁମୁଡ଼ିଗଡ଼ାଠାରେ ଆଦିବାସୀ ପିଲାଙ୍କ ପାଇଁ ଏକ ବିଦ୍ୟାଳୟ ସ୍ଥାପନ କରି ଶିକ୍ଷାର ପ୍ରସାର କରିଥିଲେ । ଏହାପରେ ୧୯୪୭ ସେ ଉତ୍କଳ ଖଦୀମଣ୍ଡଳ ଏବଂ ରେଡକ୍ରସ ସୋସାଇଟିର ଉପସଭାପତି ରୂପେ କାର୍ଯ୍ୟ କରିଥିଲେ । ପରେ ୧୯୬୫ ରେ ଉତ୍କଳଗାନ୍ଧୀ ସ୍ମାରକୀନିଧିର ସଭାପତି ରୂପେ ଦାୟିତ୍ୱ ବହନ କରିଥିଲେ । ତାଙ୍କରି ନେତୃତ୍ୱରେ ସେ ଦିନ ଓଡ଼ିଶାରେ ଅନେକ ମାତୃମଙ୍ଗଳ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । ୧୯୬୮ରେ ସେ କଲିକତା ଠାରେ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନରେ ଯୋଗ ଦେଇଥିଲେ । ପୁଣି ୧୯୫୨ ମସିହାରେ ନିଜ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହ ଭୂଦାନ ଆନ୍ଦୋଳନରେ ମଧ୍ୟ ଯୋଗଦେଇଥିଲେ । ୧୯୫୯ ରୁ ୧୯୬୧ ପର୍ଯ୍ୟନ୍ତ ସେ ବରୀ ଆଶ୍ରମରେ ଜନସେବାରେ ନିଜକୁ ନିଯୁକ୍ତ କରି ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ ।

ଏହାପରେ ୧୯୬୨ ରେ ଯେତେବେଳେ ଭାରତ ଓ ଚୀନ ମଧ୍ୟରେ ଯୁଦ୍ଧ ହେଲା ସେ ପ୍ରଚଣ୍ଡ ଶୀତକୁ ଭ୍ରୁକ୍ଷେପ ନ କରି ସେହି ଆହତ ସୈନ୍ୟମାନଙ୍କ ସେବା କରିଥିଲେ । ସେହି ସୈନ୍ୟମାନଙ୍କ ପ୍ରତି ତାଙ୍କର ପ୍ରଚଣ୍ଡ ସ୍ନେହ ଶ୍ରଦ୍ଧା ମଧ୍ୟ ଥିଲା । ତା' ଛଡ଼ା ସହରରେ ଯେତେବେଳେ ହିନ୍ଦୁ ମୁସଲିମ୍ ଗଣ୍ଡଗୋଳ ହୋଇଥିଲା ମା' ନିଜେ ସେଠାକୁ ଯାଇ ତାକୁ ସମାଧାନ କରିଥିଲେ । ୧୯୬୮ରେ ବାଲେଶ୍ୱର, ଢେଙ୍କାନାଳ, ପୁରୀ, କୋରାପୁଟ, ଗାମ, କଟକ, ମୟୁରଭ ଓ ଫୁଲବାଣୀ ଜିଲ୍ଲାରେ ମରୁଡ଼ି ପଡ଼ିଥିବା ବେଳେ ତାଙ୍କୁ ମଧ୍ୟ ସେବା କରିଥିଲେ । ସେ ବନ୍ୟା ହେଉ ବା ବାତ୍ୟା ସବୁବେଳେ ସହଯୋଗର ହାତ ବଢ଼ାଇ ଦେଉଥିଲେ ମା' ରମାଦେବୀ । ୧୯୭୫ରେ ଦେଶର ଜରୁରୀକାଳୀନ ପରିସ୍ଥିତିକୁ ତୀବ୍ର ନିନ୍ଦା କରିଥିଲେ ମା' ରମାଦେବୀ । ପୁଣି ୧୯୭୪ ରେ ରେଭେନସାରେ ଯେଉଁ ଛାତ୍ର ଆନ୍ଦୋଳନ ଦେଖାଯାଇଥିଲା ସେଠାକୁ ମା' ନିଜେ ଯାଇ ତାକୁ ପ୍ରଶମିତ କରିଥିଲେ । ୧୯୭୭ରେ ଆଚାର୍ଯ୍ୟ ହରିହରଙ୍କ ଜନ୍ମ ଶତବାର୍ଷିକ ପାଳନ କରିବା ଦିଗରେ ଉତ୍ସାହ ଦେଖାଇ ତାଙ୍କ ନାମରେ କଟକରେ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ କରିଥିଲେ । ଯାହା ଆଜି କ୍ୟାନସର ପ୍ରତିଷ୍ଠାନ ଓ ଗବେଷଣା କେନ୍ଦ୍ର ନାମରେ ପ୍ରସିଦ୍ଧି ଲାଭ କରିଛି। ତାଙ୍କରି ନାମରେ ଆଜି ଭୁବନେଶ୍ୱରରେ ବିଶ୍ୱବିଦ୍ୟାଳୟଟିଏ ସ୍ଥାପନ ହୋଇଛି । ପ୍ରାଚୁର୍ଯ୍ୟରେ କୋଳରେ ବଢ଼ିଥିଲେ ମଧ୍ୟ ତାହାକୁ ପାଦରେ ଏଡ଼ାଇ ଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତର ସ୍ୱାଧିନତା ସଂଗ୍ରାମରେ ଯୋଗଦେଇଥିଲେ । ନିଜର ନିଃସ୍ୱାର୍ଥପର ସେବା ଦ୍ୱାରା ସେ ସମସ୍ତଙ୍କର ମା' ହୋଇ ପାରିଥିଲେ। ଓଡ଼ିଶାବାସୀଙ୍କ ମାନସପଟରେ ସେ ଆଜିବି ଏତେ ବର୍ଷ ପରେ ଉଦ୍‌ଭାସିତ ହେଉଛନ୍ତି। ଆଜିର ଯୁବପିଢ଼ିମାନେ ଯଦି ତାଙ୍କରି ଆଦର୍ଶ, ନିଷ୍ଠା, ସଂକଳ୍ପରେ ଅନୁପ୍ରାଣିତ ହୋଇ, ଉତ୍ତମ ଚରିତ୍ରର ହୋଇ ସମାଜକୁ ତଥା ରାଷ୍ଟ୍ରକୁ ସୁସଙ୍ଗଠିତ କରି ବିକାଶ ଦିଗରେ ଆଗେଇ ନେଇଯିବେ ତେବେ ତାହା ହିଁ ହେବ ମା' ରମାଦେବୀଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଳୀ । ପ୍ରକୃତରେ ସେ ହିଁ ଥିଲେ ମା' ପରି ମା' ଟିଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଡିସେମ୍ବର ୨୦୨୫ ବୁଧବାର



# ଶୀତଦିନେ ନଗାଧୋଇଲେ ବଢ଼େ ଆୟୁଷ !

ସାଧାରଣତଃ ଗାଧୋଇବା ଆମର ଦୈନନ୍ଦିନ ନିତ୍ୟକର୍ମର ଅଂଶ ବିଶେଷ। ହେଲେ ଶୀତ ଦିନରେ ଗାଧୋଇବାକୁ ସମସ୍ତେ ପସନ୍ଦ କରନ୍ତିନି। ଆଉ ଯେଉଁମାନେ ଶୀତଦିନେ ଗାଧୋଇନଥାନ୍ତି, ସେମାନେ ଏକଥା କାହା ଆଗରେ କହିବାକୁ ବି ସଂକୋଚ କରିଥାଆନ୍ତି। କାରଣ ଏହାକୁ ଅସ୍ୱାସ୍ଥ୍ୟକର ବୋଲି କୁହାଯାଏ। ହେଲେ ଏଭଳି ଲୋକଙ୍କ ପାଇଁ ସୋଶାଲ ମିଡିଆରେ ଏକ ଖୁସି ଖବର ଆସିଛି। ଶୀତ ଦିନେ ଗାଧୋଉନଥିବା ଲୋକଙ୍କ ଆୟୁଷ ବଢ଼ିଥାଏ ବୋଲି ଇନଷ୍ଟାଗ୍ରାମରେ ଏକ ଭିଡିଓରେ ହୋଇଥିବା ଦାବିକୁ ନେଇ ଏବେ ନାନା ଚର୍ଚ୍ଚା ଓ ଆଲୋଚନା ଆରମ୍ଭ ହୋଇଛି। ସୋଶାଲ ମିଡିଆରେ ଡକ୍ଟର ରେବେକ୍କା ପିଣ୍ଟୋ ଶେୟାର କରିଥିବା ଭିଡିଓରେ ପରାମର୍ଶ ଦେଇଛନ୍ତି ଯେ ଶୀତ ଦିନରେ ନଗାଧୋଇବା ଏତେ ବି ଖରାପ ନୁହେଁ। କାରଣ ଏହା ଆପଣଙ୍କ ବୟସ ୩୪ ପ୍ରତିଶତ ବୃଦ୍ଧି କରିଥାଏ। ଭିଡିଓଟି ଇନଷ୍ଟାଗ୍ରାମରେ ଏପର୍ଯ୍ୟନ୍ତ ପ୍ରାୟ ୭ ମିଲିୟନ ୟୁଜର୍ସ ଦେଖିଲେଣି। ଏହି ଭିଡିଓରେ ଯଦିଓ ଅନେକ ତଥ୍ୟ ଦିଆଯାଇଛି, ହେଲେ ସମସ୍ତେ ଏହା ଉପରେ ବିଶ୍ୱାସ କରିନାହାନ୍ତି।



ଅନେକ ସୋଶାଲ ମିଡିଆ ବ୍ୟବହାରକାରୀମାନେ କମେଣ୍ଟ ବକ୍ସରେ ସେମାନଙ୍କର ସନ୍ଦେହ ପ୍ରକାଶ କରିଛନ୍ତି।

ଡକ୍ଟର ରେବେକ୍କା ପିଣ୍ଟୋ ନଗାଧୋଇବାର ଲାଭ ବିଷୟରେ କରିଥିବା ଦାବି ଯଦିଓ ଶୁଣିବାକୁ ବହୁତ ଭଲ ଲାଗୁଛି, ହଲେ ବିଶେଷଜ୍ଞ ତାଙ୍କ ଭିଡିଓରେ ଏହି ଦାବି ବିଷୟରେ କୌଣସି ପତ୍ରିକା କିମ୍ବା ଗବେଷଣାତ୍ମକ ପ୍ରମାଣ ପ୍ରକାଶ କରିନାହାନ୍ତି। ଫଳରେ କିଛି ୟୁଜର୍ସ ପ୍ରଶ୍ନ କରିଛନ୍ତି ଯେ, ଏହା ଉପରେ କୌଣସି ଗବେଷଣାତ୍ମକ ଲେଖା ଅଛି କି? ଯଦି ହଁ, ତେବେ ଏତେ ସାହସିକ ଦାବି କରିବା ପୂର୍ବରୁ ଆପଣଙ୍କୁ ଏହି ପ୍ରମାଣ ଶେୟାର କରିବା ଉଚିତ ଥିଲା।

ଏ ପ୍ରସଙ୍ଗରେ ଅନ୍ୟ ବିଶେଷଜ୍ଞମାନେ କିଛିମାତ୍ରାରେ ଏକମତ ହୋଇଥିଲେ ବି ଶୀତଦିନେ ଗାଧୋଇବା ସଂପୂର୍ଣ୍ଣ ବନ୍ଦ କରିଦେବା କ୍ଷତିକାରକ ହୋଇପାରେ ବୋଲି କହିଛନ୍ତି। ବେଙ୍ଗାଲୁରୁର ଗ୍ଲେନିଗଲ୍ସ ବିଜିଏସ୍ ହସ୍ପିଟାଲର ଏଚ୍ଓଡି ଡକ୍ଟର ବାଲକୃଷ୍ଣ ଜି.କେ କହିଛନ୍ତି ଯେ ସଂପୂର୍ଣ୍ଣ ନ ଗାଧୋଇବା ଦ୍ୱାରା ଆୟୁଷରେ ୩୪ ପ୍ରତିଶତ ବୃଦ୍ଧି ଘଟିପାରେ ବୋଲି କରାଯାଇଥିବା ଦାବି ଅତିରଞ୍ଜିତ। ଯଦିଓ ବାରମ୍ବାର ଗାଧୋଇବା ଦ୍ୱାରା ଚର୍ମରେ ଥିବା ମାଇକ୍ରୋବାଇଓମ୍ ଏବଂ ପ୍ରାକୃତିକ ପ୍ରତିରକ୍ଷା ଶକ୍ତି କ୍ଷତି ହୋଇପାରେ, କିନ୍ତୁ ଗାଧୋଇବା ସଂପୂର୍ଣ୍ଣ ଛାଡିଦେବା ଅସ୍ୱାସ୍ଥ୍ୟକର ଏବଂ ସଂକ୍ରମଣ ହୋଇପାରେ।

କମ ତାପମାତ୍ରା ଏବଂ ଥଣ୍ଡାର ସଂସ୍ପର୍ଶ ଶରୀରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ, ଏବଂ ଏହା ବିଭିନ୍ନ ପ୍ରଜାତି ପାଇଁ ସତ୍ୟ। ଗବେଷଣାରୁ ଜଣାପଡ଼ିଛି ଯେ ଥଣ୍ଡା କିଛି ପ୍ରଜାତିର ମେଟାବୋଲିକ୍ ହାରକୁ ହ୍ରାସ କରିପାରେ, କିନ୍ତୁ ଏହା ପ୍ରକୃତରେ ମଣିଷ କ୍ଷେତ୍ରରେ କେତେ ସତ୍ୟ, ତାହାର କୌଣସି ଦୃଢ଼ ପ୍ରମାଣ ନାହିଁ।

ଯଦିଓ ଆମେ ପ୍ରତିଦିନ ଗାଧୋଇବା ଜରୁରୀ ବୋଲି ଭାବିଥାଉ, କିନ୍ତୁ ସ୍ୱଚ୍ଛତାର ମାନ ବିଭିନ୍ନ ସଂସ୍କୃତିରେ ଭିନ୍ନ ହୋଇଥାଏ। ଥଣ୍ଡା ଜଳବାୟୁରେ, ଲୋକମାନେ ସପ୍ତାହରେ ସବୁଦିନ ନଗାଧୋଇବା ସାଧାରଣ କଥା। ତଥାପି, ଆପଣ ଏକ ସନ୍ତୁଳନ ରକ୍ଷା କରିବା ସହ ସ୍ୱାସ୍ଥ୍ୟକର ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଉଚିତ। କାରଣ ଗାଧୋଇବାରେ ମଧ୍ୟ ଆପଣଙ୍କ ଶରୀର ପାଇଁ ଅନେକ ଲାଭ ଅଛି।

# ତ୍ୱଚାରେ ଚମକ ଆଣେ ନଡ଼ିଆ ତେଲ ସହ ଏହି ୨ ସାମଗ୍ରୀ



ସୁନ୍ଦର ଏବଂ ଆକର୍ଷଣୀୟ ଦିଶିବାକୁ ସମସ୍ତଙ୍କର ଇଚ୍ଛାଥାଏ। କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଏବଂ କେମିକାଲରେ ପ୍ରସ୍ତୁତ ପ୍ରଡକ୍ଟ ବ୍ୟବହାର ଦ୍ୱାରା ଚର୍ମର ପ୍ରାକୃତିକତା ହ୍ରାସ ପାଇଯାଉଛି। ଫଳରେ ୩୫-୪୦ ବର୍ଷ ପରେ ପରେ ଚର୍ମ କୁଞ୍ଚନ ସହ କଳାଦାଗ ହୋଇ ସୌନ୍ଦର୍ଯ୍ୟ କମିଯାଉଛି।

ଯଦି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ କେତେକ ପ୍ରାକୃତିକ ଉପାୟ ଅଳମ୍ବନ କରନ୍ତୁ। ଏହି ଆଲୋଖ୍ୟରେ ଆମେ କିଛି ପ୍ରାକୃତିକ ଉପାୟ ବତାଇବୁ, ଯାହା ଚର୍ମର ଚମକକୁ ବଜାୟ ରଖିବାରେ ସହାୟକ ହେବ। ଏଥିପାଇଁ ନଡ଼ିଆ ତେଲ ସହ ଅନ୍ୟ କିଛି ସାମଗ୍ରୀ ଆବଶ୍ୟ। ସେସବୁ ସାମଗ୍ରୀ କଣ ଏବଂ ଏହାକୁ କିପରି ବ୍ୟବହାର କରିବେ । ଡ୍ରାଏ ସ୍କିନ ଶୀଘ୍ର ନଷ୍ଟ ହୋଇଯିବାର ଆଶଙ୍କା ଅଧିକ। କାରଣ ଏହା କୁଣ୍ଡେଇ ହେବା ଦ୍ୱାରା ଶୀଘ୍ର କୁଞ୍ଚନ ପଡ଼ିଯାଏ। ଏପରି କ୍ଷେତ୍ରରେ ନଡ଼ିଆ ତେଲ ଏବଂ ଅଲିଭ ଅଏଲକୁ ମିଶାଇ ଲଗାଇପାରିବେ। ୩ ଚାମଚ ଅଲିଭ୍ ତେଲକୁ ୩ ଚାମଚ ନଡ଼ିଆ ତେଲରେ ମିଶାନ୍ତୁ। ଏହାକୁ ଭଲ ଭାବରେ ମିଶାଇ ଏକ କାଚ ପାତ୍ରରେ ରଖନ୍ତୁ।

ରାତିରେ ଶୋଇବା ପୂର୍ବରୁ, ଏହି ମିଶ୍ରଣର ୩-୪ ବୁନ୍ଦା ନେଇ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ମାଲିସ୍ କରନ୍ତୁ। ଏହାକୁ ରାତିସାରା ମୁହଁରେ ଛାଡିଦେଇ ପରଦିନ ସକାଳେ ଥଣ୍ଡା କିମ୍ବା ଉଷୁମ ପାଣିରେ ଧୋଇଦିଅନ୍ତୁ। ଆଲୋବେରା ଜେଲ ଓ ନଡ଼ିଆ ତେଲ ନଡ଼ିଆ ତେଲରେ ଅଳ୍ପ ଆଲୋବେରା ଜେଲକୁ ମିଶ୍ରଣ କରି ଚର୍ମରେ ଲଗାଇବା ଦ୍ୱାର ଚର୍ମ କୁଞ୍ଚନ ସମସ୍ୟା ଦୂର ହୋଇପାରେ। ଆଲୋବେରା ଜେଲରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଚର୍ମର ପ୍ରଦାହକୁ ହ୍ରାସ କରିଥାଏ। ଏହା ବ୍ୟତୀତ ଚର୍ମକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ହାଇଡ୍ରେଟ୍ ରଖେ। ଏହା ଚର୍ମକୁ ଥଣ୍ଡା ରଖିବା ସହ କୋମଳ ବି କରିଥାଏ। ୨-୨ ଚାମଚ ନଡ଼ିଆ ତେଲ ଏବଂ ଆଲୋବେରା ଜେଲ୍ ମିଶାନ୍ତୁ।

ଏହାକୁ ଚର୍ମରେ ଲଗାଇ ରାତିସାରା ଛାଡିଦିଅନ୍ତୁ। ସକାଳେ ଧୋଇଦିଅନ୍ତୁ। ଚର୍ମ ଉପରେ ନଡ଼ିଆ ତେଲର ପ୍ରଭାବ ଶୀତଦିନେ ଶୁଖିଲା ଚର୍ମ ଏବଂ ଫଟା ଗୋଇଠି ସମସ୍ୟାକୁ ହ୍ରାସ କରିବା ପାଇଁ ନଡିଆ ତେଲ ବ୍ୟବହାର କରିପାରିବେ। ଏହା କଠିନ ଚର୍ମକୁ କୋମଳ କରିଥାଏ ଏବଂ ଚର୍ମକୁ ସୁସ୍ଥ ରଖେ। ନଡ଼ିଆ ତେଲ ଚର୍ମରେ ପ୍ରଦାହକୁ ମଧ୍ୟ ହ୍ରାସ କରିଥାଏ। ତେଣୁ, ଏହା ଚର୍ମରେ ପିମ୍ପଲ୍ ଏବଂ ବ୍ରଣ ରୋକିବା ସମସ୍ୟାକୁ ହ୍ରାସ କରିଥାଏ। ଏହା ବ୍ୟତୀତ ଏହା ଚର୍ମକୁ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

# କୋଲେଷ୍ଟ୍ରଲ ସହ ଏହି ସବୁ ସମସ୍ୟାକୁ ଦୂର କରେ ଚିଆ ସିଡ୍ସ ଓ ଲେମ୍ବୁ

ଚିଆ ସିଡ୍ସ ଓ ଲେମ୍ବୁ ରସ ଖୁବ୍ ଉପକାରୀ। ଓଜନ ହ୍ରାସ କ୍ଷେତ୍ରରେ ଉଭୟଙ୍କ ଅବଦାନ ଅତୁଳନୀୟ। ଚିଆ ସିଡ୍ସ ଏବଂ ଲେମ୍ବୁ ମିଶ୍ରଣ ଶରୀର ପାଇଁ ଏକ ସୁପରଫୁଡ୍ ଭାବରେ କାର୍ଯ୍ୟ କରେ। ଏହି ଦୁଇଟି ସାମଗ୍ରୀକୁ ଏକାଠି ପିଇବା ଦ୍ୱାରା ଏହାର ପୋଷକ ତତ୍ତ୍ୱ ବହୁଗୁଣିତ ହୋଇଯାଏ। ଓଜନ ହ୍ରାସ ସହ ଆଉ କି କି ଫାଇଦା ମିଳେ ।



କୋଲେଷ୍ଟ୍ରଲ ହ୍ରାସ କରେ- ଚିଆ ସିଡ୍ସରୁ ଓମେଗା-୩ ଫ୍ୟାଟି ଏସିଡ୍ ମିଳିଥାଏ, ଯାହା ହୃଦୟକୁ ସୁସ୍ଥ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଚିଆ ସିଡ୍ସ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ ହ୍ରାସ ପାଇଥାଏ ଏବଂ ଭଲ କୋଲେଷ୍ଟ୍ରଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ। ଏହା ଦ୍ୱାରା ହୃଦରୋଗ ହେବାର ଆଶଙ୍କା ମଧ୍ୟ କମିଯାଏ। ଏହା ବ୍ୟାତୀତ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସିରେ ଭରପୂର ଲେମ୍ବୁ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିଥାଏ। ରକ୍ତଚାପ ଉନ୍ନତ ହୁଏ ଏବଂ ହୃଦୟର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ। ହଜମ ପ୍ରକ୍ରିୟାରେ ଉନ୍ନତି- ଲେମ୍ବୁ ସହିତ ଚିଆ ସିଡ୍ସ ପାଣି ପିଇବାର ଆଉ ଏକ ଉପକାର ହେଉଛି ହଜମ ପ୍ରକ୍ରିୟାରେ ଉନ୍ନତି। ଚିଆ ସିଡ୍ସ ପାଣି ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପୂରା ପୂରା ଲାଗିଥାଏ, ବିଶେଷ ଭୋକ ହୋଇନଥାଏ। ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ।

ଏହା ବ୍ୟତୀତ ଚିଆ ସିଡ୍ସ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟକୁ ସଫା ରଖିଥାଏ। କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ। ଲେମ୍ବୁ ରସ ଶରୀରରେ ପିତ୍ତ ଉତ୍ପାଦନକୁ ମଧ୍ୟ ବଢାଇଥାଏ, ଯାହା ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଚିଆ ଏବଂ ଲେମ୍ବୁକୁ ମିଶାଇ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ସୁସ୍ଥ ରହିଥାଏ।

ଓଜନ ହ୍ରାସ- ଓଜନ ହ୍ରାସ ପାଇଁ ଚିଆ ସିଡ୍ସ ଏବଂ ଲେମ୍ବୁ ଖୁବ୍ ଉପକାରୀ। ଲେମ୍ବୁ କ୍ୟାଲୋରୀ ବୃଦ୍ଧି କରିବାକୁ ଦେଉ ନ ଥିବାବେଳେ ଚିଆ ସିଡ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ। ଅଧିକ ଖାଦ୍ୟ ନ ଖାଇବା ଦ୍ୱାରା ଓଜନ ବୃଦ୍ଧି ପାଇନଥାଏ।

# ଭଲ ହୋଇଯିବ ଓଠ ଫଟା ଆପଣାନ୍ତୁ ଏହି ଘରୋଇ ଉପଚାର

ଲିପବାମ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ ଆମେ ଓଠ ଫାଟିବାରୁ ମୁକ୍ତି ପାଇ ପାରିବା। ଶୀତ ଦିନେ ତ୍ୱଚା ରୁକ୍ଷ ଦେଖାଯିବା ସହ ଓଠ ମଧ୍ୟ ଫାଟିଥାଏ। ଏଥିପାଇଁ ଫଟା ଓଠରେ ବାରମ୍ବାର ଲିପ୍ ବାମ ଲଗାଇ ଥାନ୍ତି। ହେଲେ ଓଠ ଫାଟିବାରୁ ମୁକ୍ତି ମିଳି ନଥାଏ। ବଜାରରେ ମିଳୁଥିବା ଲିପ୍ ବାମ ଓଠକୁ କଳା ପକାଇ ଦେଇଥାଏ। ତେଣୁ ଏପରି ଲିପବାମ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ ଆପଣ ଓଠ ଫାଟିବାରୁ ମୁକ୍ତି ପାଇ ପାରିବେ। ଆସନ୍ତୁ ଜାଣିବା ସେ ବିଷୟରେ । ଘିଅ ବା ଲହୁଣୀ: ଶୀତ ଦିରେ ଆପଣଙ୍କ ଓଠ ଫାଟୁଛି ତାହା ହେଲେ ଗୁଆ ଘିଅକୁ ଓଠରେ ଲଗାନ୍ତୁ। ଏଥିସହ ଆପଣ ଲହୁଣୀ ଲଗାଇପାରିବେ। ବିଶେଷ କରି ରାତିରେ ଶୋଇବା ବେଳେ ଓଠରେ ଘିଅ ଲଗାଇ ଶୁଅନ୍ତୁ। ଫଳରେ ଓଠ ରୁକ୍ଷ ବଦଳରେ ନରମ ରହିଥାଏ । ମହୁ: ଶୀତ ଦିନରେ ଓଠରେ ମହୁ ଲଗାଇପାରିବେ। ଏହା ଦ୍ୱାରା ଓଠ ନରମ ରହିଥାଏ। ମହୁରେ ପ୍ରାକୃତିକ ହାଇଡ୍ରେଟିଂ ଏଜେଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଭରପୂର ହୋଇ ରହିଥାଏ। ନଡ଼ିଆ ତେଲ: ନଡିଆ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଥାଏ, ଯାହା ଶୁଖିଲା ଏବଂ ଫାଟିଯାଇଥିବା ଓଠକୁ ଭଲ କରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ଶୀତଦିନେ ଓଠ ଫାଟୁଥିଲେ ନଡ଼ିଆ ଲଗାଲେ ଲାଭଦାୟକ ହୋଇଥାଏ। ଆଲୋ ଭେରା ଜେଲ: ଆଲୋ ଭେରା ଜେଲକୁ ଫଟା ଓଠରେ ଲଗାଇଲେ ଲାଭ ଦାୟକ। ଏହା ବ୍ୟବହାର କରିବା ଦ୍ୱାରା ଆମର ଓଠ ଫଟା ଭଲ ହୋଇଯାଇଥାଏ।



# ପଇଡ଼ ପାଣିର ଫାଇଦା

ଖରା ଦିନରେ ପଇଡ଼ ପାଣି ବେଶ୍ ଉପକାରୀ ଜାଣିଥିବେ ନିଶ୍ଚୟ, କିନ୍ତୁ ଏହା ଶୀତଋତୁରେ ବି ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଜାଣନ୍ତି କି? ଅନେକ ଲୋକ ଭାବନ୍ତି ଯେ ଶୀତଦିନେ ପଇଡ଼ ପାଣି ପିଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ, କିନ୍ତୁ ସେପରି ହୁଏନାହିଁ। ଶୀତଦିନେ ପଇଡ଼ ପାଣି ଶରୀରକୁ କେବଳ ଭିତରୁ ଶକ୍ତିଶାଳୀ କରେ ନାହିଁ, ବରଂ ଅନେକ ରୋଗରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ବିଶେଷକରି ଶୀତ ଦିନରେ ଲୋକମାନେ ପାଣି ପିଇବାକୁ ଅମଙ୍ଗ ହୁଅନ୍ତି। ଏପରି ସମୟରେ ପଇଡ଼ ପାଣି ଶରୀରକୁ ହାଇଡ୍ରେଟ ରଖିବାରେ ପ୍ରମୁଖ ଭୂମିକା ନିଭାଇଥାଏ। କେବଳ ଏତିକି ନୁହେଁ, ପଇଡ଼ ପାଇ ଶୀତଦିନେ ଶରୀରକୁ ଏକାଧିକ ଲାଭ ଦେଇଥାଏ ।



ଶୀତଦିନେ ରୋଗ ଶୀଘ୍ର ଆକ୍ରମଣ କରେ। ଏହାର ମୁଖ୍ୟ କାରଣ ପ୍ରତିରୋଧ ଶକ୍ତିର ଅଭାବ। ତେଣୁ, ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ପଇଡ଼ ପାଇଁ ହେଉଛି ସର୍ବୋତ୍କୃଷ୍ଟ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଶୀତଦିନେ ଚର୍ମ ପ୍ରାୟତଃ ଶୁଷ୍କ ହୋଇଯାଏ। ଏପରି ସ୍ଥିତିରେ, ଯଦି ଆମେ ପଇଡ଼ ପାଣି ପିଉଥାଉ, ଏହା ଆମ ଚର୍ମକୁ ପ୍ରାକୃତିକ ଭାବରେ ଆର୍ଦ୍ର କରିବାରେ ସାହାଯ୍ୟ କରେ। ପଇଡ଼ ପାଣି ଚର୍ମକୁ ଭିତରରୁ ହାଇଡ୍ରେଟ୍ ରଖେ। ଏହା ଚର୍ମର ପ୍ରାକୃତିକ ଚମକକୁ ବଜାୟ ରଖିବା ସହ ଶୁଷ୍କ ହେବାକୁ ଦିଏନାହିଁ। ଯଦି ଉଚ୍ଚ ରକ୍ତଚାପ ସମସ୍ୟା ଅଛି ତେବେ ପଇଡ଼ ପାଣି ଲାଭଦାୟକ ହୋଇପାରେ। ବାସ୍ତବରେ, ପଇଡ଼ ପାଣିରେ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଶୀତଦିନରେ ଶୋଇବା, ଉଠିବାରେ ବିଳମ୍ବ ହେବା ସହ କାମ କରିବାକୁ ମନଲାଗି ନଥାଏ। ଫଳରେ ହଜମ ପ୍ରକ୍ରିୟା ବିଳମ୍ବ ହୁଏ। ହଜମ ଠିକ୍ ନ ହେଲେ ନାନା ସମସ୍ୟା ଦେଖାଯାଏ। ତେଣୁ ହଜମ ପ୍ରକ୍ରିୟା ବଜାୟ ରଖିବା ପାଇଁ ଶୀତଦିନେ ପଇଡ଼ ପାଣି ଉତ୍ତମ ବିକଳ୍ପ ହୋଇପାରେ। ଏହା ପେଟକୁ ସଫା ରଖିବା ସହ ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ। ଯଦି ଶୀତଦିନେ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ପଇଡ଼ ପାଣି ସାହାଯ୍ୟ କରିପାରିବ। କାରଣ ଏଥିରେ କମ୍ କ୍ୟାଲୋରୀ ଥାଏ। ଏହା ଭୋକକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରେ।

# କାର୍ଡିଆକ୍ ଆରେଷ୍ଟ ଓ ହାର୍ଟ ଆଟାକ୍ ସମାନ, ନା ଭିନ୍ନ ଭିନ୍ନ ?

ହୃଦଘାତ ଓ କାର୍ଡିଆକ୍ ଆରେଷ୍ଟକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜେ। ଏହା ଗୋଟିଏ ପ୍ରକାର ରୋଗ, ନା ଭିନ୍ନ । ବଢିଚାଲିଛି ହୃଦଘାତଜନିତ ମୃତ୍ୟୁସଂଖ୍ୟା। ଯେଉଁ ରୋଗ ଏକଦା ପ୍ରାପ୍ତ ବୟସ୍କରେ ହେଉଥିଲା, ତାହା ଏବେ ଯୁବପିଢିଙ୍କୁ ଗ୍ରାସ କରିଛି। ହୃଦଘାତର ମୁଖ୍ୟ କାରଣ ଚାପ ହୋଇଥିଲେ ମଧ୍ୟ ପରିବର୍ତ୍ତିତ ଜୀବନଶୈଳୀ ଏବଂ ଖାଦ୍ୟପେୟର ଅନିୟମିତତା ଅନ୍ୟ ଏକ କାରଣ। ଏଥିପାଇଁ ଅନେକ ସମୟରେ କମ୍ ବୟସର ପିଲାମାନେ ଜିମରେ, ନାଚୁ ଥିବାବେଳେ କିମ୍ବା ଅନ୍ୟ କୌଣସି କାମ କରିବା ସମୟରେ ହୃଦଘାତର ଶିକାର ହେଉଛନ୍ତି, ଯାହାକୁ ବେଳେ ବେଳେ କାର୍ଡିଆକ୍ ଆରେଷ୍ଟ ବୋଲି ବି କୁହାଯାଉଛି। ତେବେ ଏହି ଦୁଇ ଶବ୍ଦ- ହୃଦଘାତ ବା ହାର୍ଟ ଆଟାକ୍ ଓ କାର୍ଡିଆକ୍ ଆରେଷ୍ଟକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଉପୁଜେ। ହୃଦଘାତ ବା ହାର୍ଟ ଆଟାକ୍ ଯାହାକୁ ବେଳେ ବେଳେ କାର୍ଡିଆକ୍ ଆରେଷ୍ଟ ବୋଲି କୁହାଯାଏ, ତାହା ସମାନ, ନା ଭିନ୍ନ ଭିନ୍ନ । ହାର୍ଟ ଆଟାକ୍ ଏବଂ କାର୍ଡିଆକ୍ ଆରେଷ୍ଟ କ'ଣ ? ପ୍ରଥମ କଥା ହେଉଛି, ଏହି ଦୁଇଟି ପରସ୍ପର ଭିନ୍ନ। ଉଭୟଙ୍କ ମଧ୍ୟରେ ଅନେକଗୁଡ଼ିଏ ପାର୍ଥକ୍ୟ ରହିଛି। ହୃଦୟରେ ରକ୍ତ ପହଞ୍ଚି ନ ପାରିବା ହୃଦଘାତର କାରଣ। ଧମନୀରେ ରକ୍ତ ପ୍ରବାହ ବନ୍ଦ ହୋଇଗଲେ, ଅମ୍ଳଜାନ ଅଭାବ ହୁଏ। ଫଳରେ ହୃଦୟର ଯେଉଁ ଅଂଶକୁ ରକ୍ତ ପହଞ୍ଚିପାରେ ନାହିଁ, ସେହି ଅଂଶ ନଷ୍ଟ ବା ଡ୍ୟାମେଜ୍ ବା ଅକାମୀ ହୋଇଯାଏ।



କାର୍ଡିଆକ୍ ଆରେଷ୍ଟ ଓ ହୃଦଘାତ ମଧ୍ୟରେ ପ୍ରାର୍ଥକ୍ୟ ଫଳରେ ମୃତ୍ୟୁ ଘଟେ। ଏହି ବିପଦପୂର୍ଣ୍ଣ ପ୍ରକ୍ରିୟା କିଛି ସମୟ ନେଇଥାଏ। ମାତ୍ର କାର୍ଡିଆକ୍ ଆରେଷ୍ଟ କୌଣସି ସମୟ ନେଇ ନଥାଏ, ଅଚାନକ ଆସେ। କାର୍ଡିଆକ୍ ଆରେଷ୍ଟ ଆସିଲେ ହଠାତ୍ ହୃଦୟ କାର୍ଯ୍ୟ ବନ୍ଦ ହୋଇଯାଏ ଓ ବ୍ୟକ୍ତିଟିଏ ସବୁଦିନ ପାଇଁ ଆଖି ବୁଜିଦିଏ। ଏହାର ଆଦୌ କୌଣସି ଲକ୍ଷଣ ନଥାଏ, ସର୍ବଦା ହଠାତ୍ ଆସେ। ଅଧିକାଂଶ ସମୟରେ ଆମେ ଲୋକ ହଠାତ୍ ଟଳି ପଡ଼ିବାର ଦେଖନ୍ତି, ଏହା କେବଳ କାର୍ଡିଆକ୍ ଆରେଷ୍ଟ ପାଇଁ ହୋଇଥାଏ। କାର୍ଡିଆକ ଆରେଷ୍ଟ ହେଲେ ରୋଗୀର ହୃଦସ୍ପନ୍ଦନ ହଠାତ୍ ଅତି ଜୋରରେ ବଢ଼ିଯାଏ ଏବଂ ସାଧାରଣ ଭାବରେ ନିଃଶ୍ୱାସ ନେବାରେ ଅକ୍ଷମ ହୁଅନ୍ତି।

ଯଦି ଆମେ ଉଭୟଙ୍କ ମଧ୍ୟକୁ କେଉଁଟା ଅଧିକ ବିପଜ୍ଜନକ କହିବା, ତେବେ ତାହା କାର୍ଡିଆକ ଆରେଷ୍ଟ। କାରଣ ଏଥିରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ। ହାର୍ଟ ଆଟାକର ଲକ୍ଷଣ ୪୮ରୁ ୨୪ ଘଣ୍ଟା ପୂର୍ବରୁ ଦେଖାଯିବା ଆରମ୍ଭ କରେ। ଏଥିରେ ରୋଗୀର ଜୀବନ ରକ୍ଷା କରିବାର ସୁଯୋଗ ଥାଏ। କିନ୍ତୁ କାର୍ଡିଆକ ଆରେଷ୍ଟରେ ରୋଗୀର ଚିକିତ୍ସା କରିବାର କୌଣସି ସୁଯୋଗ ନଥାଏ।

ଦୈନିକ ଅତି କମରେ ଗୋଟିଏ ଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରନ୍ତୁ ଏବଂ ଓଜନ ବଢିବାକୁ ଦିଅନ୍ତୁ ନାହିଁ।

ସାଇକେଲ ଚଲାଇବା, ଜଗିଂ କିମ୍ବା କ୍ରିକେଟ୍, ବ୍ୟାଡମିଣ୍ଟନ୍ ଏବଂ ଫୁଟବଲ୍ ଖେଳିବା ଭଳି କାର୍ଡିଓ ବ୍ୟାୟାମ କରନ୍ତୁ। ଜଙ୍କ୍ ଫୁଡରୁ ଯଥାସମ୍ଭବ ଦୂରରେ ରୁହନ୍ତୁ। ଫଳ ଏବଂ ଶସ୍ୟ ଜାତୀୟ ଖାଦ୍ୟ ଖାଆନ୍ତୁ। ଉଚ୍ଚ ଫାଇବର ଯୁକ୍ତ ପନିପରିବା, ପ୍ରୋଟିନ୍ ଏବଂ ଡାଲି ଖାଆନ୍ତୁ। ପେଟ ପୂରା ଖାଆନ୍ତୁ ନାହିଁ କି ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ପର୍ଯ୍ୟାପ୍ତ ଶୋଇବା ଅଭ୍ୟାସ କରନ୍ତୁ। ରାତି ଅନିଦ୍ରା ହୁଅନ୍ତୁ ନାହିଁ କି ସକାଳେ ଅଧିକ ସମୟ ଶୁଅନ୍ତୁ ନାହିଁ। ମୋବାଇଲ୍ ଏବଂ ଟିଭିଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଚାପ ଏବଂ ଏକାକୀତ୍ୱକୁ ଏଡ଼ାଇବାକୁ ଚେଷ୍ଟା କରନ୍ତୁ। ୩୦ ବର୍ଷ ବୟସ ପରେ ନିୟମିତ ଭାବେ କୋଲେଷ୍ଟ୍ରଲ, ରକ୍ତଚାପ ଏବଂ ମଧୁମେହ ଯାଞ୍ଚ କରନ୍ତୁ।

# ଶୀତଦିନେ ଗରମ ପାଣିରେ ଗାଧୋଇବା ଠିକ୍, ନା ଭୁଲ୍ ?

ଶୀତଦିନେ ଅନେକ ଲୋକ ଗରମ ପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। କାହିଁକି ନା ଧାରଣା ଅଛି ଯେ ଗରମ ପାଣିରେ ଗାଧୋଇବା ଦ୍ୱାରା ଶରୀର ସତେଜ ହୋଇଥାଏ ଏବଂ ଅତ୍ୟଧିକ ଥାଣ୍ଡାରୁ ଆରାମ ମିଳିଥାଏ। ବାସ୍ତବରେ ଗରମ ପାଣିରେ ଗାଧୋଇବା ଦ୍ୱାରା ଫାଇଦା ମିଳିଥାଏ। ପ୍ରଥମେ ଆମେ ଗରମ ପାଣିରେ ଗାଧୋଇବା ଦ୍ୱାରା ଶରୀରକୁ କି କି ଉପକାରିତା ମିଳିଥାଏ ଜାଣିବା। ରିପୋର୍ଟ ଅନୁସାରେ, ଶୀତଦିନେ ଗରମ ପାଣିରେ ଗାଧୋଇଲେ ଆରାମ ମିଳିଥାଏ ଏବଂ ଚାପ କମିଯାଏ। ଏହା ମାନସିକ ଥକାପଣକୁ ଦୂର କରିଥାଏ ଏବଂ ଶରୀରକୁ ଆରାମ ଦେଇଥାଏ। ମାନସିକ ଚାପ ଏବଂ ଚାପପୂର୍ଣ୍ଣ କାର୍ଯ୍ୟ ଦେଇ ଗତି କରୁଥିବା ଲୋକଙ୍କ ପାଇଁ ଏହା ବିଶେଷ ଲାଭଦାୟକ। ଏହା ବ୍ୟତୀତ, ଗରମ ପାଣିରେ ଗାଧୋଇବା ଦ୍ୱାରା ମାଂସପେଶୀ ଚାପ ମଧ୍ୟ କମିଯାଏ। ଗରମ ପାଣିରେ ସ୍ନାନ କଲେ ରକ୍ତ ସଞ୍ଚାଳନ ମଧ୍ୟ ବୃଦ୍ଧି ପାଇଥାଏ। ଏହା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ଯୋଗାଣକୁ ବଢାଇଥାଏ, ଯେଉଁ କାରଣରୁ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ଶରୀରର ଟିସୁ ଏବଂ ଅଙ୍ଗରେ ସଠିକ୍ ଭାବରେ ପହଞ୍ଚିପାରେ। ଶୀତଦିନେ ଶରୀରର ଥଣ୍ଡା ଅଂଶକୁ ଗରମ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ଯଦିଓ ଜଣେ ବ୍ୟକ୍ତିର ମାଂସପେଶୀ ଯନ୍ତ୍ରଣା କିମ୍ବା ଷ୍ଟ୍ରେନ୍ ସମସ୍ୟା ଥାଏ, ତେବେ ଗରମ ପାଣିରେ ଗାଧୋଇବା ଉପକାରୀ ହୋଇପାରେ। ଏହା ଏକ ସ୍ପା ଚିକିତ୍ସା ପରି କାମ କରେ। ଯଦି ଉଷୁମ ପାଣିରେ ସ୍ନାନ କରନ୍ତି, ତେବେ ଚର୍ମକୁ ଆରାମ ମିଳିଥାଏ। ଚର୍ମରୁ ମଇଳା ମଧ୍ୟ ଦୂର ହୋଇଥାଏ।



ଶୀତଦିନେ ଗରମ ପାଣିରେ ଗାଧୋଇବାର ଯେତିକି ଫାଇଦା ଅଛି, ସେତିକି ଅସୁବିଧା ମଧ୍ୟ ରହିଛି। ଅତ୍ୟଧିକ ଗରମ ପାଣି ଚର୍ମର ପ୍ରାକୃତିକ ଆର୍ଦ୍ରତାକୁ ନଷ୍ଟ କରିଦିଏ, ଯାହାଦ୍ୱାରା ଚର୍ମ ଡ୍ରାଏ (ଶୁଖିଲା) ହୋଇଯାଏ। ଏହା ଚର୍ମରେ ଜ୍ୱଳନ, କୁଞ୍ଚନ ଏବଂ ଫାଟ ସୃଷ୍ଟି କରିପାରେ। ଯଦି ଶୀତଦିନେ ଗରମ ପାଣିରେ ସ୍ନାନ କରନ୍ତି, ତେବେ ଚର୍ମର ଆର୍ଦ୍ରତା ବଜାୟ ରଖିବା ପାଇଁ ମଶ୍ଚରାଇଜର ବ୍ୟବହାର କରିବାକୁ ପଡ଼ିଥାଏ।

ଗରମ ପାଣିରେ ସ୍ନାନ କରିବା ଦ୍ୱାରା ଚର୍ମର ଉପର ସ୍ତରରେ ଜ୍ୱଳନ ମଧ୍ୟ ସୃଷ୍ଟି ହୋଇପାରେ, ବିଶେଷ କରି ସେନ୍ସିଟିଭି ସ୍କିନ୍ କ୍ଷେତ୍ରରେ ଏହା ଦେଖାଯାଏ। ଅତ୍ୟଧିକ ଗରମ ପାଣିରେ ଗାଧୋଇବା ଦ୍ୱାରା ଚର୍ମରେ ଲାଲ ରଙ୍ଗ, କୁଞ୍ଚନ ଏବଂ ଆଲର୍ଜି ହୋଇପାରେ। ଏହା ଚର୍ମର ଅବସ୍ଥାକୁ ଖରାପ କରିପାରେ, ଏକଜେମା ଏବଂ ସୋରିୟାସିସ୍ ଭଳି ସମସ୍ୟାକୁ ବଢାଇଦିଏ। ଏହା ବ୍ୟତୀତ ଗରମ ପାଣିରେ ଗାଧୋଇଲେ ଶରୀରର ତାପମାତ୍ରା ବଢିଯାଏ। ଏହା ଦ୍ୱାରା ରକ୍ତଚାପ ବୃଦ୍ଧି ପାଇପାରେ। ବିଶେଷକରି ଯଦି ରକ୍ତଚାପ ସମସ୍ୟା ଥାଏ, ତେବେ ଗରମ ପାଣିରେ ଗାଧୋଇବା ହୃଦୟ ଏବଂ ରକ୍ତବାହୀ ଉପରେ ଅତିରିକ୍ତ ଚାପ ପକାଇପାରେ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ନିୟମିତ ଭାବେ ଗରମ ପାଣିରେ ଗାଧୋଇବା ଦ୍ୱାରା ଶରୀରର ତାପମାତ୍ରା ବୃଦ୍ଧି ହୁଏ। ଫଳରେ ମୁଣ୍ଡ ବୁଲାଇବା, ଥକାପଣ ଏବଂ ଶରୀର ଦୁର୍ବଳ ଲାଗିପାରେ। ଏହା ହୃଦୟ କିମ୍ବା ରକ୍ତଚାପ ସମସ୍ୟା ଥିବା ବ୍ୟକ୍ତିଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ତେଣୁ ସର୍ବଦା ଗାଧୋଉଥିବା ପାଣିର ତାପମାତ୍ରା ଉପରେ ଧ୍ୟାନ ଦିଅନ୍ତୁ। ଶୀତ ଲାଗୁଛି ବୋଲି ଅଧିକ ଗରମ ହୋଇଥିବା ପାଣିରେ ଗାଧୋଇବା ଉଚିତ୍ ନୁହେଁ, କି ଅତ୍ୟଧିକ ଥଣ୍ଡା ପାଣିରେ ମଧ୍ୟ ଗାଧୋଇବା ଭଲ ନୁହେଁ। ତେଣୁ ପାଣିର ତାପମାତ୍ରା ଉପରେ ଧ୍ୟାନ ଦିଅନ୍ତୁ।

ଆଜି ଦ୍ୱିତୀୟ ଦିନିକିଆ

# ସିରିଜ୍ ବିଜୟ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ



**ରାୟପୁର**

ବୁଧବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏଠାରେ ଦ୍ୱିତୀୟ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌କୁ ୧୭ ରନ୍ ବ୍ୟବଧାନରେ ଜିତିଥିବା ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ୍‌ରେ ଆଗୁଆ ରହିବା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳର ଡ୍ରେସିଂରୁମ୍ ପରିବେଶ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉଲ୍ଲେଖନୀୟ ଫର୍ମ ଉପରେ ସଭିଙ୍କ ନଜର ରହିବ। ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା ଏହି ଦୁଇ ସିନିୟର ବ୍ୟାଟରଙ୍କ ଲାଗି ପ୍ରତ୍ୟେକ ମ୍ୟାଚ୍ ପରୀକ୍ଷା ସଦୃଶ ହେବ। ଭାରତୀୟ ଦଳ ଜିତିଥିବା ଗତ ଦୁଇ ଦିନିକିଆ ମ୍ୟାଚ୍‌ରେ ଉଭୟ କୋହଲି ଓ ରୋହିତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ସେମାନଙ୍କର ବିଶ୍ୱକପ୍ ଖେଳିବାର ସମ୍ଭାବନା ସମ୍ପର୍କରେ ଭିନ୍ନ ମତ ଦେଉଥିବା ବେଳେ ଦୁଇ ସିନିୟର ବ୍ୟାଟର ଯଥାସମ୍ଭବ ଭଲ ପ୍ରଦର୍ଶନ କରୁଛନ୍ତି।

କୋହଲି-ରୋହିତ-ଗମ୍ଭୀରଙ୍କ ମଧ୍ୟରେ ଫାଟ

# ସିଲେକ୍ଟରଙ୍କ ସହ କୋହଲିଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତୀୟ ଦଳ ଦ୍ୱିତୀୟ ଦିନିକିଆ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଦଳ ଭିତରେ କିଛି ଠିକ୍ ନଥିବା ଜଣାପଡ଼ିଛି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବଂ ଦୁଇ ଅଭିଜ୍ଞ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ନେଇ ବିଭିନ୍ନ ରିପୋର୍ଟ ସୂଚନା ଦେଉଛି। କୋହଲି କୋଚ୍ ଗମ୍ଭୀରଙ୍କୁ ଏଡ଼ାଇ ଯାଉଥିବା ନେଇ ଅନେକ ଆଲୋଚନା ହେଉଛି ଏବଂ ସୋସିଆଲ୍ ମିଡିଆରେ ଭାଇରାଲ୍ ଭିଡିଓ ଏହି କଳ୍ପନାକୁ ଆହୁରି ବଢ଼ାଇ ଦେଇଛି।

ନିକଟରେ ଭାରତୀୟ ଖେଳାଳିମାନେ ଏକ ବିମାନ ବନ୍ଦରରେ ଅପେକ୍ଷା କରିଥିବାବେଳର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଏହି ଭିଡିଓରେ ବିରାଟ କୋହଲି ବିସିସିଆଇର ନବ ନିଯୁକ୍ତ ସିଲେକ୍ସନ୍ କମିଟି ସଦସ୍ୟ ପ୍ରଜ୍ଞାନ ଓଝାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଓ ଉତ୍ତେଜନାପୂର୍ଣ୍ଣ ଆଲୋଚନା କରୁଥିବାର ଦେଖାଯାଇଛି। କୋହଲିଙ୍କ ଦିନିକିଆ ଭବିଷ୍ୟତ ଏବଂ ୨୦୨୭ ବିଶ୍ୱକପ୍ ପାଇଁ ଭାରତର ରଣନୀତିକୁ ନେଇ ଚାଲିଥିବା କଳ୍ପନାଜଳ୍ପନା ମଧ୍ୟରେ ଜଣେ ବରିଷ୍ଠ ସିଲେକ୍ଟରଙ୍କ ସହ ତାଙ୍କର ଏହି ଆଲୋଚନା ଅନେକ ରହସ୍ୟ ସୃଷ୍ଟି କରିଛି।

ସେହି ସମାନ ସ୍ଥାନରୁ ଆଉ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ସିଲେକ୍ଟର ଓଝା ରୋହିତ ଶର୍ମାଙ୍କ ସହ କଥା ହେଉଛନ୍ତି ଏବଂ ତାଙ୍କ ପାଖରେ କୋଚ୍ ଗାମ୍ଭୀର ବସିଛନ୍ତି। ତେବେ ଏହି ଆଲୋଚନାରେ କୋହଲି ସାମିଲ୍ ନଥିଲେ। ଏହି ଦୃଶ୍ୟମାନ ସଙ୍କେତଗୁଡ଼ିକ ଭାରତୀୟ ଡ୍ରେସିଂ ରୁମ୍‌ର ବରିଷ୍ଠ ଖେଳାଳିମାନଙ୍କ ମଧ୍ୟରେ ଯୋଗାଯୋଗର ଅଭାବ ଏବଂ କଳହକୁ ନେଇ ସାଧାରଣରେ ଧ୍ୟାନ ଆକର୍ଷଣ କରିଛି। ଗମ୍ଭୀର ଏକ 'ସୁପରଷ୍ଟାର' ସଂସ୍କୃତି ଅପେକ୍ଷା 'ଦଳ ପ୍ରଥମ' ଉପରେ ଗୁରୁତ୍ୱ ଦେଉଥିବାରୁ ଏବଂ ଖେଳାଳିଙ୍କ ସହ ତାଙ୍କର ସମ୍ପର୍କ 'ଶୀତଳ' ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ପ୍ରଥମ ଦିନିକିଆ ପରେ କୋହଲି ଗମ୍ଭୀରଙ୍କୁ ହାତ ନ ମିଳାଇ ଚାଲିଯିବା ଏବଂ ରୋହିତ ଓ ଗମ୍ଭୀରଙ୍କ ମଧ୍ୟରେ ଗମ୍ଭୀର ପୋଷ୍ଟ-ମ୍ୟାଚ୍ ଆଲୋଚନା ଭଳି ଘଟଣା ଏହି ବିବାଦକୁ ତେଜିଛି।

# ଅଚାନକ ମହିଳା ହକି ଦଳର କୋଚ୍ ପଦରୁ ଇସ୍ତଫା ଦେଲେ ହରେନ୍ଦ୍ର ସିଂହ

**ନୂଆଦିଲ୍ଲୀ**

ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ, ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ହକି ଇଣ୍ଡିଆ ଏକ ବିବୃତ୍ତିରେ କହିଛି, 'ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ବ୍ୟକ୍ତିଗତ କାରଣ ଯୋଗୁଁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।' ହରେନ୍ଦ୍ର ସିଂହ ଏପ୍ରିଲ ୨୦୨୪ରେ ଏହି ପଦ ଗ୍ରହଣ କରିଥିଲେ ଏବଂ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଦଳ ସହିତ ରହିବେ ବୋଲି ଆଶା କରାଯାଉଥିଲା। ସୂତ୍ର ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳର ମୁଖ୍ୟ ପ୍ରଶିକ୍ଷକ ନେଦରଲାଣ୍ଡର ସୋଏର୍ଡ ମାରିଜନେ ପୁନର୍ବାର ଏହି ପଦକୁ ଫେରିପାରନ୍ତି। ହଠାତ୍ ଏକ ଘଟଣାକ୍ରମରେ, ହରେନ୍ଦ୍ର ସିଂହ ହକି ଇଣ୍ଡିଆକୁ ଏକ ଇମେଲ୍ ପଠାଇ ଜଣାଇଥିଲେ ଯେ ସେ ତୁରନ୍ତ ପ୍ରଭାବରୁ ଇସ୍ତଫା ଦେଉଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଏହା ଏକ ସମ୍ପୂର୍ଣ୍ଣ 'ବ୍ୟକ୍ତିଗତ ନିଷ୍ପତ୍ତି'।

ତାଙ୍କ ନିଷ୍ପତ୍ତି ସମ୍ପର୍କରେ, ହରେନ୍ଦ୍ର କହିଛନ୍ତି, 'ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷକ ହେବା ମୋ କ୍ୟାରିୟରରେ ଏକ ପ୍ରମୁଖ ସଫଳତା।' ମୁଁ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛି, କିନ୍ତୁ ମୋର ହୃଦୟ ସର୍ବଦା ଏହି ଚମତ୍କାର ଦଳ ସହିତ ରହିବ। ହକି ଇଣ୍ଡିଆ ସହିତ ମୋର ଯାତ୍ରା ମୋ



ପାଇଁ ସ୍ୱତନ୍ତ୍ର ରହିବ, ଏବଂ ମୁଁ ଭାରତୀୟ ହକିକୁ ସର୍ବୋଚ୍ଚ ସ୍ତରକୁ ଉନ୍ନୀତ କରିବା ପାଇଁ ସେମାନଙ୍କର ପ୍ରୟାସକୁ ସମର୍ଥନ କରିବି।

ସୂତ୍ରଗୁଡ଼ିକ କହିଛନ୍ତି ଯେ ମାରିନ, ଯାହାଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ହାସଲ କରିଥିଲା, ସେ ପ୍ରଶିକ୍ଷକ ଭାବରେ ଫେରିପାରନ୍ତି। ମାରିନ ଅଗଷ୍ଟ ୨୦୨୧ରେ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଥିଲେ। ସୂତ୍ରଗୁଡ଼ିକ ଦଳର ଖରାପ ପ୍ରଦର୍ଶନକୁ ତାଙ୍କ ଇସ୍ତଫାର କାରଣ ବୋଲି ଉଲ୍ଲେଖ କରିଛନ୍ତି। ହକି ଇଣ୍ଡିଆର ଏକ ସୂତ୍ର କହିଛି, 'ଗତ ଦେଢ଼ ବର୍ଷ ମଧ୍ୟରେ, ପ୍ରଶିକ୍ଷକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବା ସତ୍ତ୍ୱେ ଦଳ ଆଶାନୁରୂପ ଫଳାଫଳ ଦେଇନାହିଁ। ଫିଟନେସ୍ ମଧ୍ୟ ଏକ ପ୍ରମୁଖ ସମସ୍ୟା ହୋଇଛି ଏବଂ ଦଳର ଏକ ଡଜନ ଖେଳାଳି ଆହତ ହୋଇଛନ୍ତି।' ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଏକ ବିବୃତ୍ତିରେ କହିଛନ୍ତି, 'ଆମେ ହରେନ୍ଦ୍ର ସିଂହଙ୍କୁ ତାଙ୍କ ସେବା ପାଇଁ ଧନ୍ୟବାଦ ଜଣାଉଛୁ।'

# ଫର୍ମୁଲା ୱାନ୍‌ରେ ନାଟକୀୟ ମୋଡ୍ : ଭର୍ଷ୍ଟାପେନ ଜିତିଲେ କତାର ଗ୍ରାଁପ୍ରି, ଆବୁଧାବିରେ ହେବ ଚୂଡ଼ାନ୍ତ ଫଇସଲା

**ଦୋହା**

ଚଳିତ ବର୍ଷ ଫର୍ମୁଲା ୱାନ୍ ସିଜନ ବେଶ୍ ରୋମାଞ୍ଚକର ରହିଛି। ୨୩ଟି ରେସ୍ ଶେଷ ହୋଇ ସାରିଥିଲେ ହେଁ ଏପର୍ଯ୍ୟନ୍ତ ଟାଇଟଲ ବିଜେତା ଚୂଡ଼ାନ୍ତ ହୋଇପାରି ନାହାନ୍ତି। ମ୍ୟାକଲରେନ ଡ୍ରାଇଭର ଲାଣ୍ଡୋ ନରିସ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିଲେ ହେଁ ରେଡବୁଲ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ଅନ୍ୟତମ ଟାଇଟଲ ଦାବିଦର ରୂପେ ଉଭା ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ମାତ୍ର ୧୨ ପଏଣ୍ଟର ବ୍ୟବଧାନ ରହିଛି। ଆଗକୁ ରହିଛି ମାତ୍ର ଗୋଟିଏ ରେସ୍ ଓ ସର୍ବାଧିକ ୨୫ ପଏଣ୍ଟ। ଭର୍ଷ୍ଟାପେନ କ୍ରମାନ୍ୱୟରେ ଲାସ ଭେଗାସ ଓ କତାର ଗ୍ରାଁପ୍ରି ଜିତିବା ଫଳରେ ପ୍ରମୁଖ ଟାଇଟଲ ଦାବିଦାର ରୂପେ ଉଭା ହୋଇଛନ୍ତି। ୨୧ଟି ରେସ୍ ଶେଷ ସୁଦ୍ଧା ନରିସ୍ ଓ ତାଙ୍କ ସାଥୀ ଡ୍ରାଇଭର ଓସ୍କା ପିୟାଷ୍ଟ୍ରୀ ପଏଣ୍ଟ ତାଲିକାର ପ୍ରଥମ ୨ଟି ସ୍ଥାନ ବଜାୟ ରଖିଥିଲେ। କତାରରେ ଭର୍ଷ୍ଟାପେନ ଚାମ୍ପିଅନ ହୋଇଥିଲେ ଓ ନରିସ ଚତୁର୍ଥ ସ୍ଥାନ ଦଖଲ କରିଥିଲେ। ଭର୍ଷ୍ଟାପେନ ୧ଘଣ୍ଟା ୨୪ ମିନିଟ୍ ୩୮.୨୪୧ ସେକେଣ୍ଡରେ ରେସ ଶେଷ କରିଥିଲେ।

ପିୟାଷ୍ଟ୍ରୀ ଅତିରିକ୍ତ ୭.୯୯୫ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ, ୱିଲିୟମ୍ସ ଡ୍ରାଇଭର କାର୍ଲୋସ ସେଞ୍ଜ +୨୨.୬୬୫ ସେକେଣ୍ଡ ଅଧିକ ସମୟ ନେଇ ରେସ ଶେଷ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ରେସରୁ ଭର୍ଷ୍ଟାପେନ୍ ୨୫ ପଏଣ୍ଟ ଅର୍ଜନ କରିଥିବାବେଳେ ପିୟାଷ୍ଟ୍ରୀ ୧୮, ସେଞ୍ଜ ୧୫ ଓ ନରିସ ୧୨ ପଏଣ୍ଟ ପାଇଥିଲେ। ୨୩ଟି ରେସ୍‌ରୁ ନରିସ ମୋଟ୍ ୪୦୮ ପଏଣ୍ଟ ଅର୍ଜନ କରିଥିବାବେଳେ ଭର୍ଷ୍ଟାପେନ୍ ୩୯୬, ପିୟାଷ୍ଟ୍ରୀ ୩୯୨ ଓ ମର୍ସିଡିସ୍ ଡ୍ରାଇଭର ଗ୍ରେଗ ରସେଲ ୩୦୯ ପଏଣ୍ଟ ପରବର୍ତ୍ତୀ ସ୍ଥାନରେ ରହିଛନ୍ତି।




ସୟଦ ମୁସ୍ତାକ ଅଲି ଟ୍ରଫି

# ପୁଣି ଚୌକା-ଛକା ବର୍ଷା କଲେ ବୈଭବ ସୂର୍ଯ୍ୟବଂଶୀ



**ନୂଆଦିଲ୍ଲୀ**

ଭାରତର କ୍ରିକେଟ୍ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ ସୟଦ ମୁସ୍ତାକ ଅଲି ଟ୍ରଫିରେ ଶତକ ହାସଲ କରିଛନ୍ତି। ସ୍ମାଟ୍ ୨୦୨୫ର କ୍ରମାଗତ ତିନୋଟି ମ୍ୟାଚ୍‌ରେ ବିଫଳ ହେବା ପରେ, ବୈଭବ ମହାରାଷ୍ଟ୍ର ବିପକ୍ଷରେ ଚତୁର୍ଥ ମ୍ୟାଚ୍‌ରେ ଏକ ଚମତ୍କାର ଶତକ ହାସଲ କରିଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ସେ ଏକ ଛକା ସହିତ ମାତ୍ର ୫୮ ବଲରେ ତାଙ୍କର ଶତକ ପୂରଣ କରିଥିଲେ। ଏହି ଶତକ ସହିତ ବୈଭବ ୧୪ ବର୍ଷ ବୟସରେ ୩ଟି ଟି-୨୦ ଶତକ ମାରିବାରେ ବିଶ୍ୱର ପ୍ରଥମ ଟିନ୍‌ଏଜର (କୈଶୋର) ଖେଳାଳି ହୋଇଛନ୍ତି। ସେ କେବଳ ୧୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ବୈଭବ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଏହା ସହିତ ବୈଭବ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଯୋଡିଥିଲେ। ମାତ୍ର ୧୪ ବର୍ଷ ୨୫୦ ଦିନ ବୟସରେ, ସେ ସ୍ମାର୍ଟରେ ଶତକ ମାରିବାରେ ସବୁଠାରୁ କମ୍ ବୟସ୍କ ବ୍ୟାଟସମ୍ୟାନ ମଧ୍ୟ ହୋଇଥିଲେ।

ମହାରାଷ୍ଟ୍ର ବିପକ୍ଷରେ, ବିହାର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩ ଉଇକେଟ ହରାଇ ୧୭୬ ରନ କରିଥିଲା। ବିହାରର ଉପ-ଅଧିନାୟକ ବୈଭବ ସୂର୍ଯ୍ୟବଂଶୀ ଏକା ଅପରାଜିତ ୧୦୮ ରନ କରିଥିଲେ। ସେ ୧୭୭ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ଖେଳି ମାତ୍ର ୬୧ ବଲରେ ଏହି ରନ ହାସଲ କରିଥିଲେ। ବୈଭବଙ୍କ ଇନିଂସରେ ୭ଟି ଛକା ଥିଲା, ସେ ମଧ୍ୟ ସମାନ ସଂଖ୍ୟକ ଚୌକା ମାରିଥିଲେ।

ବିହାର ପାଇଁ ବୈଭବ ସୂର୍ଯ୍ୟବଂଶୀ ଇନିଂସ ଆରମ୍ଭ କରିଥିଲେ। ସେ ତାଙ୍କ ପ୍ରାରମ୍ଭିକ ସାଥୀ ବିପିନ ସୌରଭଙ୍କ ସହ ଭଲ ପ୍ରଦର୍ଶନ କରି ନ ଥିଲେ। ପରେ ପୀୟୁଷଙ୍କ ସହ ତାଙ୍କର ଭାଗୀଦାରୀ ବିଶେଷ ଦୃଢ଼ ନ ଥିଲା। ତଥାପି, ବୈଭବ ତୃତୀୟ ଉଇକେଟ ପାଇଁ ଆକାଶ ରାଜଙ୍କ ସହିତ ଅର୍ଦ୍ଧଶତକୀୟ ଭାଗୀଦାରୀ କରିଥିଲେ।

ସୟଦ ମୁସ୍ତାକ ଅଲି ଟ୍ରଫିର ପ୍ରଥମ ତିନୋଟି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ କେବଳ ୩୨ ରନ କରିଥିଲେ। ତଥାପି ଚତୁର୍ଥ ମ୍ୟାଚ୍‌ରେ, ସେ ମହାରାଷ୍ଟ୍ର ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରିଥିଲେ। ବଡ଼ କଥା ହେଉଛି ମହାରାଷ୍ଟ୍ର ବିପକ୍ଷରେ ମାରିଥିବା ଶତକ ହେଉଛି ସୟଦ ମୁସ୍ତାକ ଅଲୀ ଟ୍ରଫିରେ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଥମ ଶତକ।

# ଭଣ୍ଡାରିଡିହା ସରସ୍ୱତୀ ଶିଶୁ ମନ୍ଦିରରେ ୧୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଘଷିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡ଼ିହା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିଶୁ ଭାଇଭଉଣୀମାନେ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପରମେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରି ଖେଳପଡ଼ିଆରେ ପହଞ୍ଚି ପତାକା ଉତ୍ତୋଳନ କରିଥିଲେ। ଭଣ୍ଡାରିଡ଼ିହା ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ ପତାକା ଉତ୍ତୋଳନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଲୋଚନା ପଣ୍ଡାଙ୍କ ସହଯୋଗରେ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିଶୁ ମନ୍ଦିରର ସଭାପତି ପ୍ରବାସ ନନ୍ଦନ ରାଉତ, ସଂପାଦକ ବିପିନି ବିହାରୀ ରାଉତ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡ଼ାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ସମସ୍ତ କ୍ରୀଡ଼ାକୁ ପ୍ରକାଶ ଚନ୍ଦ୍ର ପୁହାଣ, ଶୁଚିତ୍ର ସା, ରଞ୍ଜନ ରାଉତ, ଆରତୀ ପାଇକରାୟ, ପ୍ରସନ୍ନ ପୁହାଣ ଓ ସମସ୍ତ ଗୁରୁଜୀ ଗୁରୁମା ମାନେ ଖେଳକୁ ଶୃଙ୍ଖଳିତ ଭାବେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୦୦ମିଟର ଓ ୨୦୦ମିଟର ଦୌଡ଼, ଲମ୍ବଡ଼ିଆଁ, ଗୋଳାଫିଙ୍ଗା, ଅଟା ଚକଲେଟ୍, ଅଙ୍କକଷା, ବାଲତିବଲ, ମ୍ୟୁଜିକଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ାରେ କୃତିକାର୍ଯ୍ୟ ହେଇଥିବା ସମସ୍ତ ଭାଇ ଭଉଣୀ ମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଆଚାର୍ଯ୍ୟା ଆରତୀ ପାଇକରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହିଳା, ସେବା କାର୍ଯ୍ୟ ଏବଂ ଆର୍ଥିକ ଅଭିବୃଦ୍ଧି : ଓଏସଏଚ କୋଡ୍, ୨୦୨୦ର ପରିବର୍ତ୍ତନକାରୀ ସମ୍ଭାବନା



ଶ୍ରୀମତୀ ରଚନା ମେହରା
ଅରବିନ୍ଦ ଲିମିଟେଡ୍, ଗୁଜରାଟର ଗ୍ରୁପ୍-ଏଚ.ଆର ମୁଖ୍ୟ

ଭାରତର ଦୀର୍ଘକାଳୀନ ଆର୍ଥିକ ଅଭିବୃଦ୍ଧିର ମୂଳ ଭିତ୍ତି ହେଉଛି ଶ୍ରମ ବଜାରରେ ମହିଳାମାନଙ୍କର ସୁଦୃଢ଼ ଏବଂ ସମ୍ପୂର୍ଣ୍ଣ ସମାବେଶ। ଆଜିକାଲି ନୀତି ନିର୍ଦ୍ଧାରକ ଓ ବିଶ୍ୱ ପ୍ରତିଷ୍ଠାନଗୁଡ଼ିକ ମହିଳା ଅର୍ଥନୈତିକ ଅଂଶଗ୍ରହଣର ପରିବର୍ତ୍ତନଶୀଳ ଶକ୍ତିକୁ ସ୍ପଷ୍ଟଭାବେ ଆଲୋଚନାର କେନ୍ଦ୍ରବିନ୍ଦୁରେ ରଖୁଛନ୍ତି। ଏହି ପରିପ୍ରେକ୍ଷୀରେ ଦେଶ ଧୀରେଧୀରେ ଏକ ଉତ୍ସାହଜନକ ଗତି ଓ ସକାରାତ୍ମକ ପରିବର୍ତ୍ତନର ଅଭିମୁଖୀ ହେଉଛି। ଯଦିଓ ୨୦୨୪ ମସିହାରେ ଭାରତର ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଲଏଫପିଆର) ୩୨.୮ ପ୍ରତିଶତ ଥିଲା, ଯାହା ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ଦ୍ୱାରା ରିପୋର୍ଟ କରାଯାଇଥିବା ବିଶ୍ୱ ଏଲଏଫପିଆର ୪୮.୯ ପ୍ରତିଶତ ଏବଂ ପୂର୍ବ ଏସିଆର ୫୯.୨ ପ୍ରତିଶତ ତୁଳନାରେ କମ୍, ତଥାପି ମହିଳା ନିଯୁକ୍ତିର ସାମ୍ପ୍ରତିକ ଧାରା ବୃଦ୍ଧି ପାଉଛି, ଯାହା ଗ୍ରାମୀଣ ଏବଂ ସହରାଞ୍ଚଳ ଉଭୟକୁ ଏହାର ପହଞ୍ଚ ବିସ୍ତାର କରୁଛି। ଭାରତରେ ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ଦୀର୍ଘ ଦିନ ଧରି ବିଭିନ୍ନ ସାମାଜିକ- ଆର୍ଥିକ ଏବଂ ସାଂସ୍କୃତିକ ପ୍ରତିବନ୍ଧକ, ବିଶେଷ କରି ଘରୋଇ ସେବାଯତ୍ନ ଦାୟିତ୍ୱ ଦ୍ୱାରା ବାଧାପ୍ରାପ୍ତ ହୋଇଛି। ତଥାପି ସାମ୍ପ୍ରତିକ ସରକାରୀ ପଦକ୍ଷେପଗୁଡ଼ିକ ଏହି କ୍ଷେତ୍ରରେ ଏକ ସକାରାତ୍ମକ ପରିବର୍ତ୍ତନ ଘଟାଇବାର ସୂଚନା ପ୍ରଦାନ କରେ।

ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି (ଓଏସଏଚ) କୋଡ୍, ୨୦୨୦, ସମାଯୋଜନମୂଳକ ଅଭିବୃଦ୍ଧି ଦିଗରେ ଭାରତର ଯାତ୍ରାରେ ଏକ ମାଇଲଖୁଣ୍ଟ ପ୍ରତିନିଧିତ୍ୱ କରେ। ଏହା ଅସୁରକ୍ଷିତ କର୍ମକ୍ଷେତ୍ର ଏବଂ ସୀମିତ ଆଇନଗତ ସୁରକ୍ଷାର ସମ୍ମୁଖୀନ ହେଉଥିବା ଲକ୍ଷ ଲକ୍ଷ ମହିଳାଙ୍କ ନିମନ୍ତେ କାର୍ଯ୍ୟ ପରିସରକୁ ସୁରକ୍ଷା ପ୍ରଦାନପୂର୍ବକ ବ୍ୟାପକ ଅସମାନତାକୁ ସମାଧାନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ। ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସୁରକ୍ଷା ନିମନ୍ତେ ନିରୂପିତ ମାନ ନିର୍ଦ୍ଧାରଣ ପାଇଁ ପଦକ୍ଷେପ ସ୍ଥାପନ କରି ଓଏସଏଚ କୋଡ୍ ଏକ ନିୟାମକ ଢାଞ୍ଚା ଏବଂ ଲିଙ୍ଗଗତ ସମାନ ବିସ୍ତାର ପାଇଁ ଏକ ପ୍ରୋତ୍ସାହକ ଭାବରେ କାର୍ଯ୍ୟ କରେ।

ବିଶ୍ୱବ୍ୟାପୀ ଅଭିଜ୍ଞତା ଦର୍ଶାଏ ଯେ ବୃତ୍ତିଗତ ସୁରକ୍ଷା ଏବଂ ଲିଙ୍ଗ-ସମ୍ବେଦନଶୀଳ ସଂସ୍କାରଗୁଡ଼ିକ କର୍ମଶକ୍ତି ଅଂଶଗ୍ରହଣକୁ ବୃଦ୍ଧି କରେ। ଭିଏତନାମର ୨୦୧୯ ଶ୍ରମ କୋଡ୍, ଯାହା ମାତୃତ୍ୱ ସୁରକ୍ଷା ଏବଂ କର୍ମକ୍ଷେତ୍ର ସୁରକ୍ଷାକୁ ବିସ୍ତାର କରିଥିଲା, ମହିଳା ପ୍ରତିଧାରଣ ଏବଂ ରପ୍ତାନୀର ପ୍ରତିଯୋଗିତାକୁ ଉନ୍ନତ କରିଥିଲା। ସେହିପରି ମାଲେସିଆର ୨୦୨୨ ନିଯୁକ୍ତି ସଂଶୋଧନ ପ୍ରମୁଖ ଶିଳ୍ପଗୁଡ଼ିକରେ ଆନୁଷ୍ଠାନିକ କାର୍ଯ୍ୟ ସହିତ ପରିବାର ଦାୟିତ୍ୱକୁ ସନ୍ତୁଳିତ କରିବାରେ ସହାୟକ ହୋଇଥିଲା। ଭାରତ ପାଇଁ, ଏହି ଉଦାହରଣଗୁଡ଼ିକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ମେକ୍ ଇନ୍ ଇଣ୍ଡିଆ ଏବଂ ବିକଶିତ ଭାରତ ୨୦୪୭ ଭଳି ପଦକ୍ଷେପଗୁଡ଼ିକ ସକାଶେ ଏକ ଉତ୍ପାଦନକ୍ଷମ, ସମାବେଶୀ କର୍ମଶକ୍ତି ଆବଶ୍ୟକ। ଓଏସଏଚ କୋଡ୍‌ର ସୁରକ୍ଷା କମିଟି, ବିଶ୍ରାମ ସୁବିଧା ଏବଂ କ୍ରେଚ୍ ପାଇଁ ବ୍ୟବସ୍ଥା ନିଯୁକ୍ତି ପ୍ରତିବନ୍ଧକକୁ ହ୍ରାସ କରିପାରିବ, ଯେତେବେଳେ ଏହାର ସାର୍ବଜନୀନ ଉପଯୋଗକ୍ଷମ ଅନିଶ୍ଚିତ ଏବଂ ଅନୌପଚାରିକ କ୍ଷେତ୍ରରେ ମହିଳାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରଦାନ କରେ।

**ଭାରତରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣର ସ୍ଥିତି :** ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ନିଷ୍ପାଦନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଅବଧିକାଳୀନ ଶ୍ରମ ଶକ୍ତିର ସର୍ବେକ୍ଷଣ (ପିଏଲଏଫଏସ) ୨୦୨୩-୨୪ର ସଦ୍ୟତମ ରିପୋର୍ଟ ଅନୁସାରେ, ୨୦୨୩-୨୪ ମସିହାରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ୪୧.୭ ପ୍ରତିଶତକୁ ବୃଦ୍ଧି ପାଇଛି - ୨୦୧୭-୧୮ ମସିହାରେ ରେକର୍ଡ କରାଯାଇଥିବା ୨୩.୩ ପ୍ରତିଶତ ଠାରୁ ଏହା ଯଥେଷ୍ଟ ମାତ୍ରାର ଅଧିକ ବୋଲି କୁହାଯାଇପାରେ। ଉଲ୍ଲେଖନୀୟ ପ୍ରଗତି ହାସଲ କରାଯାଇଥିବା ସତ୍ତ୍ୱେ, ଏ ଦିଗରେ ଆହୁରି ଅନେକ ଆହ୍ୱାନ ମଧ୍ୟ ରହିଛି - ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଅବୈତନିକ ଘରୋଇ ସେବା ଏବଂ ପରିବାରର ସଦସ୍ୟମାନଙ୍କ ନିମନ୍ତେ ଅବୈତନିକ ଯତ୍ନ ସେବାକୁ ଗ୍ରହଣ କରାଯାଇପାରେ। ଉଚ୍ଚ ଶିକ୍ଷାଗତ ଉନ୍ନତି ସତ୍ତ୍ୱେ ଏପରି ବିରୋଧାଭାସ ଅଦ୍ୟାବଧି ରହିଛି, ଯେଉଁଥିରେ ତୃତୀୟକ ଶିକ୍ଷାରେ ମହିଳା ନାମଲେଖା ବୃଦ୍ଧି ଏବଂ ସାକ୍ଷରତା ବ୍ୟବଧାନ ହ୍ରାସ ପାଇଛି। ଏହି ଧାରା, ଯାହାକୁ ପ୍ରାୟତଃ 'ମହିଳାକରଣରେ ୟୁ-କର୍ଭ' ବୋଲି ନାମିତ କରାଯାଏ, ଯାହା ସୂଚାଇଥାଏ ଯେ ପୁନରୁଦ୍ଧାର ପୂର୍ବରୁ ଆର୍ଥିକ ପରିବର୍ତ୍ତନ ସମୟରେ ଏଥିରେ ଅଂଶଗ୍ରହଣ ମାତ୍ରା ହ୍ରାସ ପାଏ। ତଥାପି, ଭାରତ ଏକ ବ୍ୟତିକ୍ରମ ଭାବରେ ଉଭା ହେବାର ଆଶଙ୍କା ରହିଛି; ଲଗାତାର ଭାବରେ କମ୍ ଅଂଶଗ୍ରହଣ ମଧ୍ୟମ ଆୟ ଅର୍ଥନୀତିକୁ ପରିବର୍ତ୍ତନକୁ ଦୁର୍ବଳ କରିପାରେ ଏବଂ ଏହାର ଜନସାଂଖ୍ୟିକ ଲାଭାଂଶରେ ମଧ୍ୟ ବାଧା ଉପୁଜାଇପାରେ।

**ଅବୈତନିକ ଯତ୍ନ କାର୍ଯ୍ୟର ଭୂମିକା :** ଆର୍ଥିକ ଅଂଶଗ୍ରହଣ ପାଇଁ ଏକ ମୁଖ୍ୟ ପ୍ରତିବନ୍ଧକ ହେଉଛି ଅବୈତନିକ ଯତ୍ନ କାର୍ଯ୍ୟର ଅସମାନ ବୋଝ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ)ର ସମୟ ବ୍ୟବହାର ସର୍ଭେ (୨୦୨୪) ତା'ର ରିପୋର୍ଟରେ ଦର୍ଶାଇଛି ଯେ ଭାରତୀୟ ମହିଳାମାନେ ପୁରୁଷମାନଙ୍କ ପାଇଁ ଏକ ଘଣ୍ଟା ୧୫ ମିନିଟ୍ ତୁଳନାରେ ପ୍ରତିଦିନ ଦୁଇ ଘଣ୍ଟା ୧୭ ମିନିଟ୍ ଅବୈତନିକ ଯତ୍ନରେ ବିତାଇଥାଆନ୍ତି। ବିଶ୍ୱବ୍ୟାପୀ ୭୬ ପ୍ରତିଶତ ମହିଳା ଅବୈତନିକ ସେବାଯତ୍ନ କ୍ଷେତ୍ରରେ କାର୍ଯ୍ୟ କରନ୍ତି, କିନ୍ତୁ ଭାରତରେ ଅପର୍ଯ୍ୟାପ୍ତ ଶିଶୁ ଯତ୍ନ ଭିତ୍ତିଭୂମି ଏବଂ ସାଂସ୍କୃତିକ ଆଶା ଯୋଗୁଁ ଏହି ବୋଝ ଅଧିକ। ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ମୂଲ୍ୟବାନ ୧୫-୧୭ ପ୍ରତିଶତ, ଏହି ଅବୈତନିକ ଶ୍ରମ ଆନୁଷ୍ଠାନିକ ପରିସଂଖ୍ୟାନରେ ଅଦୃଶ୍ୟ ରହିଛି।

ଏହି ଅସମାନତା ଅନେକ ମହିଳାଙ୍କୁ ଚାକିରି ସୁଯୋଗ ପ୍ରତ୍ୟାଖ୍ୟାନ କରିବାକୁ କିମ୍ବା ଘର ପାଖରେ କମ୍ ଦରମା, ଅନୌପଚାରିକ ଭୂମିକା ଗ୍ରହଣ କରିବାକୁ ବାଧ କରେ। ଏହା ବ୍ୟତୀତ, ମାତୃତ୍ୱ ଏବଂ ଯତ୍ନ ପାଇଁ କ୍ୟାରିୟର ବାଧା ଜୀବନକାଳର ରୋଜଗାରକୁ ହ୍ରାସ କରେ, ଏକ ସ୍ଥାୟୀ 'ଯତ୍ନ ଦଣ୍ଡ' ସୃଷ୍ଟି କରେ ଯାହା ଦୀର୍ଘକାଳୀନ ଆର୍ଥିକ ସଶକ୍ତିକରଣକୁ ସୀମିତ କରେ।

**ଓଏସଏଚ ଶ୍ରମ ସଂହିତାର ପରିବର୍ତ୍ତନଶୀଳ ସମ୍ଭାବନା :** ଓଏସଏଚ ସଂହିତା, ୨୦୨୦, ୧୩ ଶ୍ରମ ଆଇନକୁ ଏକୀକୃତ କରେ, ୧୦ କିମ୍ବା ଅଧିକ କର୍ମଚାରୀ ଥିବା ସମସ୍ତ ପ୍ରତିଷ୍ଠାନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମାନକୀକରଣ କରିଥାଏ। ଏହା ନିଯୁକ୍ତି ଏବଂ ଯତ୍ନ କାର୍ଯ୍ୟର ସନ୍ଧିସ୍ଥଳରେ ଥିବା ପ୍ରତିବନ୍ଧକଗୁଡ଼ିକୁ ସିଧାସଳଖ ସମାଧାନ କରେ। ମାତୃତ୍ୱ ଲାଭ (ସଂଶୋଧନ) ଆଇନ, ୨୦୧୭ ସହିତ ସମନ୍ୱୟ ରଖି, ଏହି ସଂହିତା ମାତୃତ୍ୱ ଅଧିକାର ଉପରେ ଗୁରୁତ୍ୱ ଦିଏ ଏବଂ କର୍ମଶକ୍ତି ପ୍ରତିରୋଧକୁ ସହଜ କରିବା ପାଇଁ ନର୍ସିଂ ବିରତି ସୁନିଶ୍ଚିତ କରେ।

ଗୁରୁତ୍ୱପୂର୍ଣ୍ଣ ଭାବରେ, ଏହି ସଂହିତା ଚୁକ୍ତିନାମା ଏବଂ ଅସ୍ଥାୟୀ କର୍ମଚାରୀମାନଙ୍କୁ ଏକ ସମାନ ସୁରକ୍ଷା ଛତ୍ରଛାୟା ତଳେ ଆଣି, ନିର୍ମାଣ, କୃଷି ଏବଂ ଘରୋଇ କାର୍ଯ୍ୟରେ ମହିଳାମାନଙ୍କୁ ଲାଭ ପହଞ୍ଚାଇ ଅନୌପଚାରିକ କ୍ଷେତ୍ରରେ ସମାନତାକୁ ପ୍ରୋତ୍ସାହିତ କରେ। ନିଯୁକ୍ତି ଏବଂ କାର୍ଯ୍ୟ ପରିସ୍ଥିତିରେ କୌଣସି ଭେଦଭାବବିହୀନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରି, ଏହା କାର୍ଯ୍ୟକ୍ଷେତ୍ରଗୁଡ଼ିକୁ ସୁରକ୍ଷିତ ଏବଂ ଐତିହାସିକ ଭାବରେ ମହିଳାମାନଙ୍କୁ ବାଦ୍ ଦେଇଥିବା ଲିଙ୍ଗଗତ ଆହ୍ୱାନଗୁଡ଼ିକ ପ୍ରତି ଅଧିକ ପ୍ରତିକ୍ରିୟାଶୀଳ କରିଥାଏ।

**ବିଶ୍ୱ ତୁଳନା ଏବଂ ଶିକ୍ଷା :** ଅନ୍ୟ କ୍ଷେତ୍ରରୁ ପ୍ରମାଣ ନିଶ୍ଚିତ କରେ ଯେ ଲିଙ୍ଗ-ସମ୍ବେଦନଶୀଳ ଓଏସଏଚ ଢାଞ୍ଚା ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତ୍ପ୍ରେରକ ଅବା ଲିଭର। ସ୍ୱିଡେନ ଏବଂ ଆଇସଲ୍ୟାଣ୍ଡ କାର୍ଯ୍ୟକ୍ଷେତ୍ର ସୁରକ୍ଷା, ସବସିଡିଯୁକ୍ତ ଶିଶୁ ଯତ୍ନ ଏବଂ ପିତାମାତାଙ୍କ ଛୁଟିକୁ ଏକୀକୃତ କରି ସାମାଜିକ ସୁରକ୍ଷା ଢାଞ୍ଚା ମାଧ୍ୟମରେ ମହିଳା କର୍ମଶକ୍ତି ଅଂଶଗ୍ରହଣ ହାର ୭୦ପ୍ରତିଶତରୁ ଅଧିକ ହାସଲ କରନ୍ତି। ଜାପାନ ଏବଂ ଦକ୍ଷିଣ କୋରିଆ କାର୍ଯ୍ୟକ୍ଷେତ୍ର ସୁରକ୍ଷା ଏବଂ କ୍ରେଚ୍ ସୁବିଧାଗୁଡ଼ିକୁ ବିସ୍ତାର କରି ଧୀରେ ଧୀରେ ମହିଳାମାନଙ୍କ ଏଲଏଫପିଆରକୁ ଉନ୍ନତ କରୁଛନ୍ତି। ଆଫ୍ରିକାର ଉପ ସାହାରା କ୍ଷେତ୍ରରେ, କୃଷିରେ ଆଇନଗତ ସୁରକ୍ଷା ମହିଳା ଅଂଶଗ୍ରହଣକୁ ୭୦ ପ୍ରତିଶତ ଆଡ଼କୁ ଠେଲି ଦେଇଛି। ଲାଟିନ୍ ଆମେରିକୀୟ ରାଷ୍ଟ୍ରଙ୍କ ଉଦାହରଣକୁ ବିଚାର କଲେ ଦେଖାଯିବ ଯେପରିକି ଚିଲି ଏବଂ ଉରୁଗୁଏ ଭଳି ରାଷ୍ଟ୍ର ଦର୍ଶାଏ ଯେ, ରାଷ୍ଟ୍ର ଆର୍ଥିକ ପ୍ରୋତ୍ସାହନରେ ପରିଚାଳିତ ଶିଶୁ ଯତ୍ନ ଶିଶୁ ବିକାଶକୁ ବଳିଦାନ ନ ଦେଇ ମହିଳା ନିଯୁକ୍ତିକୁ ଏହା ବୃଦ୍ଧି କରୁଛି। ଭାରତ ଭଳି ରାଷ୍ଟ୍ର ସକାଶେ, ଏହି ଶିକ୍ଷାଗୁଡ଼ିକ ଦୃଢ଼ କରେ ଯେ ଓଏସଏଚ ସୁରକ୍ଷା ଯତ୍ନ ଭିତ୍ତିଭୂମି ନିବେଶ ସହିତ ମିଶ୍ରିତ ପରିବର୍ତ୍ତନକାରୀ ଫଳାଫଳ ଆଣିବାକୁ ସକ୍ଷମ ହୋଇପାରିବ।

**ମହିଳା ସମାଯୋଜନ ନିମନ୍ତେ ଆର୍ଥିକ ଯୁକ୍ତି :** ମହିଳାମାନଙ୍କଙ୍କ ଅଂଶଗ୍ରହଣକୁ ପ୍ରାଥମିକତା ଦେବା ଏକ ସାମଗ୍ରିକ ଆର୍ଥିକ ଆବଶ୍ୟକତା। ମ୍ୟାକକିନସେ ଗ୍ଲୋବାଲ୍ ଇନଷ୍ଟିଚ୍ୟୁଟ୍ ପକ୍ଷରୁ କରାଯାଇଥିବା ଆକଳନ ଦର୍ଶାଏ ଯେ ଲିଙ୍ଗଗତ ବୈଷମ୍ୟ ପ୍ରତିପୂରଣ କରିବା ନିମନ୍ତେ ୨୦୨୫ ମସିହା ସୁଦ୍ଧା ବିଶ୍ୱ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ରେ ୧୨ ଟ୍ରିଲିୟନ ଡଲାର ଯୋଡ଼ିପାରେ, ଯେଉଁଥିରୁ କେବଳ ଭାରତ ପ୍ରାୟ ୭୭୦ ବିଲିୟନ ଡଲାର ଫାଇଦା ହାସଲ କରିବ – ଯାହା ମୂଳ ଆକଳନ ଠାରୁ ୧୮ ପ୍ରତିଶତ ଅଧିକ ବୃଦ୍ଧି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) ଉଲ୍ଲେଖ କରିଛି ଯେ, ଅଂଶଗ୍ରହଣ ବ୍ୟବଧାନକୁ ସଙ୍କୁଚିତ କରିବା ସାମଗ୍ରିକ ଘରୋଇ ଉତ୍ପାଦକୁ ୩୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସକ୍ଷମ। ମହିଳା ନିଯୁକ୍ତି ମଧ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷାରେ ଅଧିକ ନିବେଶ ମାଧ୍ୟମରେ ଆନ୍ତଃ- ପିଢ଼ିଗତ ମାନବ ପୁଞ୍ଜିକୁ ମଜଭୁତ କରିଥାଏ। ମହିଳାମାନଙ୍କୁ ପ୍ରଭାବଶାଳୀ ଶକ୍ତି ଭାବରେ ସଂଯୋଜିତ କରିବାରେ ବିଫଳ ହେବା ଫଳରେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ବ୍ୟୟ ହୋଇଥାଏ, ଯାହା ଭାରତର ସମ୍ଭାବ୍ୟ ଜନସଂଖ୍ୟାଗତ ଲାଭାଂଶକୁ ଦୁର୍ବଳ କରିଥାଏ।

**ସମାଯୋଜନ ସେତୁ ଭାବରେ ଓଏସଏଚ କୋଡ୍ :** ଓଏସଏଚ କୋଡ୍ ମହିଳାମାନଙ୍କ ଅନ୍ତର୍ଭୁକ୍ତିକୁ କେବଳ ଏକ କଲ୍ୟାଣକାରୀ ପଦକ୍ଷେପ ପରିବର୍ତ୍ତେ ଏକ ଆର୍ଥିକ ଜରୁରୀକାଳୀନ ସ୍ଥିତି ଭାବରେ ଉପସ୍ଥାପିତ କରେ। ସାଂରଚନିକ ବିପଦକୁ ସମାଧାନ କରି ଏବଂ ବୈଷମ୍ୟକୁ ଦୂର କରି, ସଂହିତା ନିରାପଦ, ନମନୀୟ କର୍ମକ୍ଷେତ୍ର ସୁନିଶ୍ଚିତ କରି ପରସ୍ପର ସହିତ ସଂଘର୍ଷକୁ ହ୍ରାସ କରେ। ଅନୌପଚାରିକ କ୍ଷେତ୍ରକୁ ସୁରକ୍ଷା ବିସ୍ତାର କରିବା ଫଳରେ ଆନୁଷ୍ଠାନିକ ନିଯୁକ୍ତିକୁ ପରିବର୍ତ୍ତନକୁ ପ୍ରୋତ୍ସାହିତ କରାଯାଏ। ଏକ ବିବିଧ, ସୁରକ୍ଷିତ କର୍ମଶକ୍ତି ଉତ୍ପାଦନ ଏବଂ ସାମଗ୍ରିକ ଆର୍ଥିକ ସ୍ଥିରତାକୁ ସଦୃଢ଼ କରେ, ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି)-୫ (ଲିଙ୍ଗଗତ ସମାନତା) ଏବଂ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି)- ୮ (ସମାନ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି) ସହିତ ସମନ୍ୱୟ ରକ୍ଷା।

**ଭବିଷ୍ୟତର ମାର୍ଗ :** ଓଏସଏଚ ସଂହିତା, ୨୦୨୦, ଏକ ଦୀର୍ଘକାଳୀନ, ଲିଙ୍ଗ-ସମାବେଶୀ ଅଭିବୃଦ୍ଧି ନିମନ୍ତେ ରଣନୈତିକ ଲିଭର ଭଳି କାର୍ଯ୍ୟ କରିଥାଏ। ଏହାର ସମ୍ଭାବନାକୁ ସାକାର କରିବା ପାଇଁ, ଏହାକୁ ଏକ ଇକୋସିଷ୍ଟମ ମଧ୍ୟରେ କାର୍ଯ୍ୟ କରିବାକୁ ପଡିବ ଯାହା କାର୍ଯ୍ୟକ୍ଷେତ୍ର ପରିସ୍ଥିତି ଏବଂ ଯତ୍ନ ବୋଝ ଉଭୟକୁ ସମାଧାନ କରିବାକୁ ସମ୍ପୂର୍ଣ୍ଣ ଭାବରେ ସକ୍ଷମ। ଶିଶୁ ଯତ୍ନ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଏକ ପ୍ରମୁଖ ସ୍ତମ୍ଭ; ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଏବଂ ଜାତୀୟ କ୍ରେଚ୍ ଯୋଜନା ଭଳି ପଦକ୍ଷେପଗୁଡ଼ିକୁ ସମ୍ପ୍ରସାରଣ କାର୍ଯ୍ୟକୁ ନିଶ୍ଚିତ କରିପାରିବ ଯେ, ମହିଳାମାନଙ୍କୁ ଯତ୍ନ ଏବଂ ନିଯୁକ୍ତି ମଧ୍ୟରେ ଗୋଟିକୁ ବାଛିବାକୁ ବାଧ କରାଯାଇ ପାରିବନାହିଁ।

ଯେତେବେଳେ ସଂହିତା ଆନୁଷ୍ଠାନିକ କର୍ମଚାରୀମାନଙ୍କୁ ସୁରକ୍ଷା ଦିଏ, ଅସଂଗଠିତ କ୍ଷେତ୍ରରେ ମହିଳାମାନଙ୍କୁ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ଭଳି ସୁବିଧା ପାଇଁ ବିସ୍ତାରିତ ପ୍ରବେଶ ଆବଶ୍ୟକ। ମହିଳାମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଜଣାଇବା ସକାଶେ ତୃଣମୂଳ ସ୍ତରରେ ସଚେତନତା ଅଭିଯାନ ଅତ୍ୟାବଶ୍ୟକ। ନିଯୁକ୍ତିଦାତାମାନଙ୍କୁ ମଧ୍ୟ ଲିଙ୍ଗ-ସମ୍ବେଦନଶୀଳ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ପାଇଁ ଅଂଶୀଦାର ଭାବରେ ନିୟୋଜିତ କରାଯିବା ଆବଶ୍ୟକ, ଯେଉଁଥିରେ ନମନୀୟ ସମୟସୂଚୀ ଏବଂ ଶ୍ରମଦକ୍ଷତା ଡିଜାଇନ୍ ସାମିଲ।

ବିଶ୍ୱ ଅଭିଜ୍ଞତା ନିଶ୍ଚିତ କରେ ଯେ ଯତ୍ନ ଭିତ୍ତିଭୂମି ସହିତ ସମନ୍ୱିତ ଦୃଢ଼ ଓଏସଏଚ ଢାଞ୍ଚା ଅର୍ଥନୈତିକ ଅଂଶଗ୍ରହଣ ଏବଂ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)କୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ଭାରତ ପାଇଁ, ଜନସଂଖ୍ୟାଗତ ଏବଂ ସାଂରଚନିକ ପରିବର୍ତ୍ତନକୁ ନେଭିଗେଟ୍ କରିବା ପାଇଁ, ଏହି ସମନ୍ୱୟ ଏକାନ୍ତ କାମ୍ୟ। ଅନ୍ତର୍ଭୁକ୍ତ ନୀତି ଦ୍ୱାରା ସମର୍ଥିତ ଓଏସଏଚ କୋଡ୍‌ର ଦ୍ରୁତ କାର୍ଯ୍ୟାନ୍ୱୟନ, ମହିଳା କର୍ମଚାରୀଙ୍କ ସମ୍ଭାବନାକୁ ସହଜସାଧ୍ୟ କରିବ, ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଆଗକୁ ଅଗ୍ରସର ହେବ ଏବଂ ଏକ ପ୍ରତିଯୋଗିତାମୂଳକ, ସ୍ଥିର ଅର୍ଥନୀତିକୁ ସୁନିଶ୍ଚିତ କରିବ।





# ପଣ୍ୟ ପରିବହନରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଶୀର୍ଷରେ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାମଗ୍ରିକ ପଣ୍ୟ ପରିଚାଳନାରେ ଦେଶକୁ ନେତୃତ୍ୱ ଦେଇ ଚାଲିଛି । ଏହି ରେଳମଣ୍ଡଳ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ପ୍ରଭାବଶାଳୀ ୨୦୯ ନିୟୁତ ଟନ୍ ପଣ୍ୟ କାରବାର ହାସଲ କରିଛି ଯେଉଁଥିରେ ୧୧୫ ନିୟୁତ ଟନ୍ ପଣ୍ୟ ବୋଝେଇ ଏବଂ ୯୪ ନିୟୁତ ଟନ୍ ପଣ୍ୟ ଅପସାରଣ ଅନ୍ତର୍ଭୁକ୍ତ । ବିଳାସପୁର ରେଳମଣ୍ଡଳ ୧୬୯.୬ ନିୟୁତ ଟନ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଧାନବାଦ ରେଳମଣ୍ଡଳ ୧୫୨.୮ ନିୟୁତ ଟନ୍ ଏବଂ ଚକ୍ରଧରପୁର ରେଳମଣ୍ଡଳ ୧୪୫.୮ ନିୟୁତ ଟନ୍ ପଣ୍ୟ କାରବାରରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ମାତ୍ର ୨୩୫ ଦିନରେ (ଚଳିତ ଆର୍ଥିକ ବର୍ଷର ୨୧.୧୧.୨୦୨୫ ସୁଦ୍ଧା) ୨୦୦ ନିୟୁତ ଟନ୍ ପଣ୍ୟ ପରିଚାଳନା କରି ଏକ ନୂତନ ଜାତୀୟ ମାନଦଣ୍ଡ ସ୍ଥାପନ କରିଛି । ଏହା ଭାରତୀୟ ରେଳବାଇରେ ସବୁଠାରୁ ଦ୍ରୁତତମ ସଫଳତା ଯାହା ୨୦୨୪-୨୫ ରେ ଏହାର ୨୫୦ ଦିନର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ କେବଳ ନଭେମ୍ବର ୨୦୨୫ ରେ ଏହାର ସର୍ବଶ୍ରେଷ୍ଠ ୧୪.୪୪୧ ନିୟୁତ ଟନ୍ ପଣ୍ୟ ବୋଝେଇ ହାସଲ କରିଥିଲା ଯାହା ପୂର୍ବ ସମସ୍ତ ନଭେମ୍ବର ମାସ ପଣ୍ୟ କାରବାର ଯଥା ୧୨.୯୯୦ ନିୟୁତ ଟନ୍ (ନଭେମ୍ବର ୨୦୨୩); ୧୨.୭୮୦ ନିୟୁତ ଟନ୍ (ନଭେମ୍ବର ୨୦୨୧) ଏବଂ ୧୨.୬୯୦ ନିୟୁତ ଟନ୍ (ନଭେମ୍ବର ୨୦୨୪)କୁ ଅତିକ୍ରମ କରିଛି । ପ୍ରଥମ ଥର ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଯେକୌଣସି ନଭେମ୍ବରରେ ୧୪ ନିୟୁତ-ଟନ୍ ପଣ୍ୟ ବୋଝେଇ ଅତିକ୍ରମ କରି ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି । ଅଧିକ ପଣ୍ୟ ବୋଝେଇ ସହିତ, ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପଣ୍ୟ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ରେକର୍ଡ କରିଛି ଯେଉଁଥିରେ ନଭେମ୍ବର ୨୦୨୫ରେ ୧୩୭୦.୬୪ କୋଟି ଟଙ୍କା ଆୟ ଅନ୍ତର୍ଭୁକ୍ତ ଥିବାବେଳେ ଏହା ନଭେମ୍ବର ୨୦୨୪ରେ ୧୧୪୩.୨୦ କୋଟି ଠାରୁ ୧୯.୯% ବୃଦ୍ଧି ଘଟାଇଛି ଏବଂ ଏହା ୧୩.୮% ପଣ୍ୟ ବୋଝେଇ ଅଭିବୃଦ୍ଧିକୁ ପଛରେ ପକାଇଛି, ଯାହା ଉନ୍ନତ ପଣ୍ୟ ପରିବହନ ସଂରଚନା, ଉନ୍ନତ ଉପଲବ୍ଧତା ଏବଂ ଦକ୍ଷ ଲଜିଷ୍ଟିକ୍ସ ପରିଚାଳନାକୁ ପ୍ରତିଫଳିତ କରୁଛି ।

ଅନେକ ଟର୍ମିନାଲ ସେମାନଙ୍କର ସର୍ବୋତମ ମାସିକ କାର୍ଯ୍ୟଦକ୍ଷତା ହାସଲ କରିଛି । ସେଗୁଡିକ ମଧ୍ୟରୁ ଟାଟା ଷ୍ଟିଲ୍ ଲିମିଟେଡ୍, ଯଖପୁରା ୧୬୩ ରେକ୍ (ପୂର୍ବ ସର୍ବୋଚ୍ଚ: ଅକ୍ଟୋବର ୨୦୨୫ ରେ ୧୬୦ ରେକ୍) ଏହା ସହିତ ଏକ ଦୈନିକ ରେକର୍ଡ ସ୍ଥାପନ କରିଛି: ୩୦.୧୧.୨୦୨୫ ରେ ଯେଉଁଦିନ ୧୩ ରେକ୍ ଲୋଡ୍ ହୋଇଥିଲା । ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍, ସୁକିନ୍ଦା : ୫୩ ରେକ୍ (ପୂର୍ବ ସର୍ବୋଚ୍ଚ: ମେ ୨୦୨୫ ରେ ୪୯ ରେକ୍), ଆଇଓସିଏଲ ପେପ କୋକ ସାଇଡିଂ, ପାରାଦୀପ: ୩୪ ରେକ୍ (ପୂର୍ବ ସର୍ବୋଚ୍ଚ: ଡିସେମ୍ବର ୨୦୨୦ ରେ ୩୩ ରେକ୍) ପାରାଦୀପ ପୋର୍ଟ ଟ୍ରଷ୍ଟ ଫେଜ ଓଓ ର ଡିପ ଡ୍ରଟ ଆଇରନ ଓର ଆଣ୍ଡ କୋଲ ବର୍ଥସ, ପାରାଦୀପ: ୯.୨ ରେକ୍/ଦିନ (ପୂର୍ବ ସର୍ବୋଚ୍ଚ: ଜୁଲାଇ ୨୦୨୫ ରେ ୯.୧ ରେକ୍/ଦିନ) ।

ପ୍ରତିକୂଳ ପାଗ ମଧ୍ୟରେ ସଫଳତା : ଘୂର୍ଣ୍ଣିବଳୟ ପରିସ୍ଥିତି ଏବଂ ପ୍ରବଳ ବର୍ଷା ସମେତ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସତ୍ତ୍ୱେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ସୁନିଶ୍ଚିତ କରି ଦୃଢ଼ ଯୋଜନା, ସମନ୍ୱିତ ପ୍ରୟାସ ଏବଂ ବାସ୍ତବ-ସମୟ ନିରୀକ୍ଷଣ ମାଧ୍ୟମରେ ଉତ୍ତମ ପଣ୍ୟ ପରିବହନ ଦକ୍ଷତା ହାସଲ କରିଛି । ଦକ୍ଷ ରେକ୍ ଆବଣ୍ଟନ ଏବଂ ପରିବହନ; ପଣ୍ୟ ପରିବହନ ଗ୍ରାହକଙ୍କ ସହିତ ଘନିଷ୍ଠ ସମନ୍ୱୟ; ଉଚ୍ଚ-ସମ୍ପାଦନ ଟର୍ମିନାଲ କାର୍ଯ୍ୟ; ପରିଚାଳନା, ବାଣିଜ୍ୟିକ ଏବଂ ସହଭାଗୀ ଗୁଡ଼ିକର ଉତ୍ସର୍ଗୀକୃତ ପ୍ରୟାସ ଏବଂ ପୂର୍ବ ତଟ ରେଳ ପ୍ରଶାସନ ଅଧୀନରେ ଦୃଢ଼ ନେତୃତ୍ୱ ଦ୍ୱାରା ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସମ୍ଭବ ହୋଇପାରିଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ - ଭାରତର ପଣ୍ୟ ପରିବହନ ଅଭିବୃଦ୍ଧିର ନେତୃତ୍ୱ : ଉତ୍କର୍ଷତା ପାଇଁ ରେଳମଣ୍ଡଳର ନିରନ୍ତର ପ୍ରୟାସ ଭାରତର ଲଜିଷ୍ଟିକ୍ସ ଇକୋସିଷ୍ଟମକୁ ସୁଦୃଢ଼ କରିବା ଜାରି ରଖିଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ 'ଆମର ମିଶନର ଅଗ୍ରଗତି, ଆମର ଦୃଷ୍ଟିକୋଣ ପୂରଣ' ର ମୂଳମନ୍ତ୍ର ପ୍ରତି ପ୍ରତିବଦ୍ଧ, ସୁରକ୍ଷିତ, ଦକ୍ଷ ଏବଂ ଗ୍ରାହକ-ମୁଖୀ ପଣ୍ୟ ପରିବହନ ସୁନିଶ୍ଚିତ କରୁଛି ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଅସୁରକ୍ଷିତ : ୩ ବର୍ଷରେ ରେକର୍ଡକୁ ଆସିନି ଇଞ୍ଚେ ବି ଜାଗା

**ପୁରୀ, ନ୍ୟୁଜ ବ୍ୟୁରୋ**

୨୦୨୨ ମସିହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ଼ ଜମିର ପରିମାଣ ଯେତିକି ଥିଲା, ୨୦୨୫ରେ ବି ସେତିକି ଅଛି । ସରକାର ବିଧାନସଭାରେ ଏସମ୍ପର୍କରେ ରଖିଥିବା ତଥ୍ୟରୁ ସ୍ପଷ୍ଟ ହେଉଛି । ୨୬ ନଭେମ୍ବର ୨୦୨୨ରେ ତତ୍କାଳୀନ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ବିଧାନସଭାରେ ତଥ୍ୟ ରଖିଥିଲେ ଯେ ରାଜ୍ୟର ୨୪ ଜିଲ୍ଲାରେ ମହାପ୍ରଭୁଙ୍କ ନାମରେ ମୋଟ ୬୦,୪୨୬.୯୪୩ ଏକର ଜମି ଚିହ୍ନଟ ହୋଇଛି । ଯେତେବେଳେ କି ୩୮,୦୬୧.୮୯୨ ଏକର ଜମି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ହୋଇଛି । ସେହିପରି ୬ ରାଜ୍ୟରେ ମହାପ୍ରଭୁଙ୍କ ନାମରେ ୩୯୫.୨୫୨ ଏକର ଜମି ରହିଛି । ଚଳିତ ବିଧାନସଭା ଅଧିବେଶନରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏସଂକ୍ରାନ୍ତ ଲିଖିତ ପ୍ରଶ୍ନରେ ଗୃହରେ ରଖିଥିବା ଉତ୍ତରରେ ସମାନ ତଥ୍ୟ ରଖିଛନ୍ତି । ଅର୍ଥାତ ରାଜ୍ୟରେ



ମହାପ୍ରଭୁଙ୍କ ନାମରେ ମୋଟ ୬୦,୪୨୬.୯୪୩ ଏକର ଜମି ଚିହ୍ନଟ ହୋଇଛି । ଏହା ଭିତରୁ ୩୮,୦୬୧.୮୯୨ ଏକର ଜମି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ ହୋଇଛି । ଏହାବାଦ୍ ଅନ୍ୟ ୬ ରାଜ୍ୟରେ ମହାପ୍ରଭୁଙ୍କ ନାମରେ ୩୯୫.୨୫୨ ଏକର ଜମି ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ଏହି ତଥ୍ୟରୁ ଜଣାପଡୁଛି ଯେ ଏହି ୩ ବର୍ଷ ଭିତରେ ପ୍ରଶାସନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମକୁ ଇଞ୍ଚେ ବି ଜମି ଆଣି ପାରିନାହିଁ । ମହାପ୍ରଭୁଙ୍କ ଜମିର ସୁରକ୍ଷା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ସକ୍ରିୟ ଭାବେ ରାଜସ୍ୱ ମିସ୍ କେସ୍ ଫାଇଲ୍ କରୁଛି । ବିଭିନ୍ନ ବ୍ୟକ୍ତି, ମଠ ମହନ୍ତ ପ୍ରଭୃତିଙ୍କ ମାର୍ଫତରେ ଥିବା ଜମିଗୁଡ଼ିକୁ ତନଖି କରି ତହସିଲଦାରମାନେ ଆର୍ଓଆର୍ ସଂଶୋଧନ କରୁଛନ୍ତି । ମହାପ୍ରଭୁଙ୍କ ନାମରେ ଜମି ରେକର୍ଡ ପରେ ଏଠାରେ ଥିବା ଜବରଦଖଲ ହଟାଇବା ନିମନ୍ତେ ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟ ୧୯୫୫ର ୧୬-ଏ(୧) ଅନୁଯାୟୀ ମାମଲା କରାଯାଉଛି । ଓଡ଼ିଶା ପ୍ରିଭେନସନ ଅଫ୍ ଲ୍ୟାଣ୍ଡ ଏନ୍‌କ୍ରୋଚମେଣ୍ଟ ଆକ୍ଟ-୧୯୭୨ ଅନୁଯାୟୀ ଜବରଦଖଲ ହଟାଇବାକୁ ପଦକ୍ଷେପ ନିଆଯାଉଛି । ଏହାସତ୍ତ୍ୱେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଚିହ୍ନଟ ଜମିକୁ ମହାପ୍ରଭୁଙ୍କ ନାମରେ ରେକର୍ଡ ହୋଇପାରୁନାହିଁ ।

ସୂଚନାଥାଉକି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଅବଶିଷ୍ଟ ରେକର୍ଡ ହୋଇପାରିନଥିବା ଜମିକୁ ଆସନ୍ତା ୬ ମାସ ମଧ୍ୟରେ ସଂଶୋଧନ କରିବା ପାଇଁ ମୃଣାଳିନୀ ପାଢ଼ୀ ମାମଲାରେ ସୁପ୍ରିମକୋର୍ଟ ଆଦେଶ ଦେଇଥିଲେ ବୋଲି ତତ୍କାଳୀନ ଆଇନମନ୍ତ୍ରୀ ମନ୍ତ୍ରୀ ଗୃହରେ ଉତ୍ତର ରଖିଥିଲେ । ଯେତେବେଳେ କି ଏହି ସମୟରେ ୨୦୨୦-୨୧ ଓ ୨୦୨୧-୨୨ରେ ୪୦.୭୯୯ ଏକର ମହାପ୍ରଭୁଙ୍କ ଜମି ବିକ୍ରି ହୋଇଯାଇଥିବା ଜଣାଇଥିଲେ । ୧୦ ହଜାର ଏକରରୁ ଅଧିକ ଜମି ତହସିଲଦାରମାନଙ୍କ ଇଜିଲାସରେ ବିଚାରଧୀନ ଥିବା ବେଳେ ଏହାର ଫଇସଲା ନେଇ ପତ୍ରାଳାପ ଚାଲିଥିବା ତତ୍କାଳୀନ ମନ୍ତ୍ରୀ ଜଣାଇଥିଲେ ।

# ରାଷ୍ଟ୍ରୀୟ ପାଠଚର୍ଚ୍ଚା ରୂପରେଖର ସାନ୍ତାଳୀ ଅନୁବାଦ କର୍ମଶାଳା



**ରାଞ୍ଚି/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ସହଯୋଗରେ ଜାତୀୟ ଶିକ୍ଷାନୀତି ୨୦୨୦ର ପରିବର୍ଦ୍ଧିତ ସଂସ୍କରଣ ରାଷ୍ଟ୍ରୀୟ ପାଠ୍ୟଚର୍ଚ୍ଚା ରୂପରେଖର ପ୍ରାରମ୍ଭିକ ପର୍ଯ୍ୟାୟ ୨୦୨୨ ଓ ବିଦ୍ୟାଳୟ ଶିକ୍ଷା୨୦୨୩ର ସାନ୍ତାଳୀ ଭାଷାରେ ଅନୁବାଦ କର୍ମଶାଳା ଝାଡଖଣ୍ଡର ରାଞ୍ଚି ସ୍ଥିତ ରାଜ୍ୟ ଶିକ୍ଷା ଶିକ୍ଷକ ତାଲିମ ଓ ଗବେଷଣା କେନ୍ଦ୍ର ପରିସରରେ ଆରମ୍ଭ ହୋଇଛି । ଏହି ପାଞ୍ଚଦିନିଆ ଅନୁବାଦ କର୍ମଶାଳାକୁ କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ବିନ୍ଧ୍ୟାଞ୍ଚଳ ପାଣ୍ଡେ ଉଦ୍‌ଘାଟନ କରି ବହୁଭାଷିକତା ଆମ ଦେଶର ପରିଚୟ ବୋଲି ମତ ଦେଇଥିଲେ । ସହକାରୀ ନିର୍ଦ୍ଦେଶକ ମସୁଦା ଟୁଡୁ ପ୍ରାକ୍ ସ୍ୱାଧୀନତା କାଳରୁ ସ୍ୱାଧୀନତା ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ସାନ୍ତାଳୀ ଭାଷାର ଗଠନ ଓ ବ୍ୟବହାର ସମ୍ପର୍କିତ ଗବେଷଣା ବିଷୟରେ ବିଶଦ ବିବରଣୀ ଉପସ୍ଥାପନ କରିଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର ଏହି ଅନୁବାଦର ସଂଯୋଜକ ଭାବେ ଉପସ୍ଥିତ ରହି ଏହା ପୂର୍ବରୁ ହୋଇଥିବା ଓଡ଼ିଆ ଓ ବଙ୍ଗଳା ଭାଷାର ଅନୁବାଦ ଦୃଷ୍ଟାନ୍ତ ଦେଇଥିଲେ । ସାନ୍ତାଳୀ ଭାଷା ବିଶେଷଜ୍ଞ ଡ. ପ୍ରୀତି କୁଜୁର ସ୍ଥାନୀୟ ସଂଯୋଜିକା ଭାବେ କର୍ମଶାଳାର ଆଭିମୁଖ୍ୟ ଅବଗତ କରାଇଥିଲେ । ପ୍ରଥମ ପର୍ଯ୍ୟାୟରେ ପାଞ୍ଚଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅନୁବାଦ ଡିସେମ୍ବର ଶେଷ ସପ୍ତାହ ସୁଦ୍ଧା ସାରି ଏହାର ସମୀକ୍ଷା, ସଂଶୋଧନ ପରବର୍ତ୍ତୀ ପର୍ଯ୍ୟାୟରେ କରିବାକୁ ଧାର୍ଯ୍ୟ ହୋଇଛି । ପ୍ରକାଶଥାଉକି, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସହଯୋଗରେ ଓଡ଼ିଆ ଓ ବଙ୍ଗଳା ଅନୁବାଦ ହୋଇସାରିଥିବା ବେଳେ ମୈଥିଳୀ ଓ ସାନ୍ତାଳୀ ଅନୁବାଦ ଆରମ୍ଭ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ସଞ୍ଚାର ସାଥୀ' ଆପ୍‌ରେ ...

ଏବେ ପର୍ଯ୍ୟନ୍ତ ପ୍ରାୟ ୧.୭୫ କୋଟି ଫ୍ରାଡ୍ୟୁଲେଣ୍ଟ ମୋବାଇଲ୍ କନେକ୍ସନ ନିଷ୍କ୍ରିୟ କରାଯାଇଛି । ପ୍ରାୟ ୨୦ ଲକ୍ଷ ଚୋରି ହୋଇଥିବା ଫୋନ୍‌କୁ ଟ୍ରେସ୍ କରାଯାଇଛି । ୭.୫ ଲକ୍ଷ ଚୋରି ହୋଇଥିବା ଫୋନ୍ ସଫଳତାପୂର୍ବକ ଉପଭୋକ୍ତାଙ୍କୁ ଦିଆଯାଇଛି । ଉପଭୋକ୍ତାଙ୍କ ରିପୋର୍ଟିଂ ଏବଂ ପରିଚୟ ଆଧାରରେ ୨୧ ଲକ୍ଷ ଫୋନ୍ ନିଷ୍କ୍ରିୟ କରାଯାଇଛି । ୨୦୨୪ରେ ଦେଶ ଭିତରେ ୨୨,୮୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଠକେଇ ହୋଇଛି ।

## ମୁଖ୍ୟମନ୍ତ୍ରୀ ମେଧାବୀ...

ଯଦି ପରବର୍ତ୍ତୀ ଶିକ୍ଷାବର୍ଷରେ, ଛାତ୍ର ଏକ ନୂତନ କଲେଜରେ ପ୍ରବେଶ କରନ୍ତି ଏବଂ ପ୍ରଥମ ବର୍ଷରୁ ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରନ୍ତି, ତେବେ ସେ ନୂତନ ପାଠ୍ୟକ୍ରମର ସେହି ପ୍ରଥମ ବର୍ଷ ପାଇଁ ଇ-ମେଧାବୃତ୍ତି ଛାତ୍ରବୃତ୍ତି ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ ନାହିଁ । ଛାତ୍ର କେବଳ ନୂତନ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷରେ ଛାତ୍ରବୃତ୍ତି ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ ଏବଂ ଯେଉଁ ଶିକ୍ଷାବର୍ଷରେ ତାଙ୍କୁ କଲେଜରେ ପ୍ରବେଶ କରାଯାଇଥିଲା ସେହି ଶିକ୍ଷାବର୍ଷ ପାଇଁ ଅବ୍ୟବହୃତ ସ୍କୁଲ କୋଟା ଉପଲବ୍ଧ ହେଲେ ତାଙ୍କୁ ଇ-ମେଧାବୃତ୍ତି ପ୍ରଦାନ ପାଇଁ ବିବେଚନା କରାଯିବ । ଶିକ୍ଷାଗତ ରେକର୍ଡ,ଯୋଗ୍ୟତା ସ୍କଲାରସିପ୍ ପାଇଁ ବିଭିନ୍ନ ଯୋଗ୍ୟତା ବର୍ଗରେ ଦର୍ଶାଯାଇଥିବା ଯୋଗ୍ୟତା ପରୀକ୍ଷା ସହିତ ଜଡିତ ଟ୍ରାନ୍ସକ୍ରିପ୍ଟ କିମ୍ବା ମାର୍କ ସିଟ୍ । ଡିଜି ଲକର ମାଧ୍ୟମରେ ମାର୍କ ସିଟ୍ ଅପଲୋଡ୍ କରିବା କେବଳ ଅଣ-ସାମସ୍ ଏବଂ ଓଡ଼ିଶା ବାହାରର ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ । ୟୁଜି ପାଠ୍ୟକ୍ରମ ପାଇଁ ୨୫ ବର୍ଷ, ପିଜି ପାଠ୍ୟକ୍ରମ ପାଇଁ ୩୦ ବର୍ଷ, ବୈଷୟିକ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ୩୦ ବର୍ଷ ବୟସରୁ ଅଧିକ ବୟସର ଛାତ୍ରଛାତ୍ରୀମାନେ ଇ-ମେଧାବୃତ୍ତି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ହେବେ ନାହିଁ । ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ଏକ କମିଟି ଯୋଗ୍ୟ ଆବେଦନକାରୀଙ୍କୁ ଚୂଡ଼ାନ୍ତ କରିବେ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମାଟରେ ପ୍ରମାଣପତ୍ର ପୂରଣ ଏବଂ ଦସ୍ତଖତ କରିବା ପରେ ତାଲିକା ପଠାଇବେ, ଯେଉଁଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିବ ଯେ ଆବେଦନକାରୀ ଯୋଜନା ଅଧୀନରେ ଯୋଗ୍ୟ କି ନାହିଁ । ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ ସାମିଲ ହେବାକୁ ଚାହୁଁଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଉଚ୍ଚଶିକ୍ଷା ବିଭାଗକୁ ଇମେଲ ମାଧ୍ୟମରେ ଏକ ଆନୁଷ୍ଠାନିକ ଅନୁରୋଧ ଦାଖଲ କରିବାକୁ ପଡିବ ।

## ଗଞ୍ଜେଇ ଚାଷର...

ପି. ଅନ୍ୱେଷା ରେଡ୍ଡି, ଅଂଶ ଗ୍ରହଣ କରିଥିବା ସମସ୍ତ ଅଧିକାରୀମାନଙ୍କୁ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆୟୋଜିତ ଏହି ବୈଠକରେ ଆଇଜି ଏସଟିଏଫ୍ ସାର୍ଥକ ଷଡ଼ଙ୍ଗୀ, ଅତିରିକ୍ତ ଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ଅବକାରୀ ବିଭାଗ ଏବଂ ଓରସାକ୍ ର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ଏବଂ ଆଭାସୀ ମାଧ୍ୟମରେ ଜିଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନ ଅଧିକାରୀ ଏବଂ ଅବକାରୀ ଅଧିକ୍ଷକମାନ ଯୋଗ ଦେଇଥିଲେ ।

## 'ଅପରେସନ୍ ସିନ୍ଦୂର' ...

ରହିଛି ଏବଂ ପ୍ରକୃତରେ ଶେଷ ହୋଇନାହିଁ । ଅପରେସନ ସିନ୍ଦୁର ପାକିସ୍ତାନ ଉପରେ ଆର୍ଥିକ ଚାପ ପକାଇଛି, କାରଣ ସଂଘର୍ଷ ପରଠାରୁ ବହୁ ସଂଖ୍ୟକ ବାଣିଜ୍ୟ ଜାହାଜ ସେହି ଦେଶକୁ ଯାତ୍ରା କରିବାରୁ ବଞ୍ଚିତ ହୋଇଛନ୍ତି । ସେ କହିଛନ୍ତି ଯେ ଭାରତ ଅପରେସନ ସିନ୍ଦୁର ସମୟରେ ଇସଲାମାବାଦର ସାମରିକ ଭିତ୍ତିଭୂମିକୁ ନଷ୍ଟ କରିଛି, ଯାହା ପାକିସ୍ତାନକୁ ଯାତ୍ରା କରୁଥିବା ଜାହାଜ ପାଇଁ ବୀମା ମୂଲ୍ୟ ବୃଦ୍ଧି କରିଛି । ତ୍ରିପାଠୀ କହିଛନ୍ତି ଯେ ଭାରତୀୟ ନୌସେନା ଆଗାମୀ ଦଶନ୍ଧି ପାଇଁ ଏହାର ରଣନୈତିକ ଲକ୍ଷ୍ୟ ବିଷୟରେ ସ୍ପଷ୍ଟ ବୁଝାମଣା ସହିତ ଆଗକୁ ବଢୁଛି ।

## ବିଧାନସଭାରେ ପାରିତ ...

ପ୍ରଣୟନ କରିସାରିଛନ୍ତି । ଜନବିଶ୍ୱାସ ବିଲ୍ ଦ୍ୱାରା ଶାସନ ପରିଚାଳନା ସରଳ ହେବା ସହ ଅନୁପାଳନ ବୋଧ ହ୍ରାସ ହୋଇପାରିଥାଏ । ଏହା ନିବେଶ ଓ ଅଭିବୃଦ୍ଧିକୁ ମଧ୍ୟ ଉତ୍ସାହିତ କରିଥାଏ ଏବଂ ନାଗରିକମାନଙ୍କର ପ୍ରକ୍ରିୟାଗତ ତ୍ରୁଟି ପାଇଁ ଅପରାଧୀକ ଦଣ୍ଡବିଧାନ ନହୋଇ ପ୍ରତିବଦଳରେ ଅନୁପାଳନ ସୁବିଧା ଉପଲବ୍ଧ କରାଇଥାଏ । ମନ୍ତ୍ରୀ କହିଥିଲେ ଏହି ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ଓଡ଼ିଶା ଜନବିଶ୍ୱାସ ବିଲ୍ -୨୦୨୫ ପ୍ରସ୍ତୁତ କରାଯାଇଛି । ଗୁରୁତ୍ୱ ନଥିବା ଅପରାଧ ପାଇଁ ଦଣ୍ଡ ବିଧାନ ପରିବର୍ତ୍ତେ ଦେୱାନୀ ଦଣ୍ଡବିଧାନ ଲାଗୁ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । କ୍ଷୁଦ୍ର ଓ ପ୍ରକ୍ରିୟାଗତ ଅପରାଧକୁ ଅପରାଧ ମୁକ୍ତ କରିବା, କାରାଦଣ୍ଡ ପରିବର୍ତ୍ତେ ଆର୍ଥିକ ଦଣ୍ଡବିଧାନକୁ ଯୁକ୍ତିଯୁକ୍ତ କରିବ ଏବଂ ରାଜ୍ୟ ଆଇନରୁ ଅନାବଶ୍ୟକ ଅନୁପାଳନ ବୋଝକୁ ଦୂର କରିବା ପାଇଁ ଏହା ଏକ ଐତିହାସିକ ଆଇନ୍‌ଗତ ସଂସ୍କାର । ଏହି ପଦକ୍ଷେପ ନିବେଶ ପାଇଁ ଏକ ଆଶାନୁରୂପ ତଥା ଅନୁକୂଳ ବାତାବରଣ ସୃଷ୍ଟି କରିବା ସହ ବିଶ୍ୱାସ ଭିତ୍ତିକ ଓ ସୁବିଧା ଜନକ ଶାସନ ପ୍ରଣାଳୀକୁ ସଂଗଠିତ କରି ରାଜ୍ୟରେ ଇଜ୍ ଅଫ୍ ଡୁଇଂ ବିଜିନେସ୍‌କୁ ଗତି ଦେବା ସହିତ ଇଜ୍ ଅଫ୍ ଲିଭିଂକୁ ମଧ୍ୟ ସହଜ ଏବଂ ସୁଗୋମ କରିବାରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ । ମନ୍ତ୍ରୀଙ୍କ ଉତ୍ତର ପରେ ବିଲ୍‌ଟି ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା ।

## ଅଧା ରହିଗଲା ଜଗା ଦର୍ଶନ, ଦୁର୍ଘଟଣାରେ ୨ ମୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅଧା ରହିଗଲା ଜଗା ଦର୍ଶନ । ସଡକ ଦୁର୍ଘଟଣାରେ ଚାଲିଗଲା ୨ ଜୀବନ । ବଡଗଡ଼ ଥାନା ବିଜେବି ନଗର ଠାରେ ସକାଳୁ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା । ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ଘର ନୟାଗଡ଼ ହୋଇଥିବା ବେଳେ ସେମାନେ ବିଜେଇଏମ୍ ସ୍କୁଲ ନିକଟରେ ଥିବା ବସ୍ତିରେ ରହୁଥିଲେ । ଜଣଙ୍କ ନାଁ ଶୁଭମ ନାୟକ ହୋଇଥିବା ବେଳେ ଅନ୍ୟ ଜଣଙ୍କ ନାଁ ପ୍ରୀତିରଞ୍ଜନ ନାୟକ । ଦୁହିଁଙ୍କ ବୟସ ପାଖାପାଖି ୨୦ ବର୍ଷ ହେବ । ମଙ୍ଗଳବାର ସକାଳୁ ବାଇକ ଯୋଗେ ସେମାନେ ପୁରୀ ବାହାରିଥିଲେ । ଘରୁ ବାହାରିବା ବେଳେ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ଡିଭାଇଡର ରେ ପିଟି ହୋଇଥିଲେ । ପରେ ସେମାନଙ୍କୁ ହସ୍ପିଟାଲକୁ ନେବା ବାଟରେ ହିଁ ଦୁହିଁଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି ।



ଭୁବନେଶ୍ୱର : କଲମ୍ବୋରେ ଅନୁଷ୍ଠିତ ଅନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ ମ୍ୟାଚରେ ବିଜୟୀ ଭାରତୀୟ ଦଳରେ ଅଂଶଗ୍ରହଣ କରିଥିବା ଚାରି ଓଡ଼ିଆ ମହିଳା କ୍ରିକେଟ ଖେଳାଳିଙ୍କୁ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । (ଫଟୋ : ସମ୍ବାଦ କଳିକା)

# ଏବିପିଏମ୍‌ଜେଏୱାଇ - ଜିଜେଏୱାଇ କ୍ଷମତା ସମ୍ପନ୍ନ କମିଟି ବୈଠକରେ ନୂତନ ପଦକ୍ଷେପ ଅନୁମୋଦିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀମାନଙ୍କ ପାଇଁ ଅବିରତ, ନିର୍ବିଘ୍ନ ଓ ନିଶୁଳ୍କ ଚିକିତ୍ସା ସୁବିଧା ବଜାୟ ରଖିବା ନିମନ୍ତେ ଯୋଜନାର କ୍ଷମତା ସମ୍ପନ୍ନ କମିଟି ନୂଆ ରୋଗୀ – କୈନ୍ଦ୍ରିକ ପଦକ୍ଷେପ ଅନୁମୋଦନ କରିଛନ୍ତି । ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ଷମତା ସମ୍ପନ୍ନ କମିଟି ବୈଠକରେ ଏହି ପ୍ରସ୍ତାବ ଗୁଡିକ ଆଲୋଚିତ ହୋଇଥିଲା । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍. ଆଲୋଚନା ନିମନ୍ତେ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ ଏବଂ ରାଜ୍ୟ ଭରସା ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ବୃନ୍ଦା ଡି କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧୀୟ ସଦ୍ୟତନ ପ୍ରଦାନ କରିଥିଲେ । ଯୋଜନାର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ସଚିବ ଶ୍ରୀ ଆହୁଜା ତାଲିକାଭୁକ୍ତ ହସ୍ପିଟାଲ ମାନଙ୍କ ଦ୍ୱାରା ସନ୍ଦେହ ଜନକ ଚିକିତ୍ସା ବାବଦ ବିଲ ଦାଖଲ, ବୁଝାମଣା ପତ୍ର ସର୍ତ୍ତର ଉଲଂଘନ ଓ ଅନିୟମିତ କାର୍ଯ୍ୟ ବିରୁଦ୍ଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ପାଇଁ ଆୟୁଷ୍ମାନ ଯୋଜନାରେ ଅଙ୍କୋଲୋଜି, ହେମାଟୋଲୋଜି, ଚକ୍ଷୁ ଚିକିତ୍ସା ଆଦି ବିଭାଗର ୭୩ ଟି ନୂଆ ଚିକିତ୍ସା ପ୍ୟାକେଜ ଯୋଗ କରାଯିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ଏହା ସହ ରାଜ୍ୟ ପାଇଁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ପ୍ୟାକେଜ ସଂଖ୍ୟା ୨,୧୬୩ କୁ ବୃଦ୍ଧି ପାଇବ ।

# ରାଜସ୍ୱ ମନ୍ତ୍ରୀଙ୍କ ଆରଏସପି ସଂପ୍ରସାରଣକୁ ନେଇ ସମୀକ୍ଷା



**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଗତ ୨ ତାରିଖ ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ ରାଉରକେଲା ଗସ୍ତରେ ଆସି ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ଓ ବିସ୍ଥାପିତଙ୍କ ଥଇଥାନ, କ୍ଷତିପୂରଣ ସଂପର୍କରେ ପ୍ରଶାସନ ଓ ଆରଏସପି ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିଛନ୍ତି । ପ୍ରଶାସନ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ଡିଆଇସି ଆରଏସପି ଆଲୋକ ବର୍ମା ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ କି କି ପଦକ୍ଷେପ ନିଆ ଯାଉଛି ସେ ବିଷୟରେ ଅବଗତ କରାଇଥିଲେ । ବୈଠକରେ ସେ କହିଛନ୍ତି ଯେ ରାଉରକେଲା ଇସ୍ପାତ କକ୍ଷରଖାନାର ସଂପ୍ରସାରଣରେ ବିସ୍ଥାପିତଙ୍କର ସ୍ଥାନାନ୍ତରଣ ଓ ଥଇଥାନ ପ୍ରକ୍ରୟା ଏକ ମାନବୀୟ ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ଲୋକମାନେ ନିଜର ପୂର୍ବ ପୁରୁଷଙ୍କ ଜମି ହରାଉଛନ୍ତି । ସେଥିପାଇଁ ସରକାର ତାଙ୍କ ପ୍ରତି ସମ୍ବେଦନଶୀଳ । ଏଥିପାଇଁ ରାଜ୍ୟ ସରକାର ନୂଆ R&R Policy ୨୦୨୫ ଆଣିବାକୁ ଯାଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ବୈଠକରେ ସେ ପ୍ରଶାସନ ଓ ଆରଏସପି ଉଭୟ ପକ୍ଷ ସଂପ୍ରସାରଣ ଓ ଥଇଥାନ ପାଇଁ ନିଜନିଜର ଆବଶ୍ୟକତା ବିଷୟରେ ଚଳିତ ଡିସେମ୍ବର ମାସ ଶେଷ ସୁଦ୍ଧା ଏକ ସୂଚି ପ୍ରସ୍ତୁତ କରବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚି ପ୍ରସ୍ତୁତ କଲାପରେ ଜାନୁଆରୀ ମାସରେ ଭୁବନେଶ୍ୱରରେ ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ର ଆବଶ୍ୟକ ବିଭାଗ ସହିତ ବୈଠକ କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଆଜିର ଏହି ବୈଠକରେ ପ୍ରଶାସନ ଓ ଆରଏସପି ପକ୍ଷରୁ ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଜମିରେ ଜବରଦଖଲକାରୀଙ୍କ ସ୍ଥାନାନ୍ତରଣ, ବିସ୍ଥାପିତଙ୍କ ଥଇଥାନ ଶାନ୍ତିପୂର୍ଣ୍ଣ ଭାବରେ କିପରି କରାଯାଇପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା ।

ବୈଠକରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଅତିରିକ୍ତ ଜିଲ୍ଲାପାଳ ରାଉରକେଲା ଦୀନା ଦସ୍ତଗୀର, ରାଉରକେଲା ଏସପି ନିତେଶ ୱାଧୱାନୀ, ଆରଏସପି ପକ୍ଷରୁ ଜେନେରାଲ ମ୍ୟାନେଜର ବିଭାବସୁ ମଲିକ, ଡେପୁଟି ଜେନେରାଲ ମ୍ୟାନେଜର ସୁଧାଂଶୁ ମହାପାତ୍ର, ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

**OFFICE OF THE NOTIFIED AREA COUNCIL, PIPLI, DIST-PURI** C-1646

Letter No.2075 / Dt. 01.12.2025

**CORRIGENDUM NOTICE**

In pursuance of DTCN No-2036, dtd.24.11.2025 and Bid Reference No:- PIPILI- NAC-5(71)/2025-26, the all "C" & "D" class of contractors are eligible for participation in bidding process having no experience.

Yours Faithfully
Sd/- Executive Officer, Pipli N.A.C.
OIPR-13107/11/0010/2526

GOVT. OF ODISHA DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
PURI IRRIGATION DIVISION, PURI A-1039
E Mail I.D. eepuri_eicwr.od@nic.in.& eepuriirrigation@yahoo.com
No.3853(we) / Dated, Puri, the 29.11,2025
"e" PROCUREMENT NOTICE No. PID-04 OF 2025-26 (Double Cover)
Bid Identification No. PID-141 of 2025-26 to PID-150 of 20252-26

| | | | |
|---|---|---|---|
| 2. | Total No of package | :- | 10 Nos. (Double Cover) |
| 3. | Tender Cost | :- | 74.92 Lakhs to 83.68Lakhs |
| 4. | EMD | :- | As per Column No.6 (Online Payment Mode) |
| 5. | Class of contractor | :- | "B" Class |
| 6. | Cost of tender paper | :- | Rs.10000/- (Online Payment Mode) respectively shown as per Column No. 5 |
| 7. | Period of completion | :- | Five Calendar Months. |
| 8. | Technical Bid Opening | :- | Dt.16.12.2025 at 11.30 AM |
| 9. | Financial Bid Opening | :- | To be uploaded in Portal after evaluation of Technical Bids. (Cover-I) |
| 10 | Transparent lottery among L1 Bidders | :- | Dt.30.12.2025 at 11.30 AM onwards. |

| Procurement officer | Bid Identification No. | Availability of tender for on-line bidding From | Availability of tender for on-line bidding To | Last date and time of seeking tender clarification | Date & time of opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Puri Irrigation Division, Puri | PID-141 to PID-150 of 2025-26 | From 03.12.2025 10.30 AM | Upto 15.12.2025 5.30PM) | Upto 15.12.2025 upto 5.30PM) | Technical Bid (Cover-I) 16.12.2025 at 11.30AM O/o SE, Puri Irr. Division, Puri |

Further detail conditions can be seen from the Govt, website http.//www.tendersorissa.gov.in
All Corrigendum/cancellation of tender anything regarding tender will be shown in Govt, website only.

Sd/- Superintending Engineer
Puri Irrigation Division, Puri
OIPR-32011/11/0013/2526

**AFFIDAVIT**

By Virtue of an affidavit sworn before The Executive Magistrate Begunia, Dated-09/10/2025, I **Maguni Sahoo** aged 65 Years S/o Late Danardhan Sahoo, at Ganganagar Bhubaneswar, Ps:Khandagiri, Dist : Khordha, do Hereby Solemnly Affirms That in My Aadhar card Bearing No 338528997696 My Name recorded as Magni sahoo. That I do hereby declare that my correct name is Maguni Sahoo. That Maguni Sahoo and Magni Sahoo is one and same person For all purposes .

**(Maguni Sahoo)**

ଭୁବନେଶ୍ୱର
୦୩ ଡିସେମ୍ବର,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ମାତା ମଠରେ ଶ୍ରୀକୃଷ୍ଣଙ୍କ ପାଇଁ ପ୍ରସ୍ତୁତ ହେଲା ୮୭୫ପ୍ରକାର ବ୍ୟଞ୍ଜନ

**ପୁରୀ,୨/୧୨ ନ୍ୟୁଜ ବ୍ୟୁରୋ**



ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀ। ଏହି ଅବସରରେ ଶହେ କି ଦୁଇ ଶହ ପ୍ରକାର ନୁହେଁ ଭଳିକି ଭଳି ୮୭୫ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଛି। ପୁରୀ ବଳିଆପଣ୍ଡାସ୍ଥିତ ଗୌରବିହାର ବା ମାତା ମଠରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ୮୭୫ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଭୋଗ କରାଯାଇଛି। ପବିତ୍ର ବ୍ୟଞ୍ଜନ ଦ୍ୱାଦଶୀରେ ଶ୍ରୀରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ବ୍ୟଞ୍ଜନ ସେବନ କରି ପରମ ତୃପ୍ତି ଲାଭ କରିଛନ୍ତି ଶହ ଶହ ଶ୍ରଦ୍ଧାଳୁ। ଦୀର୍ଘ ବର୍ଷ ଧରି ଗୌରବିହାର ବା ମାତା ମଠରେ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ପାଳନ କରାଯାଉଛି। ଦ୍ୱାପର ଯୁଗର ଲୋକ କଥା ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ବ୍ୟଞ୍ଜନ ଦ୍ୱାଦଶୀକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଉଛି। ବିଶେଷ କରି ଗୌଡ଼ୀୟ ବୈଷ୍ଣବଙ୍କ ଦ୍ୱାରା ପ୍ରତି ବର୍ଷ ଏହି ଦିନରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥାଏ। ଦ୍ୱାପର ଯୁଗରେ ମା' ଯଶୋଦା ସ୍ନେହ, ଶ୍ରଦ୍ଧାର ସହ ଏହି ଦିନରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ବୈଷ୍ଣବ ଗୌଡ଼ୀୟ ମାନେ। ତେଣୁ ଶହେ କି ୨ ଶହ ପ୍ରକାର ନୁହେଁ ୮୭୫ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା ମାତା ମଠରେ। ଏହି ପର୍ବର ଯଥେଷ୍ଟ ପୂର୍ବରୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ଆରମ୍ଭ ହୁଏ ପ୍ରକ୍ରିୟା। ଗଞ୍ଜାମ, ଗଜପତି, ପୁରୀ ତଥା ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ରାଧାଙ୍କୁ ସ୍ମରଣ କରି ବହୁ ଶ୍ରମ କରି ବହୁ ବିଧି ବ୍ୟଞ୍ଜନ ପ୍ରସ୍ତୁତ କରିବା ସହ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ଏହାପରେ ସ୍ୱତନ୍ତ୍ର ପତ୍ରରେ ସମ୍ମିଳିତ ଭାବେ ସମସ୍ତେ ପ୍ରସାଦ ସେବନ କରିଥାନ୍ତି। ଚଳିତ ବର୍ଷ ପ୍ରସ୍ତୁତ ୮୭୫ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟରେ ରହିଥିଲା ସାଧା ମିଠା କାନିକା, ଖେଚୁଡ଼ି ଓ ଘିଅ ଅନ୍ନ ପରି ୧୭ ପ୍ରକାର ଅନ୍ନ, ୧୮ ପ୍ରକାର ଖିରି, ୫୧ ପ୍ରକାର ତରକାରି, ୧୬୧ ପ୍ରକାର ଚଟଣି। ପରିବା ସବୁ ଅମୁଣିଆ ହେବା ପରେ ଆରମ୍ଭ ହୋଇଥିଲା ବ୍ୟଞ୍ଜନ ପ୍ରସ୍ତୁତି। ଉଭୟ ମହିଳା ଓ ପୁରୁଷ ଭକ୍ତମାନେ ପରିବା କଟାକଟି ଓ ରୋଷେଇ କାର୍ଯ୍ୟରେ ଲାଗିଥିଲେ। ରୋଷେଇ ପାଇଁ ବ୍ୟବହୃତ ହୋଇଥିଲା ୨୦ଟି ଚୁଲି। ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ମାତା ମଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଗ୍ରହଣ କରି ନିଜକୁ ଭାଗ୍ୟବାନ ମନେ କରିଥିଲେ। ମଠ ମହନ୍ତ, ସଦସ୍ୟଙ୍କ ଉଦ୍ୟମ ଯୋଗୁଁ ଏତେ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିବା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି ମାତା ମଠର ମହନ୍ତ। ପ୍ରତି ବର୍ଷ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହେଉଥିବା ବେଳେ ଚଳିତବର୍ଷ ମାତା ମଠରେ ୮୭୫ ପ୍ରକାର ରେକର୍ଡ ସଂଖ୍ୟକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା।

## ଆଜି ମହାପ୍ରଭୁଙ୍କ ବନକଲାଗି ନୀତି

# ୫ ଘଣ୍ଟା ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ

**ଭୁବନେଶ୍ୱର,୨।୧୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ୩ ତାରିଖ ତଥା ବୁଧବାର ମାର୍ଗଶିର ଶୁକ୍ଳ ତ୍ରୟୋଦଶୀ ତିଥି। ଏହି ତିଥିରେ ବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ସେଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ପ୍ରାୟ ୫ ଘଣ୍ଟା ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ। ସନ୍ଧ୍ୟା ୫ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହିବ।



# 'ସେବାତୀର୍ଥ ନାଁ'ରେ ନାମିତ ହେଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ



**ନୂଆଦିଲ୍ଲୀ, ୨/୧୨**

ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ)ର ନୂଆ ପରିସରର ନାଁ ସେବାତୀର୍ଥ ରଖାଯାଇଛି। ଏହି ନୂଆ ପରିସରକୁ ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପ ଅନୁସାରେ ଡିଜାଇନ କରାଯାଇଛି ଏବଂ ଏଥିରେ କଥିତ ଭାବେ ଗୋଟିଏ ଛାତ ତଳେ ଅନେକ ପ୍ରମୁଖ କାର୍ଯ୍ୟାଳୟ ରହିବ। ପିଏମଓ ଏବେ ସାଉଥ୍ ବ୍ଲକ୍‌ରୁ ଏକ ନୂଆ ଅତ୍ୟାଧୁନିକ ପରିସରରେ ସ୍ଥାନାନ୍ତରିତ ହୋଇଯିବ। ରିପୋର୍ଟ ଅନୁସାରେ, ପ୍ରଧାନମନ୍ତ୍ରୀ ସେବା ତୀର୍ଥ-୧ରୁ କାର୍ଯ୍ୟ କରିବେ। ଏହି ଘଟଣାକ୍ରମ ଆଠଟି ରାଜ୍ୟ ଓ ଏକ କେନ୍ଦ୍ର ଶାସିତ ରାଜ୍ୟ ଦ୍ୱାରା ନିଜର ରାଜ୍ୟପାଳ/ଉପରାଜ୍ୟପାଳ ଆବାସର ନାଁ 'ରାଜଭବନ/ ରାଜ ନିବାସ'ରୁ ବଦଳି 'ଲୋକଭବନ / ଲୋକ ନିବାସ' କରିବାର ଗୋଟିଏ ଦିନ ପରେ ସାମ୍ନାକୁ ଆସିଛି। ଗୃହ ମନ୍ତ୍ରଣାଳୟ (ଏମଏଚଏ) ଏହି ସମ୍ବନ୍ଧରେ ଏକ ନିର୍ଦ୍ଦେଶ ଜାରି କରିଛି। ଗୃହ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକର ରାଜ୍ୟପାଳ ଓ କେନ୍ଦ୍ର ଶାସିତ ପ୍ରଦେଶ ଗୁଡ଼ିକର ଉପରାଜ୍ୟପାଳଙ୍କ ପ୍ରଧାନ ସଚିବ କିମ୍ବା ସଚିବଙ୍କୁ ଚିଠି ଜାରି କରି 'ରାଜଭବନ'ର ନାଁ ବଦଳାଇ 'ଲୋକଭବନ' କରିବାକୁ କହିଛି। ଉଲ୍ଲେଖନୀୟ ଯେ, ମୋଦି ସରକାରଙ୍କ ଗତ ୧୧ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଅନେକ ସ୍ଥାନ, ସଡ଼କ ଓ ସଂସ୍ଥାର ନାଁ ବଦଳା ଯାଇଛି। ସବୁଠୁ ପ୍ରମୁଖ ଉଦାହରଣ ରାଜପଥ ,ଯାହାର ନାଁ ବଦଳାଇ 'କର୍ତ୍ତବ୍ୟ ପଥ' କରି ଦିଆ ଯାଇଛି। ପ୍ରକୃତ କଥା ହେଲା, 'ରାଜପଥ' ଶବ୍ଦରେ ରାଜତନ୍ତ୍ର ଓ ଶକ୍ତିର ବୋଧଗମ ହେଉଥିଲା , ଯାହାକି କର୍ତ୍ତବ୍ୟ ପଥ ସ୍ପଷ୍ଟ ଭାବେ ଦର୍ଶାଏ ଯେ, କ୍ଷମତା କୌଣସି ଅଧିକାର କିମ୍ବା ବିଳାସର ସ୍ଥାନ ନୁହେଁ , ବରଂ କର୍ତ୍ତବ୍ୟ ଓ ଜନସେବାର ମାର୍ଗ ଅଟେ।

## ସୁପ୍ରିମକୋର୍ଟଙ୍କ କଡ଼ା ଟିପ୍ପଣୀ

# ବେଆଇନ ଭାବେ ଆସି ଅଧିକାର ମାଗୁଛନ୍ତି ରୋହିଙ୍ଗ୍ୟା

**ନୂଆଦିଲ୍ଲୀ,୨।୧୨**



ମଙ୍ଗଳବାର ସୁପ୍ରିମକୋର୍ଟ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ନିଖୋଜ ହେବା ଅଭିଯୋଗରେ ଏକ ଆବେଦନର ଶୁଣାଣି କରିଛନ୍ତି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି ଦେଶରେ ବେଆଇନ ଭାବରେ ପ୍ରବେଶ କରୁଥିବା ଲୋକଙ୍କୁ ନ୍ୟାୟପାଳିକା ସ୍ୱତନ୍ତ୍ର ସୁରକ୍ଷା ଦେବାର ଆଶା କରି ହେବ କି ? କୋର୍ଟ କହିଛନ୍ତି, 'ଉତ୍ତର-ପୂର୍ବରେ ଆମର ସୀମା ଅତ୍ୟନ୍ତ ସମ୍ବେଦନଶୀଳ। ଆମେ ଏହି ମାମଲାରେ କୌଣସି ବିପଦ ନେଇପାରିବୁ ନାହିଁ।' ଖଣ୍ଡପୀଠର ନେତୃତ୍ୱ ନେଉଥିବା ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, 'ଆପଣ କ'ଣ ଚାହାଁନ୍ତି ଯେ ଆମେ ସେମାନଙ୍କ ପାଇଁ ରେଡ୍ କାର୍ପେଟ ବିଛାଇବୁ ? ରୋହିଙ୍ଗ୍ୟାମାନେ ଅଣ୍ଡରଗ୍ରାଉଣ୍ଡ ରୁଟ୍ ଦେଇ ଭାରତରେ କାହିଁକି ପ୍ରବେଶ କରୁଛନ୍ତି ? ଆସିବା ପରେ ଖାଦ୍ୟ ଏବଂ ଆଶ୍ରୟ ଭଳି ମୌଳିକ ଅଧିକାର ଦାବି କରୁଛନ୍ତି।

ଉଲ୍ଲେଖନୀୟ ଯେ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ 'ହେଭିୟର୍ସ କର୍ପସ' ଆବେଦନ ଉପରେ ଶୁଣାଣି କରୁଥିଲେ। ଆବେଦନରେ ଅଭିଯୋଗ ରହିଥିଲା ଯେ, ମଇ ମାସରେ ଦିଲ୍ଲୀ ପୁଲିସ କିଛି ରୋହିଙ୍ଗ୍ୟା ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏହାପରେ ସେମାନେ ନିଖୋଜ ଅଛନ୍ତି। ଏଥିରେ ଦାବି କରାଯାଇଥିଲା ସେମାନଙ୍କୁ ଦେଶକୁ ଫେରାଇ ଅଣାଯାଉ। ଏହା ପୁରା ଆଇନଗତ ପକ୍ରିୟା ଭାବରେ ହେବା ଦରକାର।

ଲାଇଭ୍ ଲ'ର ରିପୋର୍ଟ ଅନୁସାରେ, ଶୁଣାଣି ବେଳେ ସିଜେଆଇ କହିଥିଲେ, ଭାରତ ସରକାରଙ୍କ କେଉଁ ନିର୍ଦ୍ଦେଶ ଅନୁଯାୟୀ ଶରଣାର୍ଥୀ ଘୋଷିତ କରାଯିବ ? ଶରଣାର୍ଥୀ ଏକ ବିବିଧ ପରିଭାଷିତ ଶବ୍ଦ। ଯଦି କେହି ଆଇନଗତ ମାନ୍ୟତା ପାଇ ନାହିଁ ତେବେ ସେ ଅନୁପ୍ରବେଶକାରୀ। ଆମର କ'ଣ ଏହା ଦାୟିତ୍ୱ ଯେ, ଆମେ ତାଙ୍କୁ ଏଠାରେ ରଖିବା ? ଯଦି ତାଙ୍କ ପାଖରେ ଭାରତରେ ରହିବାର ଆଇନଗତ ଅଧିକାର ନାହିଁ, ତେବେ ସେମାନେ ଅନୁପ୍ରବେଶକାରୀ। ଆମେ କ'ଣ ଉତ୍ତର ଭାରତର ଖୁବ୍ ସମ୍ବେଦନଶୀଳ ସୀମାରେ ଆସିଥିବା ଅନୁପ୍ରବେଶକାରୀଙ୍କୁ ରେଡ୍ କାର୍ପେଟ ବିଛାଇ ସ୍ୱାଗତ କରିବା ? ଆଦେନକାରୀଙ୍କ ଓକିଲ କହିଥିଲେ, ରୋହିଙ୍ଗ୍ୟାମାନେ ଶରଣାର୍ଥୀ ମାନ୍ୟତା ମାଗୁ ନାହାଁନ୍ତି, ବରଂ କେବଳ ଏହା ଦାବି କରୁଛନ୍ତି, କୌଣସି ନିର୍ବାସନ ପକ୍ରିୟା ଯଦି ହେଉଛି ତେବେ ତାହା ଆଇନ ଅନୁସାରେ ହେଉ। ଏହା ଉପରେ ସିଜେଆଇ କହିଥିଲେ, ପ୍ରଥମେ ରୋହିଙ୍ଗ୍ୟା ବେଆଇନ ଭାବରେ ଅନୁପ୍ରବେଶ କରିବେ। ସୁଡଙ୍ଗ ଖୋଳି, ବାଡ଼ କାଟି ଭାରତରେ ପ୍ରବେଶ କରିବେ। ଏହାପରେ କହିବେ ମୁଁ ଆସିଗଲି, ତେଣୁ ଭାରତର ଆଇନ ମୋ ଉପରେ ଲାଗୁ ହେଉ। ମୋତେ ଖାଦ୍ୟ, ରହିବାର ସ୍ଥାନ ଓ ପିଲାଙ୍କୁ ଶିକ୍ଷାର ସୁବିଧା ମିଳୁ। ଭାରତରେ କୋଟି କୋଟି ଗରିବ ନାଗରିକ ରହିଛନ୍ତି। ତାଙ୍କ ଉପରେ ଧ୍ୟାନ ଦେବା ଦରକାର। ତେବେ ସିଜେଆଇ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ବେଆଇନ ଭାବରେ ଯଦି କେହି ଆସୁଛି, ତେବେ ତା' ଉପରେ ଥାର୍ଡ ଡିଗ୍ରୀ କିମ୍ବା ଟର୍ଚ୍ଚର କରାନଯାଉ।

# ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ଦେଉଛନ୍ତି ପ୍ରାଥମିକତା

**ଭୁବନେଶ୍ୱର, ୨/୧୨**
**ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ୫୧ଟି ଇକୋ ଟ୍ୟୁରିଜିମ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ଆଗାମୀ ଦିନରେ ସମ୍ଭାବନା ରହିଥିବା ଅଞ୍ଚଳରେ ଏହାର ବିକାଶ ପାଇଁ ପ୍ରକଳ୍ପ ଆରମ୍ଭ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିଧାନସଭାରେ ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଏ ସମ୍ପର୍କିତ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ଗୌତମବୁଦ୍ଧ ଦାସ, ଦୁଷ୍ମନ୍ତ ସ୍ୱାଇଁ, ଦୁର୍ଗାପ୍ରସନ୍ନ ନାୟକ, ପ୍ରଦୀପ ଦିଶାରି, ଧ୍ରୁବ ସାହୁ ପ୍ରମୁଖଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ସାମୁଦ୍ରିକ ବେଳାଭୂମିର ସୁରକ୍ଷା ସହିତ ଜୈବ ବିବିଧତା, ବନ୍ୟଜନ୍ତୁ ସୁରକ୍ଷା, ଜାତୀୟ ଅଭୟାରଣ୍ୟ ଅଞ୍ଚଳରେ ବାସ କରୁଥିବା ପଶୁପକ୍ଷୀମାନଙ୍କର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି। ଯେଉଁସବୁ ଅଞ୍ଚଳରେ ପର୍ଯ୍ୟଟନର ବିପୁଳ ସମ୍ଭାବନା ରହିଛି ସେଠାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଇକୋ ଟ୍ୟୁରିଜିମ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଫିଜିବିଲିଟି ରିପୋର୍ଟ ଏବଂ ଟେକ୍ନିକାଲ କମିଟିର ସୁପାରିଶ ଆଧାରରେ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରକାଶ କରିଛନ୍ତି।

# ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ମୋ ମା ମୋ ପ୍ରେରଣା' ଉନ୍ମୋଚିତ



**ଭୁବନେଶ୍ୱର, ୨/୧୨**
**ନ୍ୟୁଜ ବ୍ୟୁରୋ**

ଶିକ୍ଷାବିତ୍ ତଥା ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ସଦ୍ୟତମ ପୁସ୍ତକ 'ମୋ ମା ମୋ ପ୍ରେରଣା' ଉନ୍ମୋଚିତ ହୋଇଯାଇଛି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡ. ସାମନ୍ତଙ୍କ ଅନ୍ୟ ପାଞ୍ଚଟି ପୁସ୍ତକ ମଧ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରଫେସର ଗଣେଶୀ ଲାଲ୍ ତାଙ୍କ ଭାଷଣରେ ଉପସ୍ଥିତ ସାହିତ୍ୟିକମାନଙ୍କୁ ଓଡ଼ିଶାରେ ତାଙ୍କର ପୂର୍ବ ସମୟ ସମ୍ପର୍କରେ ସ୍ମୃତିଚାରଣ କରି କହିଲେ, ଏଠାରେ ମୁଁ ପୂର୍ବ ଅପେକ୍ଷା ଅଧିକ ଗଭୀର ଭାବରେ ମା'ର ଅର୍ଥ ବୁଝିପାରିଲି। ଡ. ସାମନ୍ତଙ୍କ ମା'ଙ୍କୁ ପ୍ରଶଂସା କରି ସେ କହିଲେ, ଅଚ୍ୟୁତଙ୍କ ମାଆ ଗଭୀର ତ୍ୟାଗ କରିଥିଲେ ଏବଂ ଦେବକୀଙ୍କ ପରି ଜଣେ ମା' ଭାବରେ ଯିଏ ଜଗତକୁ କୃଷ୍ଣ ଆଣିଥିଲେ। ମା' ଅପରିହାର୍ଯ୍ୟ। ଯଦି ଆପଣ ଈଶ୍ୱରଙ୍କ ପାଖରେ ପହଞ୍ଚିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପ୍ରଥମେ ଆପଣଙ୍କ ମା'ଙ୍କୁ ସମ୍ମାନ କରିବାକୁ ପଡ଼ିବ। ଉତ୍ସବରେ ଭାଷଣ ଦେଇ ଡ. ସାମନ୍ତ ଅତୀତର ଏକ ଭାବପ୍ରବଣ ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ସେ କହିଲେ, 'ମୁଁ ମନେ ରଖିଛି ଯେତେବେଳେ ରାଜ୍ୟପାଳ ଭାବରେ ପ୍ରଫେସର ଗଣେଶୀ ଲାଲ ଥରେ ମୋର କାମ ଯୋଗୁଁ ଭିନ୍ନ ଗ୍ରହରୁ ଆସିଥିବା ବ୍ୟକ୍ତି ଭାବରେ ମୋତେ ବର୍ଣ୍ଣନା କରିଥିଲେ। ତାଙ୍କର ସ୍ନେହ ମୋତେ ସର୍ବଦା ଉତ୍ସାହିତ କରିଛି। ଗୀତା ଜୟନ୍ତୀ ଓ ଏକାଦଶୀ ଅବସରରେ ଡ. ସାମନ୍ତ ଉଲ୍ଲେଖ କରି କହିଲେ, ଏହି ପୁସ୍ତକ ଭଗବଦ୍ ଗୀତା ଓ ଭଗବାନ କୃଷ୍ଣଙ୍କ ଦିବ୍ୟ ବାଲ୍ୟରୀ ରୂପରେ ଶିକ୍ଷା ସହିତ ପ୍ରତୀକାତ୍ମକ ସଂଯୋଗ ଆଙ୍କିଥାଏ। ଯଦିଓ ଓଡ଼ିଆ ସଂସ୍କରଣ ଇଂରାଜୀ ସଂସ୍କରଣର ଆକ୍ଷରିକ ଅନୁବାଦ ନୁହେଁ, ଏଥିରେ ଗଭୀର ପ୍ରତିଫଳନ ଏବଂ ତାଙ୍କ ଜୀବନ ଓ ପ୍ରେରଣାର ଅତିରିକ୍ତ ଦିଗ ରହିଛି। 'ମୁଁ ଲୋକଙ୍କ ପ୍ରେମ ଏବଂ ସ୍ନେହ ଯୋଗୁଁ କଠିନ ପରିଶ୍ରମ କରେ। ମୋ ମାଆ ମୋତେ ସବୁବେଳେ ଶିଖାଇଥିଲେ ଯେ ଯଦି ମୁଁ କୌଣସି ଭୁଲ କରିନାହିଁ, ତେବେ ମୁଁ କାହାକୁ ଭୟ କରିବା ଉଚିତ୍ ନୁହେଁ। ସେ ଆହୁରି କହିଲେ, କିଟ ଓ କିସ୍ ହେଉଛି ଓଡ଼ିଶାର ସମ୍ପତ୍ତି ଏବଂ ସେ ହେଉଛନ୍ତି ଏହି ଅନୁଷ୍ଠାନର ରକ୍ଷକ। ପ୍ରଫେସର ଶଶାଙ୍କ ଚୂଡ଼ାମଣି ତାଙ୍କ ସଭାପତିତ୍ୱ ଭାଷଣରେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରାରମ୍ଭିକ ସଂଘର୍ଷମୟ ଦିନଗୁଡ଼ିକ ବିଷୟରେ କହିଥିଲେ, ଯାହାକୁ ପୁସ୍ତକରେ ଉପଯୁକ୍ତ ଭାବରେ ଉପସ୍ଥାପନ କରାଯାଇଛି। ବରିଷ୍ଠ ଲେଖକ ରକ୍ଷକ ନାୟକ ପୁସ୍ତକଟିକୁ 'ସାହସ ଏବଂ ପ୍ରେରଣାର କାହାଣୀରେ ପରିପୂର୍ଣ୍ଣ ଭଲ ଏବଂ କଷ୍ଟକର ସମୟର ମିଶ୍ରଣ' ଭାବରେ ବର୍ଣ୍ଣନା କରିଥିଲେ। ଶିକ୍ଷାବିତ୍ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକଟିର ସମୀକ୍ଷା କରିଥିଲେ। ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭକାର ଉମାପଦ ବୋଷ ମଧ୍ୟ ପୁସ୍ତକ ବିଷୟରେ କହିଥିଲେ ଓ 'ମୋ ମା ମୋ ପ୍ରେରଣା' ପ୍ରକାଶକ ବିଦ୍ୟାପୁରୀର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୃହରେ ଉଠିଲା ଆଞ୍ଚଳିକ ସମସ୍ୟା ଓ ରାଜ୍ୟ ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗ

**ଭୁବନେଶ୍ୱର, ୨/୧୨**
**ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ବିଧାୟକମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ଆଞ୍ଚଳିକ ସମସ୍ୟା ସହିତ ରାଜ୍ୟ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ବିଜେଡ଼ିର ବରିଷ୍ଠ ବିଧାୟକ ଗଣେଶ୍ୱର ବେହେରା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଦର୍ଶାଇଥିଲେ ଯେ, ବିଗତ ୮ ବର୍ଷ ଧରି ଓଇଆରସିର ନିର୍ଦ୍ଧାରିତ ଦର ଠାରୁ ଓଡ଼ିଶାରେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଟାଟା ପାୱାର ଖାଉଟିଙ୍କ ଠାରୁ ଅଧିକ ଦରରେ ବିଦ୍ୟୁତ୍ ଶୁଳ୍କ ଆଦାୟ କରି ଚାଲିଛନ୍ତି। ଏ ବାବଦରେ ସମ୍ପୃକ୍ତ ସଂସ୍ଥା ୭୧୪୫ କୋଟି ଟଙ୍କା ଖାଉଟିଙ୍କ ଠାରୁ ଅଧିକ ବିଦ୍ୟୁତ୍ ଶୁଳ୍କ ବାବଦରେ ନେଇଛନ୍ତି। ତୁରନ୍ତ ସରକାର ଏଥିରେ ହସ୍ତକ୍ଷେପ କରି ଖାଉଟିଙ୍କ ସ୍ୱାର୍ଥରକ୍ଷା ପାଇଁ ସୁଧ ସହ ଏହି ଅର୍ଥ ଖାଉଟିଙ୍କୁ ଫେରାଇବା ଲାଗି ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେବାକୁ ସେ ଦାବି ଜଣାଇଥିଲେ। କଂଗ୍ରେସ ବିଧାୟକ ସି.ଏସ୍ ରାଜନ ଏକ୍କା ସୁନ୍ଦରଗଡ଼ ଜିଲ୍ଲାରେ ଖଣି ଚୋରି ଦୁର୍ନୀତି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ଜଣାଇଥିବା ବେଳେ ବିଧାୟକ ରଘୁନାଥ ଜଗଦଳା ହାତୀ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ।

# ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ ବନ୍ଦୀ ଫେରାର ଘଟଣାକୁ ଦୁଇ ମାସ ବିତିଲା : ପତ୍ତା ପାଉନି ପୋଲିସ

**କଟକ, ୦୨/୧୨ ନ୍ୟୁଜ ବ୍ୟୁରୋ**

ରାଜ୍ୟ ପୁଲିସ ମୁଖ୍ୟାଳୟରୁ ବରିଷ୍ଠ ଅଧିକାରୀମାନେ ଲଗାତାର ସମନ୍ୱୟ ରଖୁଛନ୍ତି। ଅନ୍ୟ ରାଜ୍ୟ ପୁଲିସର ସହଯୋଗ ଆବଶ୍ୟକ ପଡ଼ିଲେ ତାହା ମଧ୍ୟ ତୁରନ୍ତ ଯୋଗାଇ ଦିଆଯାଉଛି। ତତ୍‌କ୍ଷଣାତ ଆହ୍ୱାନ୍ ପାଇଁ ଗୋଟିଏ ସ୍ୱତନ୍ତ୍ର ପୁଲିସ ଟିମ୍ ରାଜ୍ୟ ବାହାରେ ଦୀର୍ଘ ଦିନ ହେବ ଡେରା ପକାଇଛି। ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଭଳି ରାଜ୍ୟକୁ ଏହି ଟିମ୍ ଏକାଧିକ ଥର ଯାଇ ସାରିଲାଣି ହେଲେ ଫଳ ଶୂନ। ଚୌଦ୍ୱାର ଜେଲ୍‌ରୁ ଚମ୍ପଟ ମାରିଥିବା ଦୁଇ ବିହାରୀ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପୁଲିସ ଧରିବା ତ ଦୂରର କଥା, ସେମାନଙ୍କର ଛାଇ ବି ଏଯାବତ ଦେଖିପାରିନି। ଦୁଇ ଜଣଙ୍କୁ ଖୋଜିବାରେ ପୁରା ରାଜ୍ୟ ପୁଲିସ କଳ-ବଳ ଲଗାଇ ଗତ ଦୁଇ ମାସ ହେବ ଏକପ୍ରକାର ନୟାନ୍ତ ହେଲାଣି।

୨୦୨୫ ଜାନୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ପାଣିକୋଇଲିର ପଣ୍ଡା ଜୁଏଲାରୀରେ ହୋଇଥିବା ଲୁଟ୍ ଘଟଣାରେ ଦୁଇ ଅପରାଧୀ ବିହାରର ରାଜା ସାହାଣୀ ଓ ମଧୁକାନ୍ତ କୁମାର ଗିରଫ ହୋଇ ଚୌଦ୍ୱାର ଜେଲର ଦୁଇଟି ଭିନ୍ନ ସେଲ୍‌ରେ ରହିଥିଲେ। ମାତ୍ର ଦୁହେଁ ସେଠାରେ ରହିବାର ପ୍ରାୟ ୮ ମାସ ପରେ ଅର୍ଥାତ୍ ସେପ୍ଟେମ୍ବର ମାସ ୨ ତାରିଖ ରାତିରେ ସେଲର ଗ୍ରୀଲ୍ କାଟି ଦୁଇଟି ବଡ଼ ପାଚେରି ଡେଇଁ ଜେଲ୍‌ରୁ ଚମ୍ପଟ ମାରିଲେ। ଘଟଣା ପରଠୁ ଦୁଇ ଅପରାଧୀଙ୍କୁ ଖୋଜିବା ପାଇଁ ରାଜ୍ୟ ପୁଲିସ ତନାଘନା କରୁଥିଲେ ମଧ୍ୟ ଏଯାବତ ସେମାନଙ୍କର ଟେର୍ ମିଳିପାରିନି। ପ୍ରାଥମିକ ଭାବେ ଚୌଦ୍ୱାର ଥାନା ପୁଲିସ ଏହାର ତଦନ୍ତ କରୁଥିଲା। ପରେ ଡିଜିପିଙ୍କ ନିର୍ଦ୍ଦେଶରେ କମିସନରେଟ୍ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତାହାର ତଦନ୍ତ କରାଯାଉଛି। ତଦନ୍ତର ଗୋଟିଏ ସପ୍ତାହ ମଧ୍ୟରେ ସ୍ପଷ୍ଟ ହୋଇଯାଇଥିଲା ଯେ, ଦୁଇ ଅପରାଧୀ ରାଜ୍ୟ ଛାଡ଼ି ପଳାଇଛନ୍ତି। ତେଣୁ ଫୋକସ୍ ରାଜ୍ୟ ବାହାରେ ରହିଲା। ଓଡ଼ିଶା ପୁଲିସକୁ ଯେପରି ଅନ୍ୟ ରାଜ୍ୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନପଡ଼େ ସେଥିପାଇଁ କଟକ ସ୍ଥିତ ପୁଲିସ ମୁଖ୍ୟାଳୟରୁ ମଧ୍ୟ



ରାଜା ସାହାଣୀ



ମଧୁକାନ୍ତ କୁମାର

ଜଣେ ବରିଷ୍ଠ ଅଧିକାରୀ ସମନ୍ୱୟ ରଖି ଅନ୍ୟ ରାଜ୍ୟରେ ତଦନ୍ତରେ ସହଯୋଗ କରୁଛନ୍ତି। ତେବେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଅଭିଯୁକ୍ତଙ୍କୁ ନେଇ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ କରିବାକୁ ସ୍ୱତନ୍ତ୍ର ପୁଲିସ ଟିମ୍ ବିହାର ଯାଇ ଫେରିଲା। ଏହା ପରେ ସବୁ ଛୋଟ ବଡ଼ ସୁରାକକୁ ଏକାଠି କରି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ରାଜ୍ୟକୁ ଯାଇ ତଦନ୍ତ ଜାରି ରଖିଛି। ଏହା ମଧ୍ୟରେ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରକୁ ଏହି ତଦନ୍ତକାରୀ ଦଳ ଯାଇସାରିଛି। କେବଳ ବିହାର ରାଜ୍ୟକୁ ଏହି ଟିମ୍ ୪ ଥର ଗଲାଣି। ଏହା ମଧ୍ୟରେ ତଦନ୍ତକାରୀ ଦଳ ମୁମ୍ବାଇରେ ଅଛି। ଗୋଟିଏ ଛୋଟ ସୁରାକ ପାଇ ଗତ ସପ୍ତାହରେ ଦୁଇଟି ପୁଲିସ ଟିମ୍ ମୁମ୍ବାଇରେ ଏକା ସମୟରେ ଚଢ଼ଉ କରିଥିଲା। ମାତ୍ର କୁହାଯାଉଛି ଅଭିଯୁକ୍ତ ଦ୍ୱୟ ସେଠାରୁ ଚମ୍ପଟ ମାରିଲେ। ତଥାପି ସେଠାରେ ଗୋଟିଏ ଟିମ୍ ଏବେ ବି ଡେରା ପକାଇଛି। ତଦନ୍ତକାରୀ ଟିମ୍ ସଦସ୍ୟ ସନ୍ଦେହ କରୁଛନ୍ତି ଯେ, ଦୁହେଁ କାଳେ ଭାରତ ଛାଡ଼ି ବାହାରକୁ ଚାଲିଯାଇଛନ୍ତି। ଏପରିକି ସେମାନଙ୍କୁ ନେଇ ଯେଉଁସବୁ ସୂଚନା ବା ସୁରାକ ଆସୁଛି ତାହା କେବଳ ଭ୍ରମିତକରିବା ପାଇଁ। ଗୁରୁତ୍ୱପୂର୍ଣ୍ଣ ହେଉଛି ରାଜା ଓ ମଧୁକାନ୍ତ ଗିରଫ ହେବା ବିହାର ପୁଲିସ ପାଇଁ ମଧ୍ୟ ନିହାତି ଆବଶ୍ୟକ। ହେଲେ ବିହାର ପୁଲିସ ଏବେ ଆଉ ଓଡ଼ିଶା ପୁଲିସକୁ ସହଯୋଗ କରୁନି। ବିହାରରେ ନିର୍ବାଚନ ଚାଲିଥିବା ବେଳେ ସେଠାକାର ପୁଲିସ କିଛି ମାତ୍ରାରେ ସହଯୋଗ କରୁଥିଲା। ମାତ୍ର ଏବେ ଆଉ ବିହାର ପୁଲିସ ଧରାଛୁଆଁ ଦେଉନଥିବା ତଦନ୍ତକାରୀ ଦଳ କହୁଛି। ଅନ୍ୟପଟେ ଜେଲରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଫେରାର୍ ହେବା ପରେ ମଧ୍ୟ ଜେଲ୍ କର୍ତ୍ତୃପକ୍ଷଙ୍କ ଉପରେ ସେଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଏଯାବତ ହୋଇନି। କେବଳ ଜଣେ ୱାର୍ଡର, ଜଣେ ମୁଖ୍ୟ ୱାର୍ଡରଙ୍କୁ ନିଲମ୍ବନ କରାଯିବା ସହିତ ଜେଲରଙ୍କୁ ବଦଳି କରାଯାଇଛି। ପ୍ରକୃତରେ କାହା ପୃଷ୍ଠପୋଷକରେ ଦୁହେଁ ଏତେ ବଡ଼ ଜେଲରୁ ଚମ୍ପଟ ମାରିଲେ ତାହା ଏବେ ବି ରହସ୍ୟାବୃତ୍ତ। ଜେଲର କିଛି କର୍ମଚାରୀଙ୍କ ହାତ ବିନା ସେଠାରୁ ଫେରାର୍ ହେବା ଅସମ୍ଭବ। ତେବେ ଜେଲ୍ କର୍ମଚାରୀ ଓ କର୍ତ୍ତୃପକ୍ଷ ନିଜର ଦୋଷ ଘୋଡ଼ାଇବା ପାଇଁ ଲଗାତାର ଭାବେ ଉଦ୍ୟମ କରୁଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଛି।

## ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ

# ସାରା ବିଶ୍ୱର କଳାକାରମାନେ ସୃଜନଶୀଳତା ପ୍ରଦର୍ଶନ କରୁଛନ୍ତି

**କୋଣାର୍କ, ୨/୧୨ ନ୍ୟୁଜ ବ୍ୟୁରୋ**



ପ୍ରତିବର୍ଷ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବର ୧୫ତମ ସଂସ୍କରଣ। ଐତିହାସିକ କୋଣାର୍କ ସୂର୍ଯ୍ୟ ମନ୍ଦିର ନିକଟରେ ଏହା ଆରମ୍ଭ ହୋଇଛି। ୩୬ତମ କୋଣାର୍କ ମହୋତ୍ସବ ସହିତ ସମନ୍ୱୟ ରଖି ଏହି ପାଞ୍ଚ ଦିନିଆ ସାଂସ୍କୃତିକ ଉତ୍ସବ ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ସ୍ୱର୍ଣ୍ଣ ବାଲିକୁ ଚମତ୍କାର ମୂର୍ତ୍ତିର ଏକ ଖୋଲା ଆକାଶ ଗ୍ୟାଲେରୀରେ ପରିଣତ କରୁଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ବିଶ୍ୱର ବିଭିନ୍ନ ସ୍ଥାନରୁ ମାଷ୍ଟର ମୂର୍ତ୍ତିକାରମାନେ, ବିଭିନ୍ନ ଭାରତୀୟ ରାଜ୍ୟର ଅଂଶଗ୍ରହଣକାରୀ ଏବଂ ସ୍ପେନ୍, ପର୍ତ୍ତୁଗାଲ୍, ଜାପାନ, ଶ୍ରୀଲଙ୍କା ଏବଂ ରୁଷିଆ ଭଳି ଦେଶର ଅନ୍ତର୍ଜାତୀୟ କଳାକାରମାନେ ସାମିଲ ହୋଇଛନ୍ତି। ଏହି ମହୋତ୍ସବ ଭାରତ ଏବଂ ବିଦେଶର ପ୍ରାୟ ୧୪୦ ଜଣ କଳାକାରଙ୍କୁ ଏକତ୍ରିତ କରିଛି। ଯେଉଁମାନେ ପରିବେଶ ସଚେତନତା, ମହିଳା ସଶକ୍ତିକରଣ ଏବଂ ସାଂସ୍କୃତିକ ଗୌରବ ଉପରେ କେନ୍ଦ୍ରିତ। ଦୈନନ୍ଦିନ ବିଷୟବସ୍ତୁ ଉପରେ ମନୋରମ ବାଲୁକା ମୂର୍ତ୍ତି ନିର୍ମାଣ କରିବାକୁ ପ୍ରତିଯୋଗିତା କରନ୍ତି। ଏହି ମହୋତ୍ସବ ରଣନୀତିକ ଭାବରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅନୁଷ୍ଠିତ ହୁଏ। ଯାହା ପରିଦର୍ଶକମାନଙ୍କୁ ପ୍ରାଚୀନ ସ୍ଥାପତ୍ୟ ଏବଂ କ୍ଷଣସ୍ଥାୟୀ ଆଧୁନିକ କଳାର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରେ। ଏହି ମହୋତ୍ସବ କେବଳ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀମାନଙ୍କୁ ଆକର୍ଷିତ କରେ ନାହିଁ ବରଂ ସ୍ଥାନୀୟ କାରିଗରମାନଙ୍କ ପ୍ରତିଭାକୁ ମଧ୍ୟ ପାଳନ କରେ। ଏହି ମହୋତ୍ସବ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ବାଲୁକା ମୂର୍ତ୍ତିକାରର ସମୃଦ୍ଧ କଳାକୃତିକୁ ପାଳନ କରିବା ଏବଂ କଳାକାରମାନଙ୍କୁ ଚିନ୍ତାଧାରା ଏବଂ କୌଶଳ ଆଦାନପ୍ରଦାନ ପାଇଁ ଏକ ମଞ୍ଚ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ମହୋତ୍ସବର ପରିଦର୍ଶକମାନେ ସମଗ୍ର କାର୍ଯ୍ୟକ୍ରମରେ ଏହି କ୍ଷଣସ୍ଥାୟୀ କୃତିଗୁଡ଼ିକର ବିବର୍ତ୍ତନ ଦେଖିପାରିବେ। ମୂର୍ତ୍ତିଗୁଡ଼ିକ, ସେମାନଙ୍କର ଅସ୍ଥାୟୀ ପ୍ରକୃତି ସତ୍ତ୍ୱେ, ସେମାନଙ୍କର ଜଟିଳ ବିବରଣୀ ଏବଂ କୁଶଳୀ ହାତ ଯୋଗୁଁ ଏକ ସ୍ଥାୟୀ ଛାପ ଛାଡିଯାଏ ଯାହା ସେମାନଙ୍କୁ ଜୀବନ୍ତ କରିଥିଲା।